RNI No.ODIODI/2010/33031
୧୭ ବର୍ଷ Volume-17
ISSUE -98 ସଂଖ୍ୟା-୯୮
ଭୁବନେଶ୍ୱର, ଗୁରୁବାର ୨୫ ଜୁନ୍ ୨୦୨୬
Bhubaneswar, Thursday 25 June, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଆଠୱାଲେ

ଭୁବନେଶ୍ୱର, ୨୪।୬(ନି.ପ୍ର.): ଓଡ଼ିଶାରେ ସାମାଜିକ ନ୍ୟାୟ ଓ କଲ୍ୟାଣମୂଳକ ଯୋଜନାକୁ ଆହୁରି ସୁଦୃଢ଼ କରିବା ନେଇ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସହଯୋଗ ବଢ଼ାଇବା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ବୁଧବାର ଲୋକସେବା ଭବନରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଆଠୱାଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି।

ଏହି ସାକ୍ଷାତକାର ସମୟରେ ଓଡ଼ିଶାରେ ସାମାଜିକ ନ୍ୟାୟ, ଦୁର୍ବଳ ଓ ଅସହାୟ ବର୍ଗଙ୍କ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଯୋଜନାର କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା। ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ସରକାରୀ ଯୋଜନାର ସୁଫଳ କିପରି ଅଧିକ ଲୋକଙ୍କ ପାଖରେ ପହଞ୍ଚିବ, ସେଥିପାଇଁ ଉଭୟ ସରକାର ମିଳିତ ଭାବେ କାମ କରିବାକୁ ସହମତ ହୋଇଥିଲେ।

ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ସେ କହିଥିଲେ, ମଧୁବାବୁ ପେନସନ ଯୋଜନାରେ ଆହୁରି ୬ ଲକ୍ଷ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ଯୋଗ୍ୟ ପରିବାରମାନଙ୍କୁ ଅତିରିକ୍ତ ୫ କିଲୋଗ୍ରାମ ଚାଉଳ ପ୍ରଦାନ କରାଯାଉଛି।ମୁଖ୍ୟମନ୍ତ୍ରୀ କହିଥିଲେ, ସମାଜର ଦୁର୍ବଳ ଓ ବଞ୍ଚିତ ବର୍ଗଙ୍କ ଜୀବନମାନର ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ସମସ୍ତ ହିତାଧିକାରୀଙ୍କ ନିକଟରେ ସରକାରୀ ସହାୟତା ପହଞ୍ଚାଇବାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ରାମଦାସ ଆଠୱାଲେ ମଧ୍ୟ ଓଡ଼ିଶାରେ ସାମାଜିକ କଲ୍ୟାଣ କ୍ଷେତ୍ରରେ ହେଉଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ। ଶେଷରେ ଉଭୟ ନେତା ସାମାଜିକ ସୁରକ୍ଷା ଓ କଲ୍ୟାଣ ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ କେନ୍ଦ୍ର-ରାଜ୍ୟ ସମନ୍ୱୟକୁ ଆହୁରି ମଜବୁତ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

ଖାମେନେଇଙ୍କ ଅନ୍ତିମ ସଂସ୍କାରରେ ସାମିଲ ହେବାକୁ ମୋଦିଙ୍କୁ ନିମନ୍ତ୍ରଣ

ନୂଆଦିଲ୍ଲୀ, ୨୪।୬: ଆମେରିକା ସହ ଯୁଦ୍ଧ ବେଳେ ପ୍ରାଣ ହରାଇଥିବା ଇରାନର ପୂର୍ବତନ ସୁପ୍ରିମ ଲିଡର ଅୟାତୋଲ୍ଲା ଅଲୀ ଖାମେନେଇଙ୍କ ଅନ୍ତିମ ସଂସ୍କାର ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଇରାନ। ଫେବୃଆରୀ ଏୟାର ଷ୍ଟ୍ରାଇକରେ ଅଲୀ ଖାମେନେଇଙ୍କ ଦେହାନ୍ତ ହୋଇଥିଲେ ହେଁ ଯୁଦ୍ଧ ଯୋଗୁ ଇରାନ ତାଙ୍କର ଅନ୍ତିମ ସଂସ୍କାର କରି ନଥିଲା।ଏବେ ଆମେରିକା ସହ ଶାନ୍ତି ଚୁକ୍ତି ସ୍ୱାକ୍ଷର ହୋଇଥିବାରୁ ଇରାନ ଖାମେନେଇଙ୍କ ଅନ୍ତିମ ଶୋଭାଯାତ୍ରା ପାଇଁ ପଦକ୍ଷେପ ନେଇଛି। ଖାମେନେଇଙ୍କ ଅନ୍ତିମ ସଂସ୍କାରରେ ସାମିଲ ହେବାକୁ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିମନ୍ତ୍ରଣ କରିଥିବା ଜଣାପଡିଛି। ଅଲୀ ଖାମେନେଇଙ୍କ ଅନ୍ତିମ ଶୋଭାଯାତ୍ରା କାର୍ଯ୍ୟକ୍ରମ ଜୁଲାଇ ୪ରୁ ଆରମ୍ଭ ହେବ ଓ ଜୁଲାଇ ୯ରେ ତାଙ୍କ ଜନ୍ମସ୍ଥାନ ଉତ୍ତର-ପୂର୍ବ ଇରାନର ପବିତ୍ର ସହର ମଶାଦରେ ସେ କବର ନେବେ। ଏଥିପାଇଁ ଇରାନ ରାଷ୍ଟ୍ରପତିଙ୍କ ପକ୍ଷରୁ ମୋଦିଙ୍କ ନିମନ୍ତ୍ରଣ କରାଯାଇଛି।୮୬ ବର୍ଷୀୟ ଖାମେନେଇ ଫେବୃଆରୀ ୨୮ରେ ତେହରାନ ଉପରେ ହୋଇଥିବା ଇସ୍ରାଏଲ ଓ ଆମେରିକାର ମିଳିତ ଏୟାର ଷ୍ଟ୍ରାଇକରେ ପ୍ରାଣ ହରାଇଥିଲେ। ଯୁଦ୍ଧର ପ୍ରଥମ ଦିନରେ ଅଲୀ ଖାମେନେଇଙ୍କ ସମେତ ତାଙ୍କ ପରିବାରର ଅନେକ ସଦସ୍ୟ ଓ ବରିଷ୍ଠ ଅଧିକାରୀମାନଙ୍କ ମୃତ୍ୟୁ ହୋଇଥିଲା। ଅଲୀ ଖାମେନେଇ ୩୬ ବର୍ଷ ଧରି ଇସଲାମିକ ରିପବ୍ଲିକ୍ ଅଫ୍ ଇରାନର ସର୍ବୋଚ୍ଚ ନେତା ଭାବେ କାର୍ଯ୍ୟ କରୁଥିଲେ।

ରଥଯାତ୍ରା ପାଇଁ ୧୩ ଓଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ

ପୁରୀ, ୨୪।୬(ନି.ପ୍ର.): ଚଳିତ ବର୍ଷ ରଥଯାତ୍ରାକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ କରିବାକୁ ରାଜ୍ୟ ସରକାର ପ୍ରତ୍ୟେକ କ୍ଷେତ୍ରରେ ସଜାଗ ହେଉଛନ୍ତି । ରଥଯାତ୍ରାର ସୁପରିଚାଳନା ପାଇଁ ପୁରୀରେ ୧୩ ଓଏଏସ୍ ଅଧିକାରୀଙ୍କୁ ନିଯୁକ୍ତ କରିଛନ୍ତି ସରକାର । ଅଫିସର ଅନ୍ ସ୍ପେଶାଲ୍ ଡ୍ୟୁଟି ଭାବେ ଦାୟିତ୍ୱ ଦିଆଯାଇଛି । ସ୍ନାନ ଯାତ୍ରାର ଅବ୍ୟବହିତ ପୂର୍ବରୁ ଅର୍ଥାତ ଜୁନ ୨୫ରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଅର୍ଥାତ ଜୁଲାଇ ୨୭ ଯାଏଁ ପୁରୀରେ ରହି ଜିଲ୍ଲା ପ୍ରଶାସନକୁ ସହଯୋଗ କରିବେ । ପୁରୀ ଜିଲ୍ଲାପାଳଙ୍କୁ ଜୁନ ୨୫ ତାରିଖରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଶୁଭନନ୍ଦ ମହାପାତ୍ର, ଅତିରିକ୍ତ ଏସଆରସି ସୁଭାଷ ଚନ୍ଦ୍ର ନାଥଶର୍ମା, କ୍ରୀଡ଼ା ବିଭାଗ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ବିହନ କର୍ପୋରେସନ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ନିତି ରଞ୍ଜନ ସେନ, ଅବକାରୀ ବିଭାଗ ଅତିରିକ୍ତ ସଚିବ ଦେବାଶିଷ ପଟ୍ଟନାୟକ ଏବଂ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ଉପ ସଚିବ ଜିତେନ୍ଦ୍ର କୁମାର ବେହେରାଙ୍କୁ ରଥ ଯାତ୍ରା ଦାୟିତ୍ୱରେ ନିଯୁକ୍ତ କରାଯାଇଛି ।

ସେହିପରି ଇଡ଼କୋ ଲ୍ୟାଣ୍ଡ ଅଫିସର ବିଜୟ କୁମାର ନାୟକ ଓ ସୁବ୍ରତ ଜେନା, ଗଞ୍ଜାମ ଜିଲ୍ଲା ପରିଷଦ ଅତିରିକ୍ତ ଇଓ ବିଜୟ କୁମାର ଜେନା, ବରଗଡ଼ ଜିଲ୍ଲା ପରିଷଦ ଅତିରିକ୍ତ ଇଓ କିଶୋର କୁମାର ପଣ୍ଡା, ପର୍ଯ୍ୟଟନ ବିଭାଗ ଉପ ସଚିବ ମନୋଜ କୁମାର ବେହେରା ଏବଂ ଲ୍ୟାଣ୍ଡ ଅଫିସର୍ ହେମନ୍ତ ଭାରିମଲଙ୍କୁ ରଥ ଯାତ୍ରା ଦାୟିତ୍ୱ ମିଳିଛି ।

ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ; ବ୍ୟାଙ୍କ-ଆଇଟି ସେୟାର ମୂଲ୍ୟରେ ବୃଦ୍ଧି

ନୂଆଦିଲ୍ଲୀ୨୪।୬(ନି.ପ୍ର.): ଅଶୋଧିତ ତେଲ ମୂଲ୍ୟରେ ହ୍ରାସ ଓ ବ୍ୟାଙ୍କ ତଥା ଆଇଟି ସେୟାର ମୂଲ୍ୟରେ ବୃଦ୍ଧି ଘଟିବାରୁ ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୭୯୧ ପଏଣ୍ଟ ବୃଦ୍ଧି ପାଇ ୭୬,୯୯୧.୨୨ ପଏଣ୍ଟରେ ବନ୍ଦ ହୋଇଛି। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ୧୯୭ ପଏଣ୍ଟ୍ ବୃଦ୍ଧି ପାଇ ୨୪,୦୨୧ ପଏଣ୍ଟ୍‌ରେ ବନ୍ଦ ହୋଇଛି।

ଗତକାଲି ଉଭୟ ସୂଚକାଙ୍କରେ ବଡ ଧରଣର ହ୍ରାସ ଘଟିଥିବା ଓ ନିବେଶକମାନେ ପ୍ରାୟ ୬ ଲକ୍ଷ କୋଟି ଟଙ୍କା ହରାଇଥିଲେ। ଆଜି ସେଥିରେ ବ୍ୟାପକ ସୁଧାର ଘଟିଛି। ଆଜି ସେୟାର ବଜାର କାରବାରରେ ହୋଇଥିବାର ବୃଦ୍ଧିର ଏକ ବଡ କାରଣ ହେଉଛି ଅଶୋଧିତ ତେଲ ଦରରେ ହ୍ରାସ ଯାହା ବ୍ୟାରେଲ ପ୍ରତି ୭୫.୯୦ ଡଲାରକୁ ହ୍ରାସ ପାଇଛି। ଗତ ଫେବ୍ରୁଆରିରେ ଇରାନ ଯୁଦ୍ଧ ଆରମ୍ଭ ହେବା ପରେ ଏହାର ତେଲର ସର୍ବନିମ୍ନ ସ୍ତର। ଯଦି ଏହି ସ୍ତରରେ ତାହା ରହିବ ତେବେ ଭାରତର ଅଭିବୃଦ୍ଧି ବିବା ଓ ମୁଦ୍ରାସ୍ଫୀତି ହ୍ରାସ ପାଇବାର ସମ୍ଭାବନା ସୃଷ୍ଟି ହେବ। ସେଥିପାଇଁ ନିବେଶକମାନେ ଉତ୍ସାହିତ ହୋଇ ବିଭିନ୍ନ କମ୍ପାନିର ସେୟାର କ୍ରୟ କରିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ସୁଧ ହାର ବିବାର ସମ୍ଭାବନା କମ୍ ଥିବା ନେଇ ଦେଇଥିବା ମନ୍ତବ୍ୟ ମଧ୍ୟ କାରବାର ଆଗକୁ ଗତି କରିବାରେ ସହାୟକ ହୋଇଥିଲା। ସୁଧ ନ ବିଲେ ଋଣ ସୁଧ କମ୍ ରହିବ ଯାହା ଦେଶର ଅର୍ଥନୈତିକ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ଅନ୍ୟ ଏକ ସକାରାତ୍ମକ ଦିଗ ହେଉଛି ଭାରତ ଓ ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ ଆଲୋଚନା ମଧ୍ୟ ସକାରାତ୍ମକ ଢଙ୍ଗରେ ଶେଷ ହୋଇଛି।

ନିଟ୍ ୟୁଜି ପୁନଃ ପରୀକ୍ଷା ପରିଚାଳନାକୁ ପ୍ରଶଂସା କଲେ ମୋଦୀ

ନୂଆଦିଲ୍ଲୀ, ୨୪।୬(ନି.ପ୍ର.): ବୁଧବାର ଦିନ ମୋଦୀ କ୍ୟାବିନେଟର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପିଏମ୍ ମୋଦୀ ନିଟ୍ ପୁନଃ ପରୀକ୍ଷା ନେଇ ମନ୍ତ୍ରୀମାନଙ୍କୁ ପ୍ରଶଂସା କରିଛନ୍ତି। ପିଏମ୍ କହିଛନ୍ତି, ମନ୍ତ୍ରୀମାନେ ନିଟ୍ ପୁନଃ ପରୀକ୍ଷାକୁ କୌଣସି ଅସୁବିଧା ବିନା ଶେଷ କରିବା ପାଇଁ ସାମୂହିକ ପ୍ରୟାସ କରିଥିଲେ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସରକାରଙ୍କ ଦୃଷ୍ଟିକୋଣ ସ୍ପଷ୍ଟ ଦେଖାଯାଇଥିଲା। ଏହି ସମୟରେ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ଯେ ଏହି ମଡେଲ୍‌କୁ ପ୍ରତ୍ୟେକ ଅବସରରେ ଆପଣାଯିବା ଉଚିତ୍।

ପିଏମ୍ ମୋଦୀ ଆଜିର ବୈଠକରେ ନିଜ ମନ୍ତ୍ରୀମଣ୍ଡଳର ସଦସ୍ୟମାନଙ୍କୁ କହିଛନ୍ତି, ଯଦି ସମସ୍ତେ ମିଶି କାମ କରିବେ, ତେବେ ଯେକୌଣସି ଆହ୍ୱାନର ସାମ୍ନା କରାଯାଇପାରିବ ଏବଂ ତାହାକୁ ପାର୍ ମଧ୍ୟ କରାଯାଇପାରିବ। ସୂଚନାଯୋଗ୍ୟ ଯେ, ଜୁନ୍ ୨୧ ରେ ଅନୁଷ୍ଠିତନିଟ୍ ୟୁଜି ପୁନଃ-ପରୀକ୍ଷାରେ ଦେଶ ଓ ବିଦେଶର ୧୪ଟି କେନ୍ଦ୍ର ସମେତ ମୋଟ ୫,୪୪୦ଟି ପରୀକ୍ଷା କେନ୍ଦ୍ରରେ ୨୦ ଲକ୍ଷରୁ ଅଧିକ ପରୀକ୍ଷାର୍ଥୀ ସାମିଲ ହୋଇଥିଲେ। ଏହି ପରୀକ୍ଷା ହିନ୍ଦୀ ଏବଂ ଇଂରାଜୀ ସମେତ ୧୩ଟି ଭାଷାରେ ଆୟୋଜିତ ହୋଇଥିଲା।

ପରୀକ୍ଷାକୁ ନେଇ ଏନଟିଏ କହିଥିଲା ଯେ ଏହା କେବଳ ଏକ ପରୀକ୍ଷା ଆୟୋଜନ ନଥିଲା, ବରଂ ସମଗ୍ର ଦେଶର ସାମୂହିକ ପ୍ରୟାସର ଏକ ଉଦାହରଣ ଥିଲା। କେନ୍ଦ୍ର ଓ ରାଜ୍ୟ ସରକାର, ବିଭିନ୍ନ ମନ୍ତ୍ରାଳୟ, ସୁରକ୍ଷା ଏଜେନ୍ସି, ଶୈକ୍ଷିକ

ଅନୁଷ୍ଠାନ ଏବଂ ଲକ୍ଷ ଲକ୍ଷ କର୍ମଚାରୀ ମିଶି ପରୀକ୍ଷାକୁ ନିରପେକ୍ଷ, ସୁରକ୍ଷିତ ଏବଂ ସୁଚାରୁ କରିବାରେ ଅବଦାନ ଦେଇଥିଲେ। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ବାୟୋମେଟ୍ରିକ ଏବଂ ଫେସ୍ ଅଥେଣ୍ଟିକେସନ, ସିସିଟିଭି ନଜର, ଜାମର୍ ଏବଂ ଦୁଇ-ସ୍ତରୀୟ ଯାଞ୍ଚ ଭଳି ସୁରକ୍ଷା ବ୍ୟବସ୍ଥା ଲାଗୁ କରାଯାଇଥିଲା। ଜାତୀୟ, ରାଜ୍ୟ ଏବଂ ଜିଲ୍ଲା ସ୍ତରରେ କମାଣ୍ଡ ଏବଂ କଣ୍ଟ୍ରୋଲ ସେଣ୍ଟର ସ୍ଥାପନ କରାଯାଇଥିଲା, ଯେଉଁଠାରୁ ପରୀକ୍ଷାର ତଦାରଖ କରାଯାଉଥିଲା।

ପରୀକ୍ଷା ପରିଚାଳନାରେ ଉଇଚର, ଗୃହ ମନ୍ତ୍ରାଳୟ, ଶିକ୍ଷା ମନ୍ତ୍ରାଳୟ, ସ୍ୱାସ୍ଥ୍ୟ ମନ୍ତ୍ରାଳୟ, ବୈଦେଶିକ ବ୍ୟାପାର ମନ୍ତ୍ରାଳୟ, ଭାରତୀୟ ବାୟୁସେନା, ଡାକ ବିଭାଗ, ଏନଆଇସି, ମେଇଟ୍‌ୱାଇ, ପ୍ରତିରକ୍ଷା ମନ୍ତ୍ରାଳୟ ଏବଂ ଅନ୍ୟାନ୍ୟ ଅନେକ ସରକାରୀ ସଂସ୍ଥା ସହଯୋଗ କରିଥିଲେ। ଏହା ବ୍ୟତୀତ ଏସବିଆଇ , କାନାରା ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଏବଂ ୟୁକୋ ବ୍ୟାଙ୍କ ଭଳି ବ୍ୟାଙ୍କିଙ୍ଗ୍ ପାର୍ଟନର ମଧ୍ୟ ଏହି ପ୍ରକ୍ରିୟାର ଅଂଶବିଶେଷ ଥିଲେ। ଅନେକ ରାଜ୍ୟ ସରକାର ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପରୀକ୍ଷାର୍ଥୀ ଏବଂ ସେମାନଙ୍କ ଅଭିଭାବକମାନଙ୍କ ପାଇଁ ପିଇବା ପାଣି, ଛାଇ ଏବଂ ଖାଦ୍ୟର ବ୍ୟବସ୍ଥା କରିଥିଲେ।

ଅନେକ ସ୍ଥାନରେ ଆମ୍ବୁଲାନ୍ସ ଏବଂ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିଲା। ଅନ୍ୟପକ୍ଷରେ କିଛି ରାଜ୍ୟ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା କେନ୍ଦ୍ରକୁ ନେବା ଆଣିବା କରିବା ପାଇଁ ମାଗଣା ପରିବହନ ସୁବିଧା ମଧ୍ୟ ଦେଇଥିଲେ। ଏନଟିଏ ଅନୁଯାୟୀ, ପରୀକ୍ଷାର ସଫଳ ପରିଚାଳନା ପାଇଁ ସାରା ଦେଶରେ ପ୍ରାୟ ୭ ଲକ୍ଷ ଅଧିକାରୀ, ପୋଲିସ କର୍ମଚାରୀ, ପର୍ଯ୍ୟବେକ୍ଷକ ଏବଂ ପରୀକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ସମ୍ପୂର୍ଣ୍ଣ ପ୍ରସ୍ତୁତି ଏବଂ ପରିଚାଳନା କାର୍ଯ୍ୟ ରେକର୍ଡ ୩୭ ଦିନ ମଧ୍ୟରେ ସମ୍ପନ୍ନ କରାଯାଇଥିଲା।

ମିଶନ ଶକ୍ତିର ମହାସଫଳତା

୨୬.୩୯ ଲକ୍ଷ ମହିଳା ହେଲେ ସ୍ୱାବଲମ୍ବୀ

ଭୁବନେଶ୍ୱର, ୨୪।୬(ନି.ପ୍ର.): ମହିଳା ସଶକ୍ତିକରଣ କ୍ଷେତ୍ରରେ ଓଡ଼ିଶା ହାସଲ କରିଛି ଆଉ ଏକ ବଡ଼ ସଫଳତା। ନିର୍ଦ୍ଧାରିତ ସମୟ ପୂର୍ବରୁ ରାଜ୍ୟ ୨୫ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟିର ଲକ୍ଷ୍ୟ ପୂରଣ କରିବା ସହ ଏହାକୁ ଅତିକ୍ରମ ମଧ୍ୟ କରିଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୨୬ ଲକ୍ଷ ୩୯ ହଜାର ୯୦୯ ଜଣ ମହିଳା 'ଲକ୍ଷପତି ଦିଦି' ଭାବେ ପରିଚିତ ହୋଇଛନ୍ତି।

ବୁଧବାର ଭୁବନେଶ୍ୱରରେ ଆୟୋଜିତ 'ସୁଭଦ୍ରା ଶକ୍ତି ଭିଜନ୍ ସମିଟ୍'ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସୂଚନା ଦେଇଛନ୍ତି। ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ରାଜ୍ୟର ୩୦ଟି ଜିଲ୍ଲାର ପ୍ରାୟ ୩୩୦ ଜଣ ଜିଲ୍ଲା ସ୍ତରୀୟ ଫେଡେରେସନ୍‌ର ପ୍ରତିନିଧି ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ବଡ଼ ଆର୍ଥିକ ପ୍ରୋତ୍ସାହନ ମିଳିଛି। ରାଜ୍ୟର ୨ ଲକ୍ଷ ୮୮ ହଜାର ୧୯୮ଟି ଏସଏଚଜିକୁ ସୁଧ ରିହାତି ବାବଦରେ ୧୪୭.୭୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହାଦ୍ୱାରା ମହିଳାମାନଙ୍କ ଋଣ ଭାର କମିବା ସହ ସେମାନଙ୍କ ଆର୍ଥିକ କାର୍ଯ୍ୟକଳାପ ଆହୁରି ମଜବୁତ ହେବ। କେବଳ ସେତିକି ନୁହେଁ, ବିଭିନ୍ନ ଯୋଜନା ମାଧ୍ୟମରେ ଅତିରିକ୍ତ ୨୪୪ କୋଟି ଟଙ୍କାରୁ ଅଧିକ ସହାୟତା ମଧ୍ୟ ବଣ୍ଟନ କରାଯାଇଛି। ରିଭଲଭିଂ ଫଣ୍ଡ ଅଧୀନରେ ୨୬ଟି ଜିଲ୍ଲାର ୨୩,୫୩୬ଟି ଏସଏଚଜିକୁ ୪୫.୭୧ କୋଟି ଟଙ୍କା ମିଳିଛି। ସେହିପରି କମ୍ୟୁନିଟି ଇନଭେଷ୍ଟମେଣ୍ଟ ଫଣ୍ଡ ଜରିଆରେ ୨୭ଟି ଜିଲ୍ଲାର ୬୨୪ଟି ଜିପିଏଲଏଫ କୁ ୧୮୯.୫୭ କୋଟି ଟଙ୍କା ଦିଆଯାଇଛି। ଏହା ସହ ୧୫ଟି ଜିଲ୍ଲାର ୬୫୬ଟି ଇଖରକୁ ଭଲନରେବିଲିଟି ରିଡକ୍ସନ ଫଣ୍ଡ ଅଧୀନରେ ୯.୬୪ କୋଟି ଟଙ୍କା ପ୍ରଦାନ କରାଯାଇଛି।

ସମିଟ୍‌ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ଲକ୍ଷ୍ୟ ରହିଛି। ଏହି ଯାତ୍ରାରେ ମହିଳାମାନେ ହିଁ ହେବେ ପ୍ରମୁଖ ଶକ୍ତି। ଏସଏଚଜି ସଦସ୍ୟମାନଙ୍କୁ ସଫଳ ଉଦ୍ୟୋଗୀରେ ପରିଣତ କରିବା, ନୂତନ ରୋଜଗାର ସୁଯୋଗ ସୃଷ୍ଟି କରିବା ଏବଂ ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ବୋଲି ସେ କହିଛନ୍ତି। 'ଲକ୍ଷପତି ଦିଦି'ରୁ 'ମହାଲକ୍ଷପତି ଦିଦି' ଏବଂ 'କୋଟିପତି ଦିଦି' ସୃଷ୍ଟି ଦିଗରେ ମଧ୍ୟ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ମହିଳାଙ୍କ ଆର୍ଥିକ ସଶକ୍ତିକରଣରେ ଏହି ସଫଳତା ଓଡ଼ିଶା ପାଇଁ ଏକ ନୂଆ ମାଇଲଖୁଣ୍ଟ ବୋଲି କୁହାଯାଉଛି।

ବନ୍ଧା ହେଲେ ନିର୍ବାହୀ ଯନ୍ତ୍ରୀ

ସମ୍ବଲପୁର୨୪।୬(ନି.ପ୍ର.): ସିଏଡିଏ ସମ୍ବଲପୁର ଡିଭିଜନର ନିର୍ବାହୀ ଯନ୍ତ୍ରୀ ପଦ୍ମଲୋଚନ ନାୟକ ଗିରଫ ହୋଇଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି । ଗତକାଲି ଭିଜିଲାନ୍ସ ପକ୍ଷରୁ ୭ଟି ଠିକଣାରେ ଚଢ଼ଉ ହୋଇଥିଲା । ସମ୍ବଲପୁର, କଟକ, ବାଲେଶ୍ୱର ଏବଂ ମାଲକାନଗିରି ଜିଲ୍ଲାରେ ଯାଞ୍ଚ କରାଯାଇଥିଲା । ଚଢ଼ଉରେ ପଦ୍ମଲୋଚନଙ୍କର ଅଚଳାଚଳ ସମ୍ପତ୍ତି ଠାବ କରାଯାଇଥିଲା । ତିନୋଟି ବହୁତଳ ବିଶିଷ୍ଟ କୋଠା, ଯାହା ୧୮,୮୪୦ ବର୍ଗଫୁଟ ଜମିରେ ରହିଛି, ୧୮ଟି ବହୁମୂଲ୍ୟ ପ୍ଲଟ୍ ଓ ୩ ଲକ୍ଷ ୪୫ ହଜାର ନଗଦ ଟଙ୍କା ଠାବ କରିଥିଲା ଭିଜିଲାନ୍ସ । କଟକ ବିଦ୍ୟାଧରପୁରରେ ୭୦୦୦ ବର୍ଗଫୁଟ ପରିମିତ ଜମିରେ ଏକ ତିନି ମହଲା କୋଠା ରହିଛି । ବାଲେଶ୍ୱର ଜିଲ୍ଲା ବସ୍ତା ମୁଖାଲିସରେ ଦୁଇ ମହଲା ବିଶିଷ୍ଟ ବାସଭବନ ଅଛି । ଭୁବନେଶ୍ୱର, କଟକ, ଯାଜପୁରର କୋରେଇ, ବାଲେଶ୍ୱରର ବସ୍ତା ଏବଂ ପୁରୀ ଡେଲାଙ୍ଗରେ ୧୫ଟି ପ୍ଲଟ୍ ଅଛି । ସେହିପରି ଜବତ ଗାଡ଼ି ତାଲିକାରେ ରହିଛି ୩ଟି କାର୍, ୨ଟି ଜେସିବି ମେସିନ୍, ୧ ଟ୍ରାକ୍ଟର ଓ ୧ ଟ୍ରେଲର୍ । ଜବତ ସମ୍ପତ୍ତିର ସନ୍ତୋଷ ଜନକ ଉତ୍ତର ନ ଦେଇପାରିବାରୁ ନିର୍ବାହୀ ଯନ୍ତ୍ରୀଙ୍କ ଭିଜିଲାନ୍ସ ବାନ୍ଧିଛି । ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇଛି ।

ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ପ୍ରକଳ୍ପରେ ମହାଘୋଟାଲା

ଭୁବନେଶ୍ୱର, ୨୪।୬(ନି.ପ୍ର.): ରାଜ୍ୟର ଗ୍ରାମାଞ୍ଚଳରେ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ନାମରେ ବଡ଼ ଧରଣର ଦୁର୍ନୀତି ଓ ସରକାରୀ ଅର୍ଥ ହଡ଼ପ ଅଭିଯୋଗ ସାମ୍ନାକୁ ଆସିଛି। ଏହି ଅଭିଯୋଗର ତଦନ୍ତ ପାଇଁ ଓଡ଼ିଶା ଭିଜିଲାନ୍ସ କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାରେ ବ୍ୟାପକ ତଦନ୍ତ ଆରମ୍ଭ କରିଛି।

ଭିଜିଲାନ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୧-୨୨ ଏବଂ ୨୦୨୨-୨୩ ଆର୍ଥିକ ବର୍ଷରେ ଗ୍ରାମ ପଞ୍ଚାୟତଗୁଡ଼ିକରେ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କାମରେ ଅନିୟମିତତା ହୋଇଥିବା ଅଭିଯୋଗ ମିଳିଛି। ଏହି ପ୍ରକଳ୍ପ ପାଇଁ ରାଜ୍ୟ ଅର୍ଥ ଆୟୋଗ (୫ମ ଏସଏଫସି) ଓ 'ବିକଶିତ ଗାଁ ବିକଶିତ ଓଡ଼ିଶା' (ବିଜିବିଓ) ଯୋଜନାରୁ ଅର୍ଥ ବ୍ୟୟ କରାଯାଇଥିଲା।

ମାମଲାର ଗୁରୁତ୍ୱକୁ ଦେଖି ଭିଜିଲାନ୍ସ ୮୧ ଜଣ ଅଧିକାରୀଙ୍କୁ ନେଇ ୨୪ଟି ଟିମ୍ ଗଠନ କରିଛି। ଅତିରିକ୍ତ ଏସପି, ଡିଏସପି, ଇନ୍ସପେକ୍ଟର ଓ ଅନ୍ୟ ଅଧିକାରୀମାନେ ଏହି ତଦନ୍ତରେ ସାମିଲ ହୋଇଛନ୍ତି। ପ୍ରତ୍ୟେକ ଜିଲ୍ଲାରେ ୨୭ ଜଣ ଅଧିକାରୀ ନିୟୋଜିତ ହୋଇ ମାଟିସ୍ତରରେ ଯାଞ୍ଚ କରୁଛନ୍ତି। ପ୍ରାଥମିକ ତଦନ୍ତରେ ଟେଣ୍ଡର ନିୟମାବଳୀର ଖୋଲାଖୋଲି ଉଲ୍ଲଂଘନ ହୋଇଥିବା ଜଣାପଡ଼ିଛି। ନିୟମ ଅନୁସାରେ ୧୦ଟି ଏଲଇଡି ଲାଇଟ୍‌ର ଏକ କ୍ଲଷ୍ଟର ପାଇଁ ଏନର୍ଜି ମିଟର, ୫୦୦ ମିଟର କେବୁଲ, ଏମସିସିବି, ଆଇ ହୁକ୍, ସସପେନ୍ସନ କ୍ଲାମ୍ପ, ଡେଡ୍ ଏଣ୍ଡ କ୍ଲାମ୍ପ ଏବଂ ଫଟୋ ସ୍ୱିଚ୍ ଟାଇମର ଲଗାଯିବା କଥା। କିନ୍ତୁ ଅନେକ ସ୍ଥାନରେ ଏହି ସାମଗ୍ରୀ ଲଗାଯାଇନଥିବା ବେଳେ ବିଲ୍‌ରେ ସବୁକିଛି ସ୍ଥାପନ ହୋଇଥିବା ଦର୍ଶାଯାଇଛି।ଫଳରେ ସରକାରୀ ଅର୍ଥର ବ୍ୟାପକ ଅପବ୍ୟବହାର ହୋଇଥିବା ସନ୍ଦେହ କରାଯାଉଛି। ବର୍ତ୍ତମାନ ଭିଜିଲାନ୍ସର ଟେକ୍ନିକାଲ ଟିମ୍ ତିନୋଟି ଜିଲ୍ଲାର ୫୦ଟି ସ୍ଥାନରେ ସ୍ପଟ୍ ଭେରିଫିକେସନ କରୁଛି। ପ୍ରକୃତରେ କେତେ ଟଙ୍କା ହଡ଼ପ ହୋଇଛି ଓ ଏଥିରେ କେଉଁ ସରକାରୀ ଅଧିକାରୀ ଏବଂ ଘରୋଇ ସଂସ୍ଥା ଜଡିତ ଅଛନ୍ତି, ତାହା ଖୋଜାଯାଉଛି।ଏହି ତଦନ୍ତର ଫଳାଫଳ ଆସିବା ପରେ ଓଡ଼ିଶାର ସମ୍ପ୍ରତିକ ସମୟର ଏକ ବଡ଼ ଦୁର୍ନୀତି ମାମଲାର ପର୍ଦ୍ଦାଫାସ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଭିଜିଲାନ୍ସର ତନାଘନା ଆଗକୁ କେଉଁ ଦିଗକୁ ମୋଡ଼ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

ଡାହୁକ



ନିଜେତ ଅଯୋଗ୍ୟ କେମିତି କରିବେ
ପିଲାଙ୍କୁ ଆମର ଯୋଗ୍ୟ
ଯେମିତି ଭୁଉଲୁ ରହିଚି ବହିରେ
ଆଗକୁ ପିଲାଙ୍କ ଭାଗ୍ୟ
ସଂଶୋଧନ କରି ଶିକ୍ଷକ ପିଲାଙ୍କୁ
ପଢେଇବେ ଯଦି ଏବେ
ସଂଶୋଧନ କରି ପରୀକ୍ଷା ଖାତାରେ
ମାର୍କ ଆଗକୁ ଦେବେ।

-ବିଧୁ

ପୋଲିସକୁ ୭୨ ଘଣ୍ଟା ସମୟ ଦେଲେ ଚାମେଲି

କେନ୍ଦ୍ରାପଡ଼ା, ୨୪।୬(ନି.ପ୍ର.): ମହାକାଳପଡ଼ା ବ୍ଲକ ତିଖିରୀ ସରପଞ୍ଚ ଚାମେଲି ଓଝା ନ୍ୟାୟ ଦାବିରେ କେନ୍ଦ୍ରାପଡ଼ା ଆରକ୍ଷୀ ଅଧିକ୍ଷକଙ୍କ ମୁଖ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ତାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୁକ୍ତ ଏବଂ ମହାକାଳପଡ଼ା ବିଡ଼ିଓ ଓ ଆଇଆଇସିଙ୍କ ବଦଳି ଦାବି କରିଛନ୍ତି ଚାମେଲି ।

ଚାମେଲି ଓଝା ଆଜି ତାଙ୍କର ସମର୍ଥକଙ୍କ ସହିତ ଆସି ପ୍ରଥମେ ଗରାପୁର ଡାକବଙ୍ଗଳା ଛକରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ଏହା ପରେ ଖାଲି ପାଦରେ ଦୁଇ କିଲୋମିଟର୍ ଚାଲି ଚାଲି ଯାଏ ଏସପି ଅଫିସ ଆଗରେ ଧାରଣାରେ ଦେଇଛନ୍ତି । ମହାକାଳପଡା ବିଡିଓ ରବିନାରାୟଣ ଆଚାର୍ଯ୍ୟ ଓ ଥାନା ଅଧିକାରୀଙ୍କ ନିଲମ୍ବନ ମଧ୍ୟ ଦାବି କରିଛନ୍ତି । ତତସହିତ ବିଡ଼ିଓଙ୍କ ବିରୁଦ୍ଧରେ ମାମଲା ରୁଜୁ ପାଇଁ ଦାବି କରିଛନ୍ତି । ସେହିପରି ତାଙ୍କୁ ଦୁର୍ବ୍ୟବହାର କରିଥିବା ଅନ୍ୟ ଅଭିଯୁକ୍ତ ପ୍ରଶାନ୍ତ ସେଠୀ, ହରିଶ ଲେଙ୍କା, କ୍ରିଷ୍ଣପଦ ମଣ୍ଡଳ, ଚନ୍ଦ୍ରକାନ୍ତ ସ୍ୱାଇଁ, ମାନସ ମହାନ୍ତି, ରୋହିତ ରାଉତଙ୍କୁ ଗିରଫ କରିବାକୁ ମଧ୍ୟ ସେ ଦାବିକରିଛନ୍ତି। ଚାମେଲି ଦାବିପତ୍ର ଦେବା ସହିତ ପୋଲିସକୁ ୭୨ ଘଣ୍ଟା ସମୟ ଦେଇଛନ୍ତି । ଏହିସମୟ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି । ନଚେତ ୭୨ ଘଣ୍ଟା ପରେ ଏହି ଆନ୍‌ଦୋଳନ ତିଖିରୀରୁ ବାହାରି ରାଜଭବନ ଓ ଦିଲ୍ଲୀ ପର୍ଯ୍ୟନ୍ତ ଯିବ ବୋଲି ସେ ଚେତାବନୀ ଦେଇଛନ୍ତି ।

ବିଜେଡିରେ ଯୋଗଦେଇ ପାରନ୍ତି ସୁଜାତା କାର୍ତ୍ତିକେୟନ

ଭୁବନେଶ୍ୱର, ୨୪।୬(ନି.ପ୍ର.): ନବୀନ ସରକାରରେ ୫ଟି ସଚିବ ଭୈରବ କାର୍ତ୍ତିକେୟନ ପାଣ୍ଡିଆନ୍‌ଙ୍କ ପତ୍ନୀ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ସୁଜାତା ରାଉତ କାର୍ତ୍ତିକେୟନ ଆସନ୍ତାକାଲି ବିଜେଡିରେ ମିଶିବା ନେଇ ଜୋରଦାର ଚର୍ଚ୍ଚା ଚାଲିଛି। ଆଜି ବରିଷ୍ଠ ନେତାଙ୍କ ସହ ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଲୋଚନା ପରେ ସୁଜାତା ବିଜେଡିରେ ମିଶିବା ନେଇ ସମ୍ଭାବନା ବଢ଼ିଛି। କାଲି ଶଙ୍ଖ ଭବନରେ ଏନେଇ ନବୀନ ବଡ ଘୋଷଣା କରିପାରନ୍ତି। ସୁଜାତା ନିଜେ ଶଙ୍ଖ ଭବନରେ ଉପସ୍ଥିତ ରହି ସଦସ୍ୟତା ଗ୍ରହଣ କରିବେ ବୋଲି ଚର୍ଚ୍ଚା ହେଉଛି। ଆଜି ନବୀନ ନିବାସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ବୈଠକରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ସଞ୍ଜୟ ଦାସ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବିଜେଡିରେ ସୁଜାତା ଏଣ୍ଟ୍ରି କରିବା ନେଇ ବୈଠକ ଚାଲିଥିଲା ବୋଲି କୁହାଯାଉଛି। ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପରେ ନବୀନ ନିବାସରୁ ବାହାରି ଯାଇଛନ୍ତି ସବୁ ନେତା। ଆସନ୍ତାକାଲି ନବୀନ ନିବାସରେ ଗୁରୁତ୍ୱପୂର୍ଣ୍ଣ ବୈଠକର ଆୟୋଜନ ହେବ। ଏହା ପୂର୍ବରୁ ଆଜି ପ୍ରମିଳା ମଲ୍ଲିକ, ସଂଜୟ ଦାସବର୍ମା, ଟୁକୁନି ସାହୁ, ପ୍ରତାପ ଜେନା ଏବଂଅତନୁ ସବ୍ୟସାଚୀ ନାୟକ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ଆସନ୍ତାକାଲିର ବୈଠକରେ ୩୦ ଜିଲ୍ଲାର ସବୁ ବିଧାୟକ, ପୂର୍ବତନ ବିଧାୟକ ଉପସ୍ଥିତି ରହିବେ।

ସୂଚନାଯୋଗ୍ୟ, କେନ୍ଦ୍ରାପଡା ଜିଲ୍ଲାରେ ସୁଜାତାଙ୍କ ଘର। ତାଙ୍କର ପିଲାଦିନ ଝାଡ଼ଖଣ୍ଡର ଜାମସେଦପୁରରେ କଟିଛି। ୨୦୦୦ ମସିହା ବ୍ୟାଚ ଆଇଏଏସ୍ ଅଫିସର ସୁଜାତା କାର୍ତ୍ତିକେୟନ ଗତବର୍ଷ ମାର୍ଚ୍ଚ ୨୯ରେ ବ୍ୟକ୍ତିଗତ କାରଣ ଦର୍ଶାଇ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଓଡିଶା କ୍ୟାଡର ପାଇଥିବା ପ୍ରଥମ ଓଡିଆ ମହିଳା ଆଇଏଏସ୍ ସୁଜାତା ଅର୍ଥ ବିଭାଗ ସ୍ୱତନ୍ତ୍ର ସଚିବ ଥିଲେ। ସୁଜାତାମିସନ ଶକ୍ତି ସଚିବ ଥିଲେ। ୨୦୨୪ ନିର୍ବାଚନ ପରେ ଝିଅର ଦଶମ ପରୀକ୍ଷା ଦର୍ଶାଇ ୬ ମାସ ଛୁଟିରେ ଥିଲେ। ନଭେମ୍ବର ୨୬, ୨୦୨୪ ପର୍ଯ୍ୟନ୍ତ ତାଙ୍କର ଛୁଟି ମଞ୍ଜୁର ହୋଇଥିଲା। ପରେ ପୁଣି ଥରେ ଛୁଟି ବୃଦ୍ଧି ପାଇଁ ଆବେଦନ କରିଥିଲେ। ମୋହନ ସରକାର ପୁନର୍ବାର ଛୁଟି ଅଗ୍ରାହ୍ୟ କରି ଦେଇଥିଲେ। ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ସରକାରଙ୍କ ନିର୍ଦ୍ଦେଶ ପରେ ଚର୍ଚ୍ଚାରେ ଥିଲେ ସୁଜାତା। ୨୦୨୪ ନିର୍ବାଚନ ସମୟରେ ତାଙ୍କ ବିରୋଧରେ ବିଜେପି ନିର୍ବାଚନ କମିସନଙ୍କଠାରେ ଅଭିଯୋଗ କରିଥିଲା। ମିସନ ଶକ୍ତି ମାଧ୍ୟମରେ ବିଜେଡି ସପକ୍ଷରେ ଭୋଟରଙ୍କୁ ପ୍ରଭାବିତ କରୁଥିବା ଅଭିଯୋଗ କରିଥିଲା ବିଜେପି। ୨୦୨୪ ମେ ୨ରେ ଅଭିଯୋଗ ନିର୍ବାଚନ କମିସନରଙ୍କ ପାଖେ ଅଭିଯୋଗ ହୋଇଥିଲା। ତୁରନ୍ତ ଲୋକଙ୍କ ସହ ସିଧାସଳଖ ସମ୍ପର୍କ ନଥିବା ବିଭାଗକୁ ବଦଳି କରିବାକୁ ନିର୍ଦ୍ଦେଶ ଦେଇଥିଲେ ଇସିଆଇ। ମିସନ ଶକ୍ତିରୁ ହଟାଇ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ଦିଆଯାଇଥିଲା।

କେନ୍ଦୁଝରରେ ସରକାରୀ ଜମି ଜବରଦଖଲ ଅଭିଯୋଗ, ପ୍ରଶାସନର ନିରବତାକୁ ନେଇ ବଢୁଛି ଜନଅସନ୍ତୋଷ

କେନ୍ଦୁଝର, ୨୪।୬:(ମନ୍ଥନ)ଜିଲ୍ଲାର ବିଭିନ୍ନ ତହସିଲ ଅଞ୍ଚଳରେ ଥିବା ମୂଲ୍ୟବାନ ସରକାରୀ ଜମିକୁ କେତେକ ବ୍ୟକ୍ତି ଜବରଦଖଲ କରିଥିବା ଅଭିଯୋଗ ସାମ୍ନାକୁ ଆସିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଦୀର୍ଘ ଦିନ ଧରି ସରକାରୀ ଜମି ଉପରେ ଅବୈଧ ଦଖଲ ଚାଲିଥିବା ବେଳେ ବର୍ତ୍ତମାନ ମଧ୍ୟ ଏହା ଜାରି ରହିଛି । ଅଭିଯୋଗ ଅନୁଯାୟୀ, ଏହି

ସମ୍ପର୍କରେ ସମ୍ବନ୍ଧିତ ବିଭାଗୀୟ ଅଧିକାରୀଙ୍କ ନଜରକୁ ବିଷୟଟି ଆସିଥିଲେ ମଧ୍ୟ ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ । ଫଳରେ ସରକାରୀ ସମ୍ପତ୍ତିର ସୁରକ୍ଷା ଓ ପରିଚାଳନାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି । ସ୍ଥାନୀୟ ବାସିନ୍ଦାମାନଙ୍କ ମତ ଅନୁସାରେ, ଯଦି ସରକାରୀ ଜମି ଉପରେ ଅବୈଧ ଦଖଲ ଘଟୁଛି, ତେବେ ତୁରନ୍ତ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ । ନଚେତ ସରକାରୀ ସମ୍ପତ୍ତି ହରାଇବା ସହିତ ରାଜସ୍ୱ କ୍ଷତି ମଧ୍ୟ ହୋଇପାରେ । ଏହି ଘଟଣାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ପ୍ରଶାସନ ଏବଂ ସରକାରଙ୍କ ଭୂମିକାକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ପ୍ରକାଶ ପାଉଛି । ତେବେ ଅଭିଯୋଗର ସତ୍ୟତା ଏବଂ ପ୍ରକୃତ ସ୍ଥିତି ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନାହିଁ । ସରକାରୀ ଜମି ସୁରକ୍ଷା ଏବଂ ଜବରଦଖଲ ରୋକିବା ପାଇଁ ତୁରନ୍ତ ସର୍ଭେ, ତଦନ୍ତ ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଛେଣ୍ଡିପଦା ବିଧାୟକ ଙ୍କ ସାମ୍ବାଦିକ ସମ୍ମିଳନୀ

ଛେଣ୍ଡିପଦା, ୨୪।୬:(ମନ୍ଥନ)ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ସଭାଗୃହ ଠାରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ବିକାଶ ଧାରା ଓଡିଶା ସାରା ସମ୍ପର୍କିତ ପ୍ରଚାର ପ୍ରସାର ନିମନ୍ତେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ଅରବିନ୍ଦ ବେହେରା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ଛେଣ୍ଡିପଦା ବିଧାୟକ ଶ୍ରୀ ବେହେରା ଯୋଗ ଦେଇ ଓଡିଶା ସରକାର ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଦୂରଦର୍ଶୀ ନେତୃତ୍ୱରେ ଶାସନ କ୍ଷମତାର ଦୁଇ ବର୍ଷ ମଧ୍ୟରେ ବହୁ ବିକାଶ ମୂଳକ କାର୍ଯ୍ୟକ୍ରମ ହୋଇଥିବା ମତ ପ୍ରକାଶ କରିଥିଲେ । ଅନ୍ୟ ପକ୍ଷରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିକାଶ ମୂଳକ କାର୍ଯ୍ୟକ୍ରମ ଏବଂ ସରକାରୀ ଯୋଜନା ସଫଳ ରୂପାୟନ ଓ ସଫଳତା ସମ୍ପର୍କରେ ସାମ୍ବାଦିକ ତଥା ଗଣ ମାଧ୍ୟମ ପ୍ରତିନିଧି ମାନଙ୍କୁ ଅବଗତ କରାଇଥିଲେ । ବିକାଶର ଧାରା ଓଡିଶା ସାରା ସଂକଳ୍ପ କୁ ନେଇ ସମଗ୍ର ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ପ୍ରଗତିର ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇଥିବା ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ଛେଣ୍ଡିପଦା ମାଟିରେ ରୂପାନ୍ତରିତ କରାଯାଇଥିବା କହିଥିଲେ । ବିଶେଷ କରି ଶିକ୍ଷା , କ୍ରୀଡା , ଦକ୍ଷତା ବିକାଶ ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି ଓ କୃଷକ ଶସକ୍ତିକରଣ, ଉଦ୍ୟାନ କୃଷି , ମିଶନ ଶକ୍ତି, ସୁଭଦ୍ରା

ଯୋଜନା , ଗ୍ରାମୀଣ ଆବାସ ଯୋଜନା , ଖାଦ୍ୟ ସୁରକ୍ଷା , ସାମାଜିକ ସୁରକ୍ଷା ଯୋଜନା , ଗ୍ରାମ୍ୟ ଭିତ୍ତିଭୂମି ଗମନାଗମନ , ଗ୍ରାମ୍ୟ ଜଳ ଯୋଗାଣ, ଶ୍ରମିକ କଲ୍ୟାଣ , ପଞ୍ଚାୟତ ପ୍ରତିନିଧି ତାଲିମ୍ ଆଦି ଯୋଜନା ଏବଂ କାର୍ଯ୍ୟକ୍ରମ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ଛେଣ୍ଡିପଦା ବ୍ଲକ ସମେତ ବଅଁରପାଳ ବ୍ଲକ ଅଧିନସ୍ଥ ୧୮ ଟି ଗ୍ରାମ ପଞ୍ଚାୟତରେ ସମସ୍ତ ସରକାରୀ ଯୋଜନା ସଫଳ ରୂପାୟନ ସଂପର୍କରେ ସୂଚନା ଦେଇଥିଲେ । ଅନ୍ତୋଦୟ ଯୋଜନାରେ ୧୨୦୯ ପରିବାରକୁ ଆବାସ ଗୃହ ମଞ୍ଜୁର ହୋଇଥିବା , ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଦ୍ୱାରା ୨୨୫ ଗ୍ରାମର ୫୫୪୨୫ ପରିବାରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ କରାଯାଉଛି । ସୁଭଦ୍ରା ଯୋଜନା ମାଧ୍ୟମରେ ୭୨୩୪୮ ଜଣ ମହିଳାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ସହ ଶସକ୍ତ କରାଯାଇଛି । ସେହିପରି ଶିଶୁ କଲ୍ୟାଣ ପାଇଁ ୭ କୋଟି ଟଙ୍କାରୁ ଅଧିକ ହେବ ସିଧାସଳଖ ଆର୍ଥିକ ସହାୟତା ବଣ୍ଟନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀରେ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଜାରି ରହିଥିବା ଯୋଗୁଁ ଏହା ଏକ ନମ୍ବର ହୋଇପାରିଛି ଏବଂ ଏକ ନମ୍ବର ହୋଇ ରହିବ ବୋଲି ବିଧାୟକ ଶ୍ରୀ ବେହେରା ମତ ପ୍ରକାଶ କରିଥିଲେ । ତେଣୁ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ଏହି ସଫଳତା ତଥା ବିକାଶର ଚିତ୍ରକୁ ଜନସାଧାରଣଙ୍କୁ ଖବର ପ୍ରସାରଣ ମାଧ୍ୟମରେ ଅବଗତ କରାଇବା ପାଇଁ ଗଣ ମାଧ୍ୟମ ପ୍ରତିନିଧି ତଥା ସାମ୍ବାଦିକ ମାନଙ୍କ ସହଯୋଗ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବଅଁରପାଳ ବ୍ଲକ ବିଡ଼ିଓ ଲୋଚନ ଦାସ , ଅନୁଗୋଳ ସୂଚନା ଓ ଲୋକସଂପର୍କ ଅଧିକାରୀ ଜଗତ ଜ୍ଞି ଧଳ, ସହକାରୀ ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ସନମ ସ୍ମିତା ସାହୁ , ଛେଣ୍ଡିପଦା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଦେବୀ ପ୍ରସାଦ ମହାପାତ୍ର , ବଅଁରପାଳ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଏହି ସମ୍ମିଳନୀରେ ମଞ୍ଚାସିନ ଥିଲେ ।

ବିଲ୍ କରାଇଦେବା ନିମନ୍ତେ ଠିକାଦାର ଠାରୁ ୨ ଲକ୍ଷ ଲାଞ୍ଚ ନେଇ ଧରାପଡ଼ିଲେ ରାୟଗଡ଼ା ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ

ରାୟଗଡା,୨୪।୬:(ମନ୍ଥନ) ଠିକାଦାର ଠାରୁ ୨ଲକ୍ଷ ଟଙ୍କା ଲାଞ୍ଚ ନେଇ ରାୟଗଡା ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ କୁମାର ପଟନାୟକ ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି । ବିଲ୍ କରାଇଦେବା ନିମନ୍ତେ ଜଣେ ଠିକାଦାରଙ୍କୁ ୨ ଲକ୍ଷ ଟଙ୍କା ଦାବି କରିଥିଲେ ନିର୍ବାହୀଯନ୍ତ୍ରୀ। ଏନେଇ ଠିକାଦାର ଜଣକ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ) ନିକଟରେ ଅଭିଯୋଗ କରିଥିଲେ । ଯୋଜନା ଅନୁସାରେ ଠିକାଦାର ଜଣକ ଉକ୍ତ ଟଙ୍କା ନିର୍ବାହୀ ଅଧିକାରୀଙ୍କ ଘରେ ନେଇ ଦେଇଥିଲେ । ଏହା ପରେ ରାୟଗଡା ଭିଜିଲାନ୍ସ ଡି ଏସ ପି ସୂର୍ଯ୍ୟକାନ୍ତି ଟାକ୍ରୀ ଓ ଡି ଏସ ପି ଅଭୟ ପ୍ରଧାନଙ୍କ ନେତୃତ୍ୱ ରେ ଛକି ରହିଥିବା ୧୦ଜଣିଆ ଭିଜିଲାନ୍ସ ଟିମ୍ ଏକ କାଳୀନ ଚାଉ କରିଥିଲେ । ନିର୍ବାହ ଯନ୍ତ୍ରୀଙ୍କ ଠାରୁ ରଙ୍ଗବୋଲା ଟଙ୍କା ମିଳିଥିଲା । ଏହାପରେ, ଆୟ ବର୍ହିଭୁତ ସମ୍ପତି ଠୁଳ ନେଇ ନୟାଗଡ଼ କିଲ୍ଲା ଏବଂ ଭୁବନେଶ୍ୱର ଠାରେ ମଧ୍ୟ ଚଢ଼ାଉ ଚାଲିଛି । ନିର୍ବାହୀ ଯନ୍ତ୍ରୀ ଚଳିତ ମାସରେ ଚାକିରିରୁ ଅବସର ନେଇଥାନ୍ତେ କିନ୍ତୁ ୭ ଦିନ ପୂର୍ବରୁ ଭିଜିଲାନ୍ସ ଜାଲରେ ଧରା ପଡ଼ିଥିଲେ ଓ ସ୍ଥାନୀୟ କଂଟ୍ରାକଟର ମାନେ ମଧ୍ୟ ଆଗରୁ ତାଙ୍କ ବିରୋଧରେ ଦୁର୍ନୀତି ସମ୍ପର୍କରେ ଅଭିଯୋଗ କରିଥିଲେ । ବର୍ତ୍ତମାନ ତଦନ୍ତ ଚାଲିଛି, ତଦନ୍ତ ସରିଲା ପରେ ତାଙ୍କ ସମ୍ପତି ସମ୍ପର୍କରେ ସୂଚନା ମିଳିବ ବୋଲି ଡି ଏସ ପି ସୂର୍ଯ୍ୟକାନ୍ତି ଟାକ୍ରୀ ସୂଚନା ଦେଇଛନ୍ତି ।

ଘର ପୋଡି ବିପନ୍ନଙ୍କୁ ବ୍ୟାସ ଫାଉଣ୍ଡେସନର ସହାୟତା

ପାରାଦୀପ/କୁଜଙ୍ଗ, ୨୪।୬:(ମନ୍ଥନ)ଗତ ଜୁନ ୨୩ ତାରିଖ ମଙ୍ଗଳବାର ବିଳମ୍ବିତ ରାତି ରେ କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ବନିକୁନ୍ଦ ଗ୍ରାମ ର ଶଙ୍କର୍ଷଣ ମଲ୍ଲିକ ଙ୍କ ଘରେ ଆକସ୍ମିକ ଅଗ୍ନି କାଣ୍ଡ ଘଟି ଘରର ସମସ୍ତ ଆସବାପତ୍ର, ଧାନ,ଚାଉଳ,ସାଇକେଲ,ଗାଡ଼ି ଇତ୍ୟାଦି ସବୁକିଛି ପୋଡି ଜଳି ନଷ୍ଟ ହୋଇଯାଇଛି ।ପାଖରେ ପିନ୍ଧିବାକୁ ବସ୍ତ୍ର ଖଣ୍ଡିଏ ନଥିଲା ବେଳେ, ଖାଇବାକୁ ଦାନା ଗଣ୍ଡେ ନାହିଁ । ତେବେ ଭଗବାନ ଙ୍କ ଆଶ୍ରିବାଦ ରୁ ନିଶାର୍ଦ୍ଧ ରେ ଶୋଇଥିବା ବାପା,ମାଆ,ପୁଅ ଓ ଝିଅ ଚାରିପଟେ ହୁତୁହୁତୁ ହୋଇ ଜଳୁଥିବା କରାଳ ନିଆଁ ରୁ ନିଜକୁ ସୁରକ୍ଷିତ ରଖି ପାରିଛନ୍ତି। ନିଆ ର କରାଳ ରୂପ ଏମିତି ଥିଲା ଯେ ଘର ପାଖରେ ଥିବା ନଡ଼ିଆ,ଆମ୍ବ ଗଛ ଇତ୍ୟାଦି ଜଳି ଯାଇଛି । ଏକ ଦିନମଜୁରିଆ ଶ୍ରେଣୀ ର ,ପାରାଦ୍ୱୀପ ରେ ପାଇପ୍ କାମ କରି ମାସକୁ ୫-୬ ହଜାର ରୋଜଗାର କରିଥାନ୍ତି ଶଙ୍କର୍ଷଣ। ମୁଣ୍ଡ ଗୁଞ୍ଜିବାକୁ ବାପା ଙ୍କ ଅମଳ ରେ ଥିବା ବାଖରାଏ କୋଠା ଘର ଅଗ୍ନିକାଣ୍ଡ ପ୍ରଭାବରେ ବାହାର

କାନ୍ଥ ପ୍ଲାଷ୍ଟର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । ମାନସିକ ଭାବେ ସମ୍ପୂର୍ଣ୍ଣ ଭାଙ୍ଗିପଡିଛନ୍ତି ଶଙ୍କର୍ଷଣ। ଏପରି ସ୍ଥିତି ରେ ସେବା ଓ ଆଧ୍ୟାତ୍ମିକ ପ୍ରଚାର ପ୍ରସାର ଧର୍ମୀ ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ, କୋଷାଧକ୍ଷ ଶରତ କୁମାର ଦାଶ ,ଗଜଲକ୍ଷ୍ମୀ କ୍ଲଥ ଷ୍ଟୋର,ବ୍ୟାସ ବିଷ୍ଣୁ ସ୍ନେହାଳୟ ର ସଭାପତି ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡା ପ୍ରମୁଖ ଶଙ୍କର୍ଷଣ ଙ୍କ ପରିବାର କୁ ଭେଟି ତାଙ୍କୁ ଶାନ୍ତନା ଦେବା ସହ କିଛି ଲୁଗା ପଟା, ରାସନ୍ ସାମଗ୍ରୀ ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଶଙ୍କର୍ଷଣ ଙ୍କ ଏପରି ଦୁର୍ଦ୍ଦିନ ରେ ସହାୟତା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ଓ ବଦାନ୍ୟ ବ୍ୟକ୍ତି ବିଶେଷ ଙ୍କୁ ଶ୍ରୀମତୀ ଆଚାର୍ଯ୍ୟ ନିବେଦନ କରିଛନ୍ତି ।

ଇତିହାସ ସୃଷ୍ଟିକଲା ଯୋଗ ଭ୍ୟାସ

କୋରାପୁଟ,୨୪।୬:(ମନ୍ଥନ)ଅନ୍ତର୍ଜାତୀୟ ଯୋଗ ଦିବସ ଅବସର ରେ ଲୋକଙ୍କ ଉପସ୍ଥାପନ ଓ ପଦର୍ଶନ କୋରାପୁଟ ଜିଲ୍ଲାରେ ପ୍ରଥମ ଥରପାଇଁଏକ ଇତିହାସ ରଚିଛି । ପ୍ରଧାନ ମନ୍ତ୍ରୀ ନରେନ୍ଦ୍ରମୋଦିଙ୍କ ଆହ୍ୱାନ କ୍ରମେ ସାରା ବିଶ୍ୱରେ ଏହାକୁ ସମ୍ମାନର ସହ ପାଳନ କରିଆସୁଥିବା ବେଳେ ସେହିଭଳି ଓଡିଶାରେ ମଧ୍ୟ ପାଳିତ ହୋଇଛି । ଏହି ଅବସରରେ ଦିବସକୁ ନେଇ ଜିଲ୍ଲା ଯୋଗପଞ୍ଚାୟତ ସମିତି ଓ ଜିଲ୍ଲା କ୍ରିଡା ବିଭାଗର ଆନୁକୁଲ୍ୟରେ ସଂଗଠନ ଇତିହାସ ରଚିବାରେ ବେଶ ସହାୟକ ହୋଇଛି । ଜିଲ୍ଲା ଯୋଗ ସମିତିର ସଂଯୋଜକ ଙ୍କ ଅପ୍ରାଣ ପ୍ରଚେଷ୍ଟା ଭାରତ ସରକାରଙ୍କ ପ୍ରୟାସରେ ବିକାଶର ଭିତି ଭୂମିକୁ ସୁଦୃଢ କରିବାରେ ବେଶ ରୁପ ନେଇଛି । ବିକାଶରେ ହାତ ମିଶାଇ ସରକାରଙ୍କୁ ସହଯୋଗ କରିବାର ଏହା ଏକ ମାଧ୍ୟମ । ଏହି ଯୋଗ ଦିବସରେ ଗାଁ, ପଞ୍ଚାୟତ, ବ୍ଲକ ସ୍ତରର ସମସ୍ତ ବର୍ଗର ଲୋକ ସରକାରି ଓ ବେସରକାରି ଲୋକ, ଜନ ପ୍ରତିନିଧିମାନେ ଉପସ୍ଥିତ ରହି ସଫଳ କରିବାରେ ବେଶ ଭୂମିକାଲିଭାଇଥିଲେ । ସେହିପରି ଜିଲ୍ଲା ମୁଖ୍ୟାଳୟରେ ସମସ୍ତ ଜିଲ୍ଲା ପ୍ରଶାସନ ଓ ସହକାରି ମାନେ ମଧ୍ୟ ଉପସ୍ଥିତ ରହିଥିଲେ । ଦିବସରେ ଜିଲ୍ଲାର ସମସ୍ତ ବ୍ଲକ , ଗ୍ରାମ ପଞ୍ଚାୟତ, ସରକାରି ଓ ବେସରକାରି ଅନୁଷ୍ଠାନ ଭଳି ସ୍ଥାନରେ ଯୋଗ ମହୋତ୍ସବକୁ ପାଳନ କରିଥିଲେ । ଏହାଦ୍ୱାରା ପ୍ରକୃତ ଯୋଗର ବର୍ତମାନ ଯୁଗରେ କେତେ ମହତ୍ୱ ପୂର୍ଣ୍ଣ ଯାହା ନିଜେ ଉପସ୍ଥିତ ରହି ଅନୁଭବ କରିପାରିବା ସହିତ ବୁଝି ପାରିଥିଲେ । ସୁନାବେଡା ମୁନିସପାଲଟିରେ ଆର୍ ଏସ୍ ଏସ୍ ସଂସ୍ଥାର କର୍ମକର୍ତାମାନେ ସଂପୂର୍ଣ୍ଣ ସହଯୋଗ କରିଥିଲେ । ଏହିଭଳି ସମସ୍ତଙ୍କ ସହଯୋଗ ଜିଲ୍ଲାରେ ଇତିହାସ ରଚିବାରେ ବେଶ ସହାୟକ ହୋଇଛି । ଏଥିରେ ଜିଲ୍ଲା ଯୋଗ ସମିତିର ସଂଯୋଜକଙ୍କ ଅକ୍ଳାନ୍ତ ପ୍ରଚେଷ୍ଟା ଭାରତ ସରକାରଙ୍କ ବିକାଶରେ ବେଶ ଖୁରାକି ଯୋଗାଇବାରେ ସହଯୋଗଅ ହେଉଥିବା ଆଲୋଚନାର ବିଷୟ ପାଲଟିଛି ।

୫୫ ନମ୍ବର ଜାତୀୟ ରାଜପଥ କତଡା ଗ୍ରାମ ନିକଟରେ ଜଳିଗଲା ଟ୍ରକ

ଛେଣ୍ଡିପଦା,୨୪।୬:(ମନ୍ଥନ)ଅନୁଗୋଳ - ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଜରପଡା ଥାନା ଅନ୍ତର୍ଗତ କତଡା ଗ୍ରାମ ନିକଟରେ ବୁଧବାର ସକାଳ ପ୍ରାୟ ନଅଟା ବେଳେ ଏକ କଏଲ୍ ଇଲେକ୍ଟ୍ରିକ ତାର ବୋଝେଇ ଟ୍ରକ ଆକସ୍ମିକ ଭାବେ ନିଆଁ ଲାଗି ଜଳି ଯାଇଥିବା ଜଣାପଡିଛି । ଖବର ପାଇ ଛେଣ୍ଡିପଦା ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁ କୁ ଆୟତ କରିଥିଲେ । ସୂଚନା ଯୋଗ୍ୟ ଯେ , ଟ୍ରକ୍ ନମ୍ବର ସି ଜି ୦୪ ଏମ ଜେଡ - ୯୮୧୭ ତାର ବୋଝେଇ ଟ୍ରକଟି ଅନୁଗୋଳ ଜିନ୍ଦଲ କମ୍ପାନୀ ଠାରୁ ଛତିଶଗଡ ଅଭିମୁଖେ ଯାଉଥିଲା ବେଳେ ପଛ ଚକା ଟାୟାର ଫାଟି ଯିବା ଯୋଗୁଁ ଜଳି ଯାଇଥିବା ଅନୁମାନ କରାଯାଉଛି । ଅପର

ପକ୍ଷରେ ଖବର ପାଇ ଜରପଡା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଟ୍ରକ୍ କୁ ଜବତ କରିବା ସହ ଅଗ୍ନିକାଣ୍ଡ ଘଟିବା କାରଣ ସମ୍ପର୍କରେ ସବିଶେଷ ଭାବେ ତଦନ୍ତ ଜାରୀ ରଖିଛି । ଏ ନେଇ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି । ସେହିପରି ଏହି ଅଘଟଣ ଯୋଗୁଁ ଗାଡ଼ି ଚାଳକ ଏବଂ ଖଲାସୀ କେହି ମୃତାହତ ହୋଇନଥିବା ଜଣାଯାଇଛି ।

ଭାଗିରଥି ବେହେରାଙ୍କ ମୃତ୍ୟୁର ସିବିଆଇ ତଦନ୍ତ ଦାବି କଲା ପ୍ରିୟଙ୍କା ଗାନ୍ଧି ସଙ୍ଗଠନ ଅଲ୍ ଇଣ୍ଡିଆ

ଅନୁଗୋଳ,୨୪।୬:(ମନ୍ଥନ) ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଫୁଲପଡ଼ା ପଞ୍ଚାୟତ ର ଭଗୀରଥି ବେହେରା (ଭାଗଲ) ଭାଇ ନାମ ରେ ପରିଚିତ । ସେ ଫୁଲପଡ଼ା ଛକ ରେ ଏକ ଦୋକାନ ଦେଇ ଗୁଜୁରାଣ ମେଣ୍ଟାଉଥିଲେ । ତାଙ୍କ ଗ୍ରାମ ର କିଛି ବିଜେପି କର୍ମୀ ମାନେ ତାଙ୍କ ଉପରେ ଆକ୍ରୋଶ ରଖି ତାଙ୍କ ବିଧାୟକ ଙ୍କୁ କହି ତହସିଲଦାର ,ବିଡ଼ିଓ ,ଥାନା ଅଧିକାରୀଙ୍କୁ ପ୍ରଭାବିତ କରି ତାଙ୍କର ଦୋକାନ ଟିକୁ ଭାଙ୍ଗି ଦେଲେ ଏବଂ ସେ ପୁନର୍ବାର ଆଉ ଗୋଟେ ଦୋକାନ ମଧ୍ୟ କରିଥିଲେ । କିନ୍ତୁ ସ୍ଥାନୀୟ ବିଜେପି କର୍ମୀ ଏବଂ ବିଧାୟକ ସେ ଦୋକାନ ଟିକୁ ମଧ୍ୟ ବନ୍ଦ କରିଦେଲେ । ସବୁ ଆଡୁ ହାରାସ ହୋଇ ବିଜେପି ଦଳର ବିଧାୟକ ଓ କର୍ମୀ ମାନଙ୍କ ଦ୍ୱାରା ନିର୍ଯାତିତ ହୋଇ ଶେଷରେ ନିଜର ଜିବନ ହାରିଛନ୍ତି । ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କର ଏକ ସୁଇସାଇଡ୍ ନୋଟ୍ ଜବତ ହୋଇଛି । ଏହି ସୁଇସାଇଡ୍ ନୋଟ୍ ରେ ବିଜେପି ଦଳର ନେତା ମାନେ ଏବଂ ବିଜେପି ଦଳ ର ବିଧାୟକ ତାଙ୍କ ମୃତ୍ୟୁ ପାଇଁ ସଂପୂର୍ଣ୍ଣ ଦାଇ ବୋଲି ଉଲ୍ଲେଖ ଅଛି । ସ୍ଥାନୀୟ ଏକ ହୋଟେଲ ରେ ପ୍ରିୟଙ୍କା ଗାନ୍ଧି ସଙ୍ଗଠନ ଅଲ୍ ଇଣ୍ଡିଆ ର ରାଷ୍ଟ୍ରୀୟ ସାଧାରଣ ସଂପାଦକ ପ୍ରବୋଧ କୁମାର ସ୍ୱାଇଁ ଭାଗଲ ବେହେରା ଙ୍କ ଫଟୋ ରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ତାଙ୍କର ସ୍ମୃତି ଚାରଣ କରିବା ସହିତ ଏକ ସାମ୍ବାଦିକ ସମ୍ମିଳନୀ ର ଆୟୋଜନ କରିଥିଲେ । ଏବଂ ସେଇ ସାମ୍ବାଦିକ ସମ୍ମିଳନୀ ରେ ଭାଗଲା ବେହେରା ଲେଖିଥିବା ଚିଠି କୁ ସାମ୍ବାଦିକ ମାନଙ୍କୁ ପ୍ରଦାନ କରିଥିଲେ । ଏବଂ ସ୍ଥାନୀୟ ବିଧାୟକ ଶ୍ରୀ ପ୍ରଧାନ ଏଥି ପାଇଁ ଦାୟୀ ଏବଂ ଶ୍ରୀ ପ୍ରଧାନ ଙ୍କୁ ଭାଗଲ ବେହେରା କେସ ରେ ପକ୍ଷଭୂକ୍ତ କରାଯାଉ । ଏବଂ ଏହାର ସିବିଆଇ ତଦନ୍ତ କରାଯାଉ ବୋଲି ଶ୍ରୀ ସ୍ୱାଇଁ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀ ରେ ନାରୀ ନେତ୍ରୀ ଶ୍ରୀମତି କସିଦା ଖାନ ଓ ଯୁବ ନେତା ଅଭିଷେକ ନାଏକ ଉପସ୍ଥିତ ଥିଲେ ।

ପାରାଦୀପରେ ସ୍ୱତନ୍ତ୍ର ସଘନ ସଂଶୋଧନ ସମୀକ୍ଷା ବୈଠକ ଅନୁଷ୍ଠିତ

ପାରାଦୀପ, ୨୪।୬:(ମନ୍ଥନ)ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)- ୨୦୨୬ ଭୋଟର ତାଲିକା ପ୍ରସ୍ତୁତି ଅଗ୍ରଗତି ର ତଦାରଖ କରିବା ପାଇଁ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ (ଏଡିଏମ) ଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଘରେ ଘରେ ଗଣନା, ଯୋଗ୍ୟ ଭୋଟରମାନଙ୍କୁ ଯାଞ୍ଚ କରିବା ଏବଂ ମୃତ, ସ୍ଥାନାନ୍ତରିତ କିମ୍ବା ଫର୍ଜରୀ ନାମ କୁ ବାଦ ଦେଇ ଏକ ସ୍ୱଚ୍ଛ ଭୋଟର ତାଲିକା ସୁନିଶ୍ଚିତ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଘର ଘରକୁ ଯାଞ୍ଚ ପର୍ଯ୍ୟାୟରେ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ଏବଂ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଉପରେ ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ । ଏହି ପରିପ୍ରେକ୍ଷୀରେ, ପାରାଦୀପର ପଞ୍ଜିକୃତ ଏବଂ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ୨୩ ଜୁନ୍ ୨୦୨୬ ଦିନ ଅପରାହ୍ନ ୪ଟାରେ ଏଡିଏମ ପାରାଦୀପ ଙ୍କ କାର୍ଯ୍ୟାଳୟରେ ଗଣନା ଫର୍ମ ବଣ୍ଟନ ଏବଂ ଡିଜିଟାଇଜେସନ୍, ବିଏଲଓ ଏବଂ ବିଏଲଏ ର ପରିଚାଳନାର ଏସଆଇଆର ସ୍ଥିତିର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ । ଚଳିତ ମାସ ୨୪ ଓ ୨୫ ତାରିଖ ରେ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀର ୧୦୧ ଅନ୍ତର୍ଗତ ଇଆରଓ ଏବଂ ଏଇଆରଓ ଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ପାରାଦୀପ ଅତିରିକ୍ତ ଜୀଲ୍ଲାପାଳ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲାୟ ଅନ୍ୟମାନଙ୍କ ମଧ୍ୟରେ

ପାରାଦୀପ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରିଷଦ ତଥା ବିଜେପି ନଗର ସଭାପତି ସୁବ୍ରତ ପ୍ରଧାନ, ବିଜେଡି, କଂଗ୍ରେସ, ବିଏସପିର ପ୍ରତିନିଧି ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ ।

ଇନ୍ଦୁପୁର ପଞ୍ଚାୟତରେ ବିଦେଶୀ ମଦ ଦୋକାନକୁ ବିରୋଧ

ଜିଲ୍ଲାପାଳଙ୍କୁ ଭେଟିଲେ ଶତାଧିକ ମିଶନଶକ୍ତି ମହିଳା

କେନ୍ଦ୍ରାପଡ଼ା, ୨୩।୬:ଇନ୍ଦୁପୁର ଗ୍ରାମପଞ୍ଚାୟତରେ ଖୋଲିବାକୁଥିବା ବିଦେଶୀ ଠିପି ବନ୍ଦ ମଦ ଦୋକାନକୁ ସ୍ଥାନୀୟ ମିଶନଶକ୍ତି ସ୍ୱୟଂସହାୟିକା ଗୋଷ୍ଠିର ମହିଳାମାନେ ପ୍ରବଳ ବିରୋଧ କରି ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଇନ୍ଦୁପୁର ପଞ୍ଚାୟତର ଯେଉଁ ସ୍ଥାନରେ ବିଦେଶୀ ମଦ ଦୋକାନଟି ଖୋଲିବାକୁ ଯାଉଛି ଉକ୍ତ ସ୍ଥାନଟି ଜଗତପୁର- ପଟ୍ଟାମୁଣ୍ଡାଇ କେନାଲବନ୍ଧ ପାର୍ଶ୍ୱରେ ରହିଛି। ସଂପୃକ୍ତ ମଦ ଦୋକାନ ହେବାକୁ ଯାଉଥିବା କେନାଲ ବନ୍ଧର ଅପର ପାର୍ଶ୍ୱରେ ଇନ୍ଦୁପୁର ପଞ୍ଚାୟତ ୬ନମ୍ବର ୱାର୍ଡର ଗ୍ରାମବାସୀ ତଥା ମହିଳାମାନଙ୍କ ଗାଧୁଆତୁଠ ରହିଛି। ଏଥିସହିତ ଇନ୍ଦୁପୁର ପଞ୍ଚାୟତର ୪ନମ୍ବର ୱାର୍ଡରେ ହେଉଥିବା ମଦ ଦୋକାନ ଠାରୁ ମାତ୍ର ୫୦ମିଟର ଦୂରରେ ସେହି ୱାର୍ଡର ଗାଧୁଆ ତୁଠ ରହିଛି। ଉଭୟ ଗାଧୁଆ ତୁଠକୁ ସେହି ଅଞ୍ଚଳର ଶତାଧିକ ମହିଳା, ଯୁବତୀ ଓ

ଗ୍ରାମବାସୀମାନେ ଦୈନିକ ଶୌଚ ପାଇଁ ବ୍ୟବହାର କରିଥାନ୍ତି। ସେହି ମଦଦୋକାନ ପଛପାର୍ଶ୍ୱରେ ଜନବସତି ରହିଛି। ସେହି ଦୋକାନ ଠାରୁ ୫୦ମିଟର ଦୂରରେ କେଉଁ ଆବହମାନ କାଳରୁ ଏକ ବୌଦ୍ଧ ମନ୍ଦିର ରହିଛି। ଏହାବ୍ୟତିତ ପ୍ରସ୍ତାବିତ ମଦ ଦୋକାନର ଅନତି ଦୂରରେ ଇନ୍ଦୁପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ଇନ୍ଦୁପୁର ସରକାରୀ ହାଇସ୍କୁଲ, ଚଇତି ଦେବୀ ମନ୍ଦିର ଓ ତ୍ରିନାଥ ମନ୍ଦିର ପ୍ରଭୃତି ରହିଛି। ଏହାସହ ସଂପୃକ୍ତ ମଦ ଦୋକାନଟି ଜଳସେଚନ ବିଭାଗ ଜମି ଉପରେ ହେବାକୁ ଯାଉଛି ଯାହା ସରକାରୀ ନୀତି ନିୟମକୁ ସଂପୂର୍ଣ୍ଣ ଉଲ୍ଲଙ୍ଘନ କରୁଛି। ତେଣୁ ଏସମସ୍ତ ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଏହି ପ୍ରସ୍ତାବିତ ବିଦେଶୀ ମଦ ଦୋକାନଟିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ମିଶନଶକ୍ତିର ମହିଳାମାନେ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ମଦ ଦୋକାନକୁ ସେଠାରୁ ସ୍ଥାନାନ୍ତର କରାନଯାଏ ତେବେ ମହିଳାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସଙ୍କ ସମେତ ଇନ୍ଦୁପୁର ଗ୍ରାମପଞ୍ଚାୟତର ମିଶନଶକ୍ତିର ସଭ୍ୟା ଜାନକି ସାହାଣୀ, ରୀତାଞ୍ଜଳି ଭୋଇ, ପ୍ରମିଳା ବେହେରା, ଲୀତାଞ୍ଜଳି ବେହେରା, କମଳା ସାହାଣୀ, ଶାନ୍ତିଲତା ବେହେରା, କୁନ୍ତଳା ବେହେରା, ସଞ୍ଜୁଲତା ସାହାଣୀ, ନଜରାନା ବିବି,ରୁକସା ବିବି, ରୋସନି ବିବି, ସଫେଦା ବିବି, ପରମିନ ବିବି, ହାସିନା ବିବି, ଅଶିୟା ବେଗମ, ଆର୍ଫିଆ ପରଦିନ, ଚିଜବୁନ ବିବି, ଅମେନା ବିବି, ସୋଫିଆ ପରମିନ, ସୁହାନା ବିବି ପ୍ରମୁଖ ଶତାଧିକ ମହିଳା ଉପସ୍ଥିତ ଥିଲେ।

କୁଆଁରିଆ ସେତୁ ଭୁଶୁଡ଼ିବାକୁ ୩୪ ମାସ ବିତିଲାଣି

ସେତୁ ତଳେ ବିପଦପୂର୍ଣ୍ଣ ଭାବେ ଯାଉଛନ୍ତି ପଥଚାରୀ

ଖଣ୍ଡପଡ଼ା, ୨୪।୬:(ମନ୍ଥନ) ଖଣ୍ଡପଡ଼ା ବ୍ଲକ ଅଧୀନ କୋସକାରୁ ଆଡକଟାକୁ ସଂଯୋଗ କରୁଥିବାପୂର୍ତ୍ତବିଭାଗ ରାସ୍ତାର କୁମ୍ଭାରପଡାରେ ଥିବା କୁଆଁରିଆ। ସେତୁ ଗତ ଅଗଷ୍ଟ ମାସରେ ଭୁଶୁଡିପଡିଥିବାବେଳେ ଘଟଣାକୁ ପ୍ରାୟ ୩୪ ମାସ ବିତିଲାଣି । ତେବେ ନିର୍ମାଣଧୀନ ସେତୁ ତଳେ ବିପଦପୂର୍ଣ୍ଣ ଭାବେଏବେବି ବାଇକ ଓ ସାଇକେଲ ଆରୋହୀ ଯାତାୟତ କରୁଥିବା ଦେଖିବାକୁ ମିଳୁଛି । ଚାରିଚକିଆ। ଯାନବାହନ ନଯିବା ପାଇଁ ପୂର୍ତ୍ତବିଭାଗ

ପକ୍ଷରୁ ମାଟି ଗଦା କରାଯିବା ସହ ରାସ୍ତାକୁ ଏକରକମ ବନ୍ଦ କରାଯାଇଥିବାବେଳେ କିନ୍ତୁ ବାଇକ ଓ ସାଇକେଲ ଆରୋହୀ ବୁଲାଣି ରାସ୍ତାକୁ ପସନ୍ଦ ନ କରି ବିପଦପୂର୍ଣ୍ଣ ଭାବେଯା ଆସ କରୁଛନ୍ତି । ଅନ୍ୟପକ୍ଷରେ ବିକଳ୍ପ ବ୍ୟବସ୍ଥା ଆଶାରେ ଏବେ ଅଞ୍ଚଳବାସୀ ଦିନ ଗଣୁଥିବାନେଇ ସୂଚନା ମିଳିଛି । ପୂର୍ତ୍ତବିଭାଗ ରାସ୍ତାରେ ଜାକେଲା ଗ୍ରାମ ନିକଟସ୍ଥ ସେତୁ ଉପରେ ପଡୋଶୀଗଣିଆ। ବ୍ଲକ ସମେତ ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡା, ବଳଭଦ୍ରପ୍ରସାଦ, କୋସକା ଓ ରୟତଡୋଳମରା ଆଦି ପଞ୍ଚାୟତର ହଜାର ହଜାର ଲୋକେ ନିର୍ଭରଶୀଳ । ମାତ୍ର ୨୦୨୩ ଅଗଷ୍ଟ ମାସରେକୁଆଁରିଆ। ନଦୀରେ ବନ୍ୟା ସୃଷ୍ଟି ହେବା ସହିତ ଦୀର୍ଘଦିନର ସେତୁଟି ଭୁଷୁଡିପଡିଥିଲା । ନୂତନ ସେତୁନିମନ୍ତେ ପୂର୍ତ୍ତବିଭାଗ ପକ୍ଷରୁ ଟେଣ୍ଡର ହୋଇ ଅବଧି ସରିଥିବା ବେଳେ ଆଜି ପର୍ଯ୍ୟନ୍ତ କାମ ଶେଷହୋଇନାହିଁ । ଫଳରେ ଖଣ୍ଡପଡ଼ା ପଟରୁ ଆଡକଟା ଯିବାକୁ ହେଲେ ଶରଧାପୁର ବ୍ରିଜ ବାଟ ଭାୟାଡୋଳମରା ଦେଇ ଯାତାୟତ କରୁଛନ୍ତି ଚାରିଚକିଆ। ଯାନ ସହ ଯାତ୍ରୀବାହି ବସୟ ଗୁରୁତ୍ୱପୂର୍ଣ୍ଣ କଥାହେଉଛି ନିର୍ମାଣଧୀନ ସେତୁ ନିମନ୍ତେ ଦୁଇ ଦୁଇ ଥର ଅସ୍ଥାୟୀ ରାସ୍ତା ତିଆରି କରି ଫେଲ ମାରିଲାଣିପୂର୍ତ୍ତବିଭାଗ । ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ଦୁଇ ବର୍ଷରେ ୨୦ ଲକ୍ଷରୁ ଉର୍ଦ୍ଧ ଟଙ୍କା ଅସ୍ଥାୟୀ ରାସ୍ତା ତିଆରି ଆଳରେ ପାଣିରେ ଭାସିଗଲାଣି । ତେବେ ସେତୁ ଅଧାପାନ୍ତରିଆ। ଭାବେ ରହିଥିବାରୁ ପୁଣି ଏକବର୍ଷ ଅପେକ୍ଷା କରିବାକୁ ପଡିବ। କାରଣ ବର୍ଷାଋତୁ ଆସିଲେ ପ୍ରାୟ ୫ ମାସ ଉକ୍ତ ଅଞ୍ଚଳରେ ବନ୍ୟା ପରିସ୍ଥିତି ଓ କୁଆଁରିଆ। ନଦୀର ଜଳସ୍ତର ସେତୁ ନିର୍ମାଣ ଦିଗରେ ବାଧକ ସାଜିବ । ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କୁମ୍ଭାରପଡା ସରପଞ୍ଚଚିନ୍ମୟ କୁମାର ପଣ୍ଡା, ରୟତ ଡୋଳମରା ପଞ୍ଚାୟତ ସରପଞ୍ଚ ମୁକୁତା ପରିଡା, ବଳଭଦ୍ରପ୍ରସାଦସମିତି ସଭ୍ୟ ସସ୍ମିତା ଦାସ ପ୍ରମୁଖ ଦାବି କରିଛନ୍ତି ।

ଆଞ୍ଚଳିକ ମନ୍ଥନ

ଗୁରୁବାର,୨୫,ଜୁନ,୨୦୨୬ Thursday,25 June 2026, Bhubaneswar

ବିକାଶ ଧାରା ଓଡ଼ିଶା ସାରା ବିକାଶକୁ ଗୁରୁତ୍ୱାରୋପ କାର୍ଯ୍ୟକ୍ରମ ଅନୁଷ୍ଠିତ

କୋରାପୁଟ,୨୪।୬:(ମନ୍ଥନ) ଭାରତ ସରକାରଙ୍କ ରାଜ୍ୟବ୍ୟାପୀ ପ୍ରୟାସ ବିକାଶ ଧାରା ଓଡ଼ିଶା ସାରା ସାରା ଓଡ଼ିଶାରେ କରାଯାଉଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକଳାପ ପ୍ରତି ଦୃଷ୍ଟି ଆକର୍ଷଣ କରୁଛି । ଏହି କାର୍ଯ୍ୟକ୍ରମ ଭିତ୍ତିଭୂମି, ସାର୍ବଜନୀନ ସେବା, ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି ଏବଂ ଗ୍ରାମୀଣ ବିକାଶରେ ସରକାରଙ୍କ ପ୍ରୟାସକୁ ପ୍ରଦର୍ଶିତ କରିବାରେ ସହଯୋଗ କରେ । ଏହି ପଦକ୍ଷେପ ଅଧୀନରେ, ବିଭିନ୍ନ ଜିଲ୍ଲାରେ ରାସ୍ତା ନିର୍ମାଣ, ପାନୀୟ ଜଳ ଯୋଗାଣ, ସ୍କୁଲ ଆଧୁନିକୀକରଣ, ସ୍ୱାସ୍ଥ୍ୟସେବା ସୁବିଧା ଏବଂ କଲ୍ୟାଣକାରୀ ଯୋଜନା ସମେତ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ଅଧିକାରୀମାନେ କହିଛନ୍ତି ଯେ ବିକାଶର ଲାଭ ରାଜ୍ୟର ପ୍ରତ୍ୟେକ ଗ୍ରାମ ଏବଂ ସହରାଞ୍ଚଳରେ ପହଞ୍ଚିବା ନିଶ୍ଚିତ କରିବା । ଜନପ୍ରତିନିଧି ଏବଂ ସ୍ଥାନୀୟ ବାସିନ୍ଦା ସଂଯୋଗୀକରଣକୁ ସୁଦୃଢ଼ କରିବା, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଜୀବନଧାରଣର ମାନ ଉନ୍ନତ କରିବା ପାଇଁ

ଲକ୍ଷ୍ୟ ରଖାଯାଇଥିବା ପ୍ରୟାସକୁ ପ୍ରଶଂସା କରିଛନ୍ତି। ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଋଷୀ, ମହିଳା, ଯୁବକ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗଙ୍କ କଲ୍ୟାଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ସମୀକ୍ଷା ବୈଠକ ଏବଂ ଜନସମ୍ପର୍କ କାର୍ଯ୍ୟକ୍ରମ ସମୟରେ, କର୍ତ୍ତୃପକ୍ଷମାନେ ବିଭିନ୍ନ କ୍ଷେତ୍ରରେ ହାସଲ ହୋଇଥିବା ପ୍ରଗତିକୁ ଗୁରୁତ୍ୱାରୋପ କରିଥିଲେ ଏବଂ ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ବିକାଶ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ ।ନାଗରିକମାନଙ୍କୁ ବିକାଶ ପଦକ୍ଷେପରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଏବଂ କଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକର ଉତ୍ତମ କାର୍ଯ୍ୟାନ୍ୱୟନ ପାଇଁ ମତାମତ ପ୍ରଦାନ କରିବାକୁ ଉତ୍ସାହିତ କରାଯାଇଥିଲାୟ ବିକାଶ ଧାରା ଓଡ଼ିଶା ସାରା ଅଭିଯାନ ଲୋକମାନଙ୍କୁ ଋଲିଥିବା ବିକାଶମୂଳକ କାର୍ଯ୍ୟ ଏବଂ ସରକାରଙ୍କ ଏକ ସମୃଦ୍ଧ ଏବଂ ପ୍ରଗତିଶୀଳ ଓଡ଼ିଶା ଗଠନର ଦୃଷ୍ଟିକୋଣ ବିଷୟରେ ସୂଚନା ଦେବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଆସୁଛି । ଏହାକୁ ନେଇ ସୁନାବେଡା ପୌରପରିଷଦର କାଉନସିଲ ସଭାଗୃହ ଓ ସୁନାବେଡା କନଫେରେନସ୍ ହାଲ ଠାରେ ଅନୁଷ୍ଠି ହୋଇଯାଇଛି । କାର୍ଯ୍ୟକ୍ରମରେ ଅଞ୍ଚଳର ସମସ୍ତ ସଚେତନ ନାଗରିକ, ଜନ ପ୍ରତିନିଧି ଓ ସାଧାରଣ ଲୋକମାନେ ଉପସ୍ଥିତ ରହିଥିଲେ ।

ପାରାଦୀପ ପୌରପାଳିକା ପକ୍ଷରୁ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ

ପାରାଦୀପ,୨୪।୬:(ମନ୍ଥନ)କେନ୍ଦ୍ରରେ ମୋଦୀ ସରକାରଙ୍କ ସଫଳତାର ୧୨ ବର୍ଷ ଏବଂ ଓଡ଼ିଶାରେ ଡ଼ଃ. ମୋହନ ଚରଣ ମାଝୀ ଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟବ୍ୟାପି ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଓ ସଫଳତାକୁ ଘରେ ଘରେ ପହଞ୍ଚାଇବା ଏହାର ମୂଖ୍ୟ ଉଦ୍ଦେଶ୍ୟ ଥିଲା ।କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରାଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ଦିନ ପାରାଦୀପ ପୌରପାଳିକା ପକ୍ଷରୁ ପୌର ପ୍ରଶାସନିକ ଭବନ ପରିସରରେ ପୌରାଧକ୍ଷ ପାରାଦୀପ ପୌରପାଳିକା ପକ୍ଷରୁ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ସଭାପତିତ୍ୱରେ ଆୟୋଜିତ

କାର୍ଯ୍ୟକ୍ରମରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଏବଂ ସମ୍ମାନିତ ଅତିଥି ଭାବେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବେଶ୍ୱର ବଳିଆରସିଂହ, ନଗର ବିଜେପି ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନ ପ୍ରମୁଖ ଯୋଗଦେଇ ହିତାଧିକାରୀ ମାନଙ୍କୁ ରାସନ କାର୍ଡ, ଭତ୍ତା,ସୁରକ୍ଷା ସାମଗ୍ରୀ ଇତ୍ୟାଦି ବଣ୍ଟନ କରିବା ସହିତ ସରକାର ଙ୍କ ବିଭିନ୍ନ ସଫଳ ଯୋଜନା ବିଷୟରେ ଅବଗତ କରାଇଥିଲେ ।

ଗ୍ରିଲ କାଟି ଘରୁ ୧ଲକ୍ଷ ଟଙ୍କା ଓ ସୁନା ମୁଦି ଥିବା ଟ୍ରଙ୍କ ନେଇଗଲେ ଦୁର୍ବୃତ୍ତ

ବଲାଙ୍ଗୀ,୨୪।୬:(ମନ୍ଥନ)ମଙ୍ଗଳବାର ରାତିରେ ବଲାଙ୍ଗୀ ଥାନା ଅନ୍ତର୍ଗତ ଡାଙ୍ଗୁରା ଗ୍ରାମରେ ଦୁର୍ବୃତ୍ତ ମାନେ ଜଣେ ବ୍ୟକ୍ତିଙ୍କ ଘରୁ ୧ଲକ୍ଷ ଟଙ୍କା ଓ ସୁନା ମୁଦି ଥିବା ଟ୍ରଙ୍କକୁ ଚୋରୀ କରିନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଲାଙ୍ଗୀ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭ କରଛି। ସୂଚନା ମୁତାବକ ଗ୍ରାମର ଅଶ୍ୱିନି କୁମାର ବରାଳ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଅଶ୍ୱିନ କାମ କରିବାକୁ ଗତ ୧୮ତାରିଖରୁ ବାହାରକୁ ଯାଇଥିଲେ । ଗତକାଲି ରାତିରେ ଅଶ୍ୱିନିଙ୍କ ପରିବାର ଘର ଗ୍ରିଲ୍ ଋବି ଦେଇ ଖାଇ ପିଇ ସୋଇଥିଲା ବେଳେ ଲାଇନ୍ କଟିଯାଇଥିଲା । ଗରମ ହେବାରୁ ଅଶ୍ୱିନିଙ୍କ ମା ଓ ଭଉଣି ତାଙ୍କ ଶୋଇବା ଘର କବାଟ ଖୋଲି ଶୋଇଥିଲେ । ଅଶ୍ୱିନି ଘରେ ନଥିବା ସୁଯୋଗ ନେଇ ଦୁର୍ବୃତ୍ତ ମାନେ ଛାତ ସିଡି ଦେଇ ଘର ଭିତରକୁ ପଶି ଗ୍ରିଲ ଋବି ଭାଙ୍ଗି ମା ଓ ଭଉଣୀ ଶୋଇବା ଘରେ ଥିବା ଟ୍ରଙ୍କକୁ ନେବା ସହିତ ଅଶ୍ୱନି ଙ୍କ ପତ୍ନୀ ଶୋଇବା ଘରକୁ ବାହାରୁ ଶିକୁଳି ଦେଇ ଦେଇଥିଲେ ।ଭୋର୍ ସମୟରେ ପତ୍ନୀ ଉଠି ବାହାରକୁ ଆସିବା ସମୟରେ ବାହାର ପଟୁ କବାଟ ଦିଆଯାଇଥିଲା ଜାଣିବା ପରେ ସେ ଶାଶୁଙ୍କୁ ଡାକ ପକାଇଥିଲେ । ପାଟି ଶୁଣି ଅଶ୍ୱିନୀଙ୍କ ମା ଓ ଭଉଣୀ ଉଠି କବାଟ ଖୋଲିବା ସମୟରେ ଘର ଗ୍ରିଲ ଋବି ଭଙ୍ଗା ଯିବା ଓ ଘରେ ଟ୍ରଙ୍କ ନଥିବା ଦେଖିଥିଲେ। ଉକ୍ତ ଟ୍ରଙ୍କରେ ଭଉଣୀ ବିବାହ ପାଇଁ ଅଶ୍ୱନି ୧ଲକ୍ଷ ଟଙ୍କା ଓ ଗୋଟେ ସୁନା ମୁଦି ରଖିଥିଲେ । ଦୁର୍ବୃତ୍ତ ମାନେ ଉକ୍ତ ଟ୍ରଙ୍କକୁ ଘର ଠାରୁ ମାତ୍ର ୫୦ମିଟର ଦୂରରେ ଭାଙ୍ଗି ଫୋପାଡ଼ି ଦେଇଥିଲେ ।

ମାଁ ସୁନାଦେଇଙ୍କ ବାର୍ଷିକ ଉତ୍ସବ ପାଳିତ

ନବରଙ୍ଗପୁର,୨୪।୬:(ମନ୍ଥନ)ନବରଙ୍ଗପୁର ସଦରମହକୁମା ସ୍ଥିତ ମିରଗାନିଗୁଡା ରେ ସଂଗଠକ ତଥା ସମାଜସେବି, ଗାୟକ ବାବୁ ପାତ୍ର ଙ୍କ ପ୍ରତକ୍ଷ ତତ୍ୱାବଧାନରେ ମାଁ ସୁନାଦେଇ ଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ମିରଗାନିଗୁଡା ପୂଜା କମିଟି ପକ୍ଷରୁ ତିନି ଦିନ ଧରି ଆୟୋଜିତ ଏହି ଉତ୍ସବରେ ମଣ୍ଡେଇ ସାଂସ୍କୃତିକ ଅନୁଷ୍ଠାନ , ମା ଶକ୍ତି ମେଲଡି ଏବଂ ମାଁ ଡଙ୍ଗର ଦେବୀ ମ୍ୟୁଜିକାଲ ବ୍ୟାଣ୍ଡ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉଦଯାପନି ଦିବସରେ ଅନୁଷ୍ଠିତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ନବରଙ୍ଗପୁର ବିଧାୟକ ଗୌରି ଶଙ୍କର ମାଝୀ ଯୋଗ ଦେଇ ମନ୍ଦିର ରେ ପୂଜା ଅର୍ଚ୍ଚନା ପୂର୍ବକ ପୂଜା କମିଟିର ସମସ୍ତ ସଦସ୍ୟ ଙ୍କୁ ଶୁବେଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ, ସେହିପରି ଅନ୍ୟତମ ଅତିଥି ଭାବରେ ଓଡ଼ିଶା ସଙ୍ଗୀତ ଏକାଡ଼େମୀ ସଦସ୍ୟ ଦେବଦାସ ମହାଙ୍କୁଡ , ଟେଲିଫିଲ୍ମ ନିର୍ଦେଶକ ମନୋଜ କୁମାର ପଟନାୟକ ଏବଂ ଜିଲ୍ଲା କିନ୍ନର ସଂଘର ସମ୍ପାଦକ ଚୁମୁକି କିନ୍ନର ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଦର୍ଶକ ଏବଂ କମିଟି ସଦସ୍ୟ ଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ପ୍ରଥମ ଥର ପାଇଁ ଜୟପୁର ସହରର ସୁକମାନ ସାଗରିଆ(ଆଲୁ)ଙ୍କ

ଦ୍ୱାରା ଗଠିତ ମାଁ ଡଙ୍ଗର ଦେବୀ ମ୍ୟୁଜିକାଲ ବ୍ୟାଣ୍ଡକୁ ଅତିଥି ମାନେ ଉଦଘାଟନ କରିଥିଲେ । କାର୍ଯକ୍ରମ ରେ ଉପସ୍ଥିତ କିନ୍ନର ସଂଘର ସଭାପତି କାଜଲ କିନ୍ନର , ସହ ସମ୍ପାଦକ ପ୍ରୀତି କିନ୍ନର ସମେତ ଅନ୍ୟ ସମସ୍ତ କିନ୍ନର ନୂତନ ମ୍ୟୁଜିକାଲ ବ୍ୟାଣ୍ଡର ସମସ୍ତ କଳାକାରଙ୍କ ସମେତ ସେଠାରେ ଉପସ୍ଥିତ ଦର୍ଶକ ଏବଂ ମିରଗାନିଗୁଡା ବାସିନ୍ଦାଙ୍କୁ ଆଶ୍ରିବାଦ ଦେଇଥିଲେ । ତତ୍ପରେ ମାଁ ଡଙ୍ଗର ଦେବୀ ମ୍ୟୁଜିକାଲ ବ୍ୟାଣ୍ଡର କଳାକାର ମାନେ ଆଦିବାସୀ, ଓଡିଆ। ,ହିନ୍ଦୀ ସମ୍ବଲପୁରୀ ଗୀତ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ମିରଗାନିଗୁଡା ପୂଜା କମିଟିର ସଦସ୍ୟ ରାଜେନ୍ଦ୍ର ନାୟକ, ରଂଜିତ ମିଗାନ ,ଶ୍ରୀଧର ପଟନାୟକ ,ଗିରିଧାରୀ ପଟନାୟକ, ଦେବରାଜ ପଟନାୟକ ,ଘାସିରାମ ମିଗାନ ,ଭାସ୍କର ମିଗାନ , ମନୋଜ କୁମାର ମିଶ୍ର ,ରାଜୁପାଇକ ,ରାଧାମୋହନ ହରିଜନ ,ତୁଳା ହରିଜନ ,ପ୍ରତାପ ମିଗାନ,ଟେଲ ମିଗାନ ,ବିଜୟ କୁମାର ମିଶ୍ର ,ଜଗେନ୍ଦ୍ର ମିଗାନ ,ଲିଙ୍ଗରାଜ ମିଗାନ, ତ୍ରିନାଥ ମିଗାନ ,ପ୍ରେମଚକ୍ଷନ୍ଦ ମିଗାନ ,ବିଦ୍ୟାଧର ମିରଗାନ , ତୁକାରକ୍ଷମ ପଟନାୟକ, କ୍ରିଷ୍ଣା ପଟନାୟକ ,ରାହୁଲ ମିଗକ୍ଷନ ,ସୁରଜ ହରିଜନ, ଅର୍ଣ୍ଣବ ମିଗାନ ଚିଣ୍ଟୁ ନାୟକ , ମହେଶ ମିଗାନ , ଏକଲବ୍ୟ ମିଗାନ ,ଗଣେଶ ମିଗାନ, ଜ୍ୟୋତି ମାହାପାତ୍ର , ସୁବାଷ ମିଗାନ ପ୍ରମୁଖ ସଦସ୍ୟ ମାନେ ମାଁ ଙ୍କ ବାର୍ଷିକ ଉତ୍ସବ ସଫଳ କରିବାରେ ସହଯୋଗ କରିଥିଲେ । ଉକ୍ତ କାର୍ଯକ୍ରମ ରେ ଜିଲ୍ଲା କିନ୍ନର ସଂଘର ସଦସ୍ୟଙ୍କୁ ନିମନ୍ତ୍ରଣ କରିଥିବାରୁ ସଂଘ ପକ୍ଷରୁ ଆୟୋଜକ କମିଟି କୁ ସାଧୁବାଦ ଜ୍ଞାପନ କରାଯାଇଛି ।

ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହଯୋଗରେ ଭିନ୍ନକ୍ଷମ ପ୍ରମାଣପତ୍ର ଓ ଭିନ୍ନକ୍ଷମ ଭତ୍ତା ପ୍ରାପ୍ତ

ଜଗତସିଂହପୁର ,୨୪।୬:(ମନ୍ଥନ)ଜିଲ୍ଲା ଆଇନ ସେବା ପ୍ରାଧିକରଣ ତତ୍ୱାବଧାନରେ ପ୍ରାଧିକରଣର ଅଧିକାରୀ ମିତ୍ର ନବସ୍ମିତା ବେହୁରାଙ୍କ ପ୍ରଚେଷ୍ଟା ଓ ସହଯୋଗରେ ଶ୍ରୀ କେଶବ ପରିଡା ଓରଫ ଇଶ୍ୱର ପରିଡା, ଗ୍ରାମ -ବୁଦ୍ଧିସାହି (ଡ଼ିଅସାହି) ପୋଷ୍ଟ -କୁଣ୍ଡେଶ୍ୱର, ଥାନା -ବାଲିକୁଦା, ଜିଲ୍ଲା -ଜଗତସିଂହପୁର ଏକ ୮୦% ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇ ପାରିଛନ୍ତି। ଇତି ମଧ୍ୟରେ ଅଧିକାରିମିତ୍ରଙ୍କ ପ୍ରୟାସରେ ପ୍ରଥମ ଭିନ୍ନକ୍ଷମ ଭତ୍ତା ପାଇପାରିଛନ୍ତି ଶ୍ରୀ କେଶବ ପରିଡା ଜଣେ ଦୃଷ୍ଟି ବାଧିତ ବ୍ୟକ୍ତି ଯିଏ କି ବହୁତ କମ ଦେଖିପାରନ୍ତି, ସେ ବହୁତ ଚେଷ୍ଟା କରିବା ସତ୍ୱେ ଭିନ୍ନକ୍ଷମପ୍ରମାଣପତ୍ର କରିପାରୁନଥିଲେ କି ଭିନ୍ନକ୍ଷମ ଭତ୍ତା ପାଇପାରୁନଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧିକାରିମିତ୍ରଙ୍କ ସହଯୋଗରେ ଏସବୁ ସମ୍ଭବ ହୋଇପାରିଛି ।

ଗ୍ରାମବାସୀଙ୍କ ବିରୋଧ ପରେ ବନ୍ଦ ହେଲା ଗୋଷ୍ଠୀ କେନ୍ଦ୍ର ନିର୍ମାଣ କାର୍ଯ୍ୟ

ମାଲକାନଗିରି, ୨୪।୬:(ମନ୍ଥନ)ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ଗୌଡଗୁଡା ଗ୍ରାମ ପଞ୍ଚାୟତର ଏମ୍.ଭି.-୧୧ ଗ୍ରାମରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣକୁ ନେଇ ଅନିୟମିତତା ଅଭିଯୋଗ ଉଠିଛିୟ ଏନେଇ ସରପଞ୍ଚ, ୱାର୍ଡ ସଦସ୍ୟ ଓ ଗ୍ରାମବାସୀମାନେ ମିଳିତ ଭାବେ ମାଲକାନଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ଏବଂ ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପୂର୍ବରୁ ଗ୍ରାମବାସୀ, ସରପଞ୍ଚ କିମ୍ବା ୱାର୍ଡ ସଦସ୍ୟଙ୍କୁ କୌଣସି ସୂଚନା ଦିଆଯାଇନଥିଲା । ଜଣେ ଠିକାଦାର ଏକତରଫା ଭାବେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବାବେଳେ ଗ୍ରାମବାସୀମାନେ ପଋରିବା ସତ୍ତ୍ୱେ ସନ୍ତୋଷଜନକ ଉତ୍ତର ପାଇନଥିଲେୟ ଏହାସହ ଗ୍ରାମ ପୋଖରୀ ହୁଡା ନିକଟସ୍ଥ ଜଳାଶୟ କିସମ ଜମିରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ନେଇ ମଧ୍ୟ ଆପତ୍ତି ଉଠିଛିୟପରବର୍ତ୍ତୀ ସମୟରେ ଗ୍ରାମବାସୀମାନେ କନିଷ୍ଠ ଯନ୍ତ୍ରୀ ଓ ରାଜସ୍ୱ ନିରୀକ୍ଷକଙ୍କ ସହ ଯୋଗାଯୋଗ କରିଥିଲେ । ସେଠାରୁ ମିଳିଥିବା ସୂଚନା ଅନୁଯାୟୀ, ସମ୍ପୃକ୍ତ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ସ୍ତରରେ ଆବଶ୍ୟକ ଅନୁମୋଦନ କିମ୍ବା ସୂଚନା ଦିଆଯାଇନଥିବା ଜଣାପଡ଼ିଥିଲା। ଏହାପରେ ଗୌଡଗୁଡା ସରପଞ୍ଚ ପାଣ୍ଡି ପଡିଆମି, ୱାର୍ଡ ସଦସ୍ୟ ସସ୍ମିତା ବାରୋଇ ଓ ଅନ୍ୟାନ୍ୟ ଗ୍ରାମବାସୀ ମିଶି ବିଡିଓ ଓ ତହସିଲଦାରଙ୍କୁ ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରିବା ସହ ଘଟଣାର ତଦନ୍ତ ଦାବି କରିଛନ୍ତି। ଏସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଭାନୁମତି ଟୁଡୁଙ୍କୁ ପଋରିବାରୁ ସେ କହିଛନ୍ତି ଯେ, ବିଭାଗୀୟ ସ୍ତରରେ ଜାଗା ଚିହ୍ନଟ କିମ୍ବା ଅନୁମୋଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇନଥିବାବେଳେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଘଟଣା ସମ୍ପର୍କରେ ଅବଗତ ହେବା ପରେ ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯାଇଥିବା ସେ ସୂଚନା ଦେଇଛନ୍ତିୟ।

ହରିଅନ୍ତାରେ ବିକାଶର ଉତ୍ସବ, ସରକାରୀ ଯୋଜନାରେ ଯୋଡ଼ିହେଲେ ହିତାଧିକାରୀ

ଫୁଲନଖରା, ୨୪।୬:(ମନ୍ଥନ)କଟକ ସଦର ଥାନା ଅନ୍ତର୍ଗତ ହରିଅନ୍ତା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନା ଓ ବିକାଶମୂଳକ କାର୍ଯ୍ୟଧାରାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉତ୍ସାହ ଓ ଆଡ଼ମ୍ବରର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପଞ୍ଚାୟତ ଅଞ୍ଚଳର ବହୁ ସଂଖ୍ୟକ ଜନସାଧାରଣ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ହିତାଧିକାରୀ ଓ ସରକାରୀ ଅଧିକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେୟ ପଞ୍ଚାୟତ ଉନ୍ନୟନ ଅଧିକାରୀ ସଞ୍ଜୟ ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର ବାରିକ ଏବଂ ହରିଅନ୍ତା ଗ୍ରାମ ପଞ୍ଚାୟତର ସରପଞ୍ଚ ପଦ୍ମିନୀ ପ୍ରଧାନ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ ।ବିଧାୟକଙ୍କ ପ୍ରତିନିଧି ତାଙ୍କ ବକ୍ତବ୍ୟରେ ଗ୍ରାମାଞ୍ଚଳର ବିକାଶ, ମହିଳା ସଶକ୍ତିକରଣ, ସ୍ୱାସ୍ଥ୍ୟ ସେବା ଓ ସାମାଜିକ ସୁରକ୍ଷାକୁ ପ୍ରାଥମିକତା ଦେଇ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲିପ୍ରକାଶ କରିଥିଲେ । ଏହି ଅବସରରେ ନୂତନ ଭାବେ ଚୟନ ହୋଇଥିବା ବହୁ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଭତ୍ତା ପାଇଥିବା ହିତାଧିକାରୀମାନେ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଥିବା ବେଳେ ଏହା ସେମାନଙ୍କ ଜୀବନଧାରାକୁ ସୁଦୃଢ଼ କରିବ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ସ୍ୱାସ୍ଥ୍ୟ ସେବା ଶିବିର । ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କୁନମୁନ୍ ମହାଭୋଇ, ସ୍ୱାସ୍ଥ୍ୟକର୍ମୀ ଜୋସ୍ନାମୟୀ ଦାସ, ଲିସା ପ୍ରଧାନ, ଅଶୋକ କୋଦମା ସିଂ ଓ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ଆସିଥିବା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସ୍ୱାସ୍ଥ୍ୟ ସଚେତନତା ସମ୍ପର୍କରେ ପରାମର୍ଶ ପ୍ରଦାନ କରିଥିଲେ । ଖନ୍ଦୋଳ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଚିନ୍ମୟୀ ନାୟକ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ କାର୍ଯ୍ୟକ୍ରମରେ ଉପସ୍ଥିତ ହୋଇପାରିନଥିଲେ ମଧ୍ୟ ବାୟୋ ବନ୍ଦନା କାର୍ଡ ପ୍ରସ୍ତୁତି ପାଇଁ ହିତାଧିକାରୀମାନଙ୍କୁ ସଚେତନ ଓ ପ୍ରୋତ୍ସାହିତ କରିଥିବା ଜଣାପଡ଼ିଛି । ସେହିପରି ସୁଭଦ୍ରା ଶକ୍ତି ସମାବେଶ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ହରିଅନ୍ତା ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘର ସଭାନେତ୍ରୀ କବିତା ସାହୁ ଓ ସମ୍ପାଦିକା ପ୍ରତିମା ଭୋଇଙ୍କ ନେତୃତ୍ୱରେ ଶତାଧିକ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଯୋଗଦେଇ ନିଜ ହାତରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଘରୋଇ ଓ ହସ୍ତଶିଳ୍ପ ସାମଗ୍ରୀ ଉପସ୍ଥିତ ଲୋକଙ୍କ ମଧ୍ୟରେ ବେଶ୍ ଆକର୍ଷଣ ସୃଷ୍ଟି କରିଥିଲା ।

ଓଡ୍ର ଖଣ୍ଡାୟତ କାଳଞ୍ଜୀ ସମାଜ ଅଞ୍ଚଳ ପରିଷଦର ନୂତନ କର୍ମକର୍ତ୍ତା ଚୟନ

ବୁଗୁଡା,୨୪।୬:(ମନ୍ଥନ)ଓଡ୍ର ଖଣ୍ଡାୟତ କାଳଞ୍ଜୀ ସମାଜ ବେତୟରସିଙ୍ଗି ଅଞ୍ଚଳ ପରିଷଦର ଏକ ବୈଠକ ସଭାପତି ଗୌର



ଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ବେତାରସିଂ ଅଞ୍ଚଳ ପରିଷଦର କାର୍ଯାଳୟ ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ୧୯ ଖଣ୍ଡ ଗ୍ରାମ ସମାଜ ଭାଇ ଓ କର୍ମକର୍ତ୍ତା, ଗ୍ରାମ କମିଟି, ମଣ୍ଡଳ କମିଟି, ଅଞ୍ଚଳ କମିଟି ସମେତ ସମାଜର କେନ୍ଦ୍ର ପରିଷଦର ଶୀର୍ଷ ନେତୃତ୍ୱବୃନ୍ଦ ଉପସ୍ଥିତ ରହିଥିଲେ । ଏ ଅବସରରେ ଅଞ୍ଚଳ ପରିଷଦର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ନୂତନ ଅଞ୍ଚଳ ସଭାପତି ଭାବେ ଗଙ୍ଗାଧର ବିଶୋଇ, ଉପସଭାପତି ଭାବେ ଅନ୍ତର୍ଯ୍ୟାମୀ ସ୍ୱାଇଁ, ସମ୍ପାଦକ ଭାବେ ଅମ୍ବିକା ପ୍ରସାଦ ବିଷୋୟୀ , ସଂଗଠନ ସମ୍ପାଦକ ଭାବେ ଯୋଗୀ ନାହାକ, ସଂଗଠକ ଭାବେ ଲକ୍ଷ୍ମଣ ସ୍ୱାଇଁ ଓ ଉପଦେଷ୍ଟା ଭାବେ ଗନ୍ଧର୍ବ ସେନ୍ ଭୂୟା ସର୍ବ ସମ୍ମତି ଭାବେ ମନୋନୀତ ହୋଇ କୁଳଦେବତାଙ୍କ ସମ୍ମୁଖରେ ଶପଥ ପାଠ କରିଥିଲେ । ଏହି ବୈଠକରେ କେନ୍ଦ୍ର ପରିଷଦ ସଭାପତି ସନ୍ତୋଷ କୁମାର ଜେନା, ଉପସଭାପତି ବୃନ୍ଦାବନ ଖଟେଇ, ସମ୍ପାଦକ ନୀଳାଚଳ ପୋଲେଇ, ଉପଦେଷ୍ଟା କାଳୀଚରଣ ନାୟକ ,ଆସିକା ଅଞ୍ଚଳ ସଭାପତି ନରହରି ବିଶୋଇ, ସମ୍ପାଦକ ଯୋଗେନ୍ଦ୍ର ପ୍ରଧାନ, ସିଦ୍ଧେଶ୍ୱର ଅଞ୍ଚଳ ସଭାପତି ଯୋଗେନ୍ଦ୍ର ବିଶୋଇ, ଆଠଗଡ ସଭାପତି ସୂର୍ଯ୍ୟ ନାରାୟଣ ଭୂୟା ,ସମ୍ପାଦକ ରାଧାଶ୍ୟାମ ଜେନା, ଉପଦେଷ୍ଟା ପଦ୍ମଚରଣ ଜେନା, କଇଁଡି ଅଞ୍ଚଳ ସଭାପତି ଜଗବନ୍ଧୁ ଜେନା, ପ୍ରଫୁଲ୍ଲ ମଲ୍ଲିକ, ପୂର୍ବତନ କେନ୍ଦ୍ର ସଭାପତି ହରିହର ପ୍ରଧାନଙ୍କ ସମେତ ଗ୍ରାମ , ମଣ୍ଡଳ ଓ ଅଞ୍ଚଳର ସମାଜ ଭାଇମାନେ ଉପସ୍ଥିତ ଥିଲେ । ଗଠିତ ନୂତନ କମିଟି ଅଞ୍ଚଳରେ ସମାଜ ଭାଇଙ୍କ ଶିକ୍ଷା, ଆର୍ଥିକ ଉନ୍ନତି, ଗରିବ, ବୃଦ୍ଧବୃଦ୍ଧାଙ୍କ କଲ୍ୟାଣ ଓ ସୁରକ୍ଷା ,ନାରୀ ସୁରକ୍ଷା ଦିଗରେ ଯତ୍ନବାନ ହେବା ନିମନ୍ତେ ଗୁରୁତ୍ୱାରୋପ କରାଯାଇଥିଲା ବେଳେ ଅଞ୍ଚଳରେ ବର୍ତ୍ତମାନ ଶୂନ୍ୟ ଅଭିଯୋଗ ରହିଥିବା ଘୋଷଣା କରାଯାଇଥିଲା।

ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅଧୀନରେ ଯକ୍ଷ୍ମା ରୋଗୀମାନଙ୍କୁ ବାସ୍କେଟ ବଣ୍ଟନ

ଜଗତସିଂହପୁର,୨୪।୬:(ମନ୍ଥନ)ଆଜି ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅଧୀନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ - (ଯକ୍ଷ୍ମା) ଡାକ୍ତର ରଶ୍ମିରଞ୍ଜନ ପଟ୍ଟନାୟକ ଙ୍କ ଅଧ୍ୟକ୍ଷତାରେ ଚିକିତ୍ସାଧୀନ ଯକ୍ଷ୍ମା ରୋଗୀମାନଙ୍କୁ ପୁଷ୍ଟିକର ଖାଦ୍ୟ ବାସ୍କେଟ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା

ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସ୍ନିଧାମୟୀ ମହାନ୍ତି ଉପସ୍ଥିତ ରହିଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଏବଂ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଭଳି ପଦକ୍ଷେପ ଅଧୀନରେ ପୁଷ୍ଟିକର ସହାୟତା ଉନ୍ନତ ଚିକିତ୍ସା ସଫଳତା ହାରରେ ଯୋଗଦାନ କରେ ଏବଂ ଯକ୍ଷ୍ମା ମୁକ୍ତ ଭାରତର ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରେ ବୋଲି କହିଥିଲେ। ଏହି ପୁଷ୍ଟିକର ଖାଦ୍ୟ ବାସ୍କେଟ ନିକ୍ଷୟ ମିତ୍ର ପାରାଦୀପ ଫସପେଟ୍ ଲିମିଟେଡ୍ ଦ୍ୱାରା ଯୋଗେଇ ଦିଆ ଯାଉଅଛି ।

ଷ୍ଟ୍ରିଟ ଲାଇଟ ଦୁର୍ନୀତି ନେଇ ଯାଜପୁରରେ ଭିଜିଲାନ୍ସ ବିଭାଗର ଚଢ଼ାଉ

ଯାଜପୁର,୨୪।୬:(ମନ୍ଥନ)ଷ୍ଟ୍ରିଟ ଲାଇଟ ଦୁର୍ନୀତି ନେଇ ଯାଜପୁର ଜିଲ୍ଲା ବଡଚଣା ବ୍ଲକର ୧୧ ଟି ପଂଚାୟତରେ ଭିଜିଲାନ୍ସ ବିଭାଗର ଚଢ଼ାଉ। ଅଚ୍ୟୁତବସନ୍ତ, ଅଣକା, ଛତିଆ, ବନ୍ତଳା, ଧାନ ମଣ୍ଡଳ, ଚମ୍ପାପୁର, ଧାନ ମଣ୍ଡଳ, ଦର୍ପଣ, ବୈରୀ, ମାଣ୍ଟୁକା, ଅଭୟପୁର ଆଦି ପଂଚାୟତରେ ଚଢ଼ାଉ। ଜିଲ୍ଲାରେ ମୋଟ ୮ଟି ସ୍ୱତନ୍ତ୍ର ଟିମ ସହାୟତାରେ ଚଢ଼ାଉ ଆରମ୍ଭ।

ଶୋଇବା ଘରୁ ବାହାରିଲା ୨୩ ନାଗଛୁଆ

ଯାଜପୁର,୨୪।୬:(ମନ୍ଥନ)ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତ ଅଧୀନସ୍ଥ ଚନ୍ଦୁକୁଡା ଗ୍ରାମରେ ଏକ ଚମକପ୍ରଦ ଘଟଣା ସାମ୍ନାକୁ ଆସିଛି। ଗୌରାଙ୍ଗ ଜେନାଙ୍କ ଶୋଇବା ଘରୁ ଏକାସାଥିରେ ୨୩ଟି ନାଗଛୁଆ ବା ଗୋଖର ସାପର ଛୁଆ ଉଦ୍ଧାର କରାଯାଇଛି ।ସୂଚନା ଅନୁଯାୟୀ, ଆଜି ସନ୍ଧ୍ୟାରେ ଗୌରାଙ୍ଗ ଜେନା ତାଙ୍କ ଶୋଇବା ଘରେ ଏକ ଛୋଟ ସାପ ବୁଲୁଥିବା ଦେଖି ତାହାକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଛୋଟ ସାପ ହୋଇଥିଲେ ମଧ୍ୟ ଏହା ଫଣା ଟେକି ଚୋଟ ମାରିବାକୁ ଉଦ୍ୟମ କରିଥିଲା। ଏହା ପରେ ପରିବାର ଲୋକେ ଭୟଭୀତ ହୋଇଯାଇଥିଲେ ଏବଂ ଘର ଭିତରେ ଆହୁରି କିଛି ସାପ ଥିବା ଦେଖିଥିଲେ। ଏହାପରେ ସ୍ନେକ୍ ହେଲ୍ପଲାଇନ୍ ?ର ରାଜ୍ୟ ସଂଯୋଜକ ପ୍ରମୋଦ ସାହୁଙ୍କୁ ଖବର ଦିଆଯାଇଥିଲା। ତାଙ୍କ ସହଯୋଗୀ ଯାହାଙ୍ଗୀର ଖାନଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ମାଟିଘରର ସମ୍ପୂର୍ଣ୍ଣ ଚଟାଣ ଖୋଲି ଖୋଜାଖୋଜି କରିବା ପରେ ୨୩ଟି ନାଗଛୁଆ ଉଦ୍ଧାର କରାଯାଇଥିଲା। ଏଥିସହ କିଛି ସାପ ଅଣ୍ଡାର ଖୋଳପା ମଧ୍ୟ ଉଦ୍ଧାର ହୋଇଥିଲା। ପ୍ରମୋଦ ସାହୁ କହିଛନ୍ତି ଯେ, ବର୍ତ୍ତମାନ ସମୟରେ ନାଗ ସାପ ଅଣ୍ଡାରୁ ଛୁଆ ବାହାରିବାର ଉପଯୁକ୍ତ ଋତୁ ଚାଲିଛି। ତେଣୁ ଲୋକମାନେ ସତର୍କ ରହିବା ଆବଶ୍ୟକ। ବିଷଧର ସାପ ଛୋଟ ହୋଇଥିଲେ ମଧ୍ୟ ତାହାର ବିଷ ପ୍ରାଣଘାତକ ହୋଇପାରେ। ବିଶେଷ କରି ବର୍ଷାଦିନରେ ଖଟିଆ ଉପରେ ମଶାରୀ ଟାଙ୍ଗି ଶୋଇବା ସହିତ ଘର ଓ ଘର ଚାରିପାଖର ପରିବେଶ ସଫା-ସୁତରା ରଖିବା ପାଇଁ ସେ ପରାମର୍ଶ ଦେଇଛନ୍ତି।ଉଦ୍ଧାର ହୋଇଥିବା ସମସ୍ତ ନାଗଛୁଆଙ୍କୁ ସୁରକ୍ଷିତ ଭାବେ ଦୂରସ୍ଥ ପ୍ରାକୃତିକ ଆବାସସ୍ଥଳରେ ଛାଡ଼ି ଦିଆଯାଇଛି।

କୁଚିଣ୍ଡା ରେ ଧାର୍ଯ୍ୟ ତାରିଖ ପୂର୍ବରୁ ସରିଲା ଏସ୍. ଆଇ.ଆର୍. ଫର୍ମ ଗ୍ରହଣ ଓ ଡିଜିଟାଇଜେସନ୍

କୁଚିଣ୍ଡା,୨୪।୬:(ମନ୍ଥନ)ରାଜ୍ୟରେ ଋଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ ଆଇ ଆର)ପ୍ରକ୍ରିୟାର ଫର୍ମ ଗ୍ରହଣ, ଦାଖଲ ଓ ଡିଜିଟାଇଜେସନ୍ ଅବଧି ୨୮ ଜୁନ୍ ପର୍ଯ୍ୟନ୍ତ ଥିବା ସତ୍ତ୍ୱେ କୁଚିଣ୍ଡା ଉପଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶ୍ରୀ ସରଓ୍ୱନନ୍ ସ. ଙ୍କ ପ୍ରତ୍ୟେକ୍ଷ ତଦାରଖରେ ସମସ୍ତ ୨୭୨ ବୁଥ ଶତ ପ୍ରତିଶତ ଡିଜିଟାଇଜେସନ୍ କାର୍ଯ୍ୟ ୨୩.୦୬.୨୦୨୬ ତାରିଖରେ ସଫଳତା ପୂର୍ବକ ସମ୍ପୂର୍ଣ୍ଣ ହୋଇସାରିଛି। ଉକ୍ତ ପ୍ରକ୍ରିୟାରେ ମୋଟ୍ ୨,୨୬,୦୪୧ ଜଣ ନିର୍ବାଚକଙ୍କ ତଥ୍ୟ ଡିଜିଟାଇଜେସନ୍ କରାଯାଇଛି । ଭୋଟରଙ୍କ ତଥ୍ୟକୁ ନିର୍ଦ୍ଧାରିତ ସମୟ ପୂର୍ବରୁ ପରିଗଣନା କାର୍ଯ୍ୟ ସମାପ୍ତ କରିଥିବା ୧୦୫ ଜଣ ବିଏଲ୍ଓ (ଇଖଡ) ଙ୍କ କାର୍ଯ୍ୟକୁ ପ୍ରଶଂସା କରି ଉପଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନିତ କରାଯାଇଛି ୟ୨୪ ଓ ୨୫ ଦୁଇ ଦିନ ଧରି କୁଚିଣ୍ଡା ବିଧାନସଭା କ୍ଷେତ୍ରରେ ସମସ୍ତ ବୁଥ୍ ସ୍ତରରେ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ବିଏଲ୍ଓ, ବିଏଲ୍ଓ ସୁପରଭାଇଜର, ଏଇଆରଓ ମିଶି (ଅନୁପସ୍ଥିତ, ସ୍ଥାନାନ୍ତରିତ, ମୃତ୍ୟୁ) ଭୋଟର ଲିଷ୍ଟର ପୁନଃ ଯାଞ୍ଚ କାର୍ଯ୍ୟ କରୁଅଛନ୍ତି । ଆସନ୍ତା ୦୫.୦୭.୨୦୨୬ ତାରିଖରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶନ କରାଯିବାକୁ ଥିବା ବେଳେ ୦୫.୦୭.୨୦୨୬ ରୁ ୦୪.୦୮.୨୦୨୬ ମଧ୍ୟରେ ଭୋଟରଙ୍କ ଠାରୁ ଦାବି ଓ ଆପତ୍ତି ଗ୍ରହଣର ସମୟସୀମା ସମ୍ବନ୍ଧରେ ସର୍ବସାଧାରଣଙ୍କୁ ଅବଗତ କରାଯାଉଛି ।

ଗୁରୁବାର ୨୫, ଜୁନ୍ ୨୦୨୬, ଭୁବନେଶ୍ୱର

Thursday, 25 June 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

ସେବା ଓ ମାନବିକତା

ସାମ୍ପ୍ରତିକ ସମୟରେ ଭାରତବର୍ଷରେ ମାନବିକତା, ସେବା ଏବଂ ସାମାଜିକ ଦାୟିତ୍ୱବୋଧର ଏକ ଅଭୂତପୂର୍ବ ଉଦାହରଣ ଦେଖିବାକୁ ମିଳିଛି ଯେଉଁଠାରେ ଦେଶର ଜନସାଧାରଣ ସ୍ୱତଃସ୍ଫୂର୍ତ୍ତ ଭାବେ ଆଗେଇ ଆସି ଅଙ୍ଗଦାନ ଭଳି ଏକ ମହତ କାର୍ଯ୍ୟରେ ନିଜକୁ ସାମିଲ କରିଛନ୍ତି ଏବଂ ଏହି କ୍ରମରେ ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ସୂଚନା ଅନୁଯାୟୀ ଦେଶରେ ଅଙ୍ଗଦାନ ସଂକଳ୍ପ ବା ଅଙ୍ଗଦାନ ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିବା ନାଗରିକଙ୍କ ସଂଖ୍ୟା ୫ଲକ୍ଷର ସୀମା ପାର କରି ଏକ ଐତିହାସିକ ମାଇଲଖୁଂଟ ସ୍ଥାପନ କରିଛି ଯାହା କେବଳ ଏକ ସଂଖ୍ୟା ନୁହେଁ ବରଂ ବଦଳୁଥିବା ଭାରତର ଚିନ୍ତାଧାରା ଓ ସାମୂହିକ ପ୍ରତିବଦ୍ଧତାର ଏକ ଜ୍ୱଳନ୍ତ ପ୍ରମାଣ ଅଟେ। ଏହି ବିପୁଳ ସଫଳତା ସ୍ପଷ୍ଟ କରୁଛି ଯେ ଆମ ଦେଶର ନାଗରିକମାନଙ୍କ ମଧ୍ୟରେ ଅଙ୍ଗ ଏବଂ ଟିସୁ (ତନ୍ତୁ) ଦାନର ଜୀବନ ରକ୍ଷାକାରୀ ମହତ୍ୱ ବିଷୟରେ ସଚେତନତା କ୍ରମାଗତ ଭାବେ ବୃଦ୍ଧି ପାଉଛି ଏବଂ ସମାଜରେ ପରୋପକାରର ଏକ ନୂଆ ବାତାବରଣ ସୃଷ୍ଟି ହେଉଛି। ମୃତ୍ୟୁ ପରେ ମଧ୍ୟ ଅନ୍ୟ ଜଣଙ୍କ ଜୀବନରେ ଆଲୋକ ଭରିଦେବା କିମ୍ବା କାହାକୁ ଏକ ନୂଆ ଜୀବନଦାନ ଦେବା ଭଳି କାମ ମାନବୀୟ କାର୍ଯ୍ୟକୁ ଆଜିର ସମାଜ ଗ୍ରହଣ କରୁଛି ଏବଂ ଯେଉଁ ରୋଗୀମାନେ ବର୍ଷ ବର୍ଷ ଧରି ଅଙ୍ଗ ପ୍ରତିରୋପଣ ପାଇଁ ଅପେକ୍ଷା କରି ରହିଛନ୍ତି ସେମାନଙ୍କ ପାଇଁ ଏହି ୫ଲକ୍ଷ ସଂକଳ୍ପ ଆଶାର ଏକ ନୂତନ କିରଣ ସାଜିଛି। ଭାରତ ସରକାରଙ୍କ ନିରନ୍ତର ପ୍ରୟାସ, ବ୍ୟାପକ ସଚେତନତା ଜେନେରେସନ୍ କାର୍ଯ୍ୟକ୍ରମ ଏବଂ ସ୍ୱେଚ୍ଛାକୃତ ଅଙ୍ଗଦାନକୁ ପ୍ରୋତ୍ସାହନ ଦେବା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଯୋଗୁଁ ହିଁ ଜନସାଧାରଣଙ୍କ ମଧ୍ୟରେ ଏହିପରି ସୂଚନାପୂର୍ଣ୍ଣ ଅଂଶଗ୍ରହଣ ଏବଂ ସାମାଜିକ ଦାୟିତ୍ୱବୋଧର ମନୋଭାବ ଜାଗ୍ରତ ହୋଇପାରିଛି। ଏହି ସଫଳ ଅବସରରେ ଜାତୀୟ ଅଙ୍ଗ ଏବଂ ଟିସୁ ପ୍ରତିରୋପଣ ସଂଗଠନ ବା ନାସନାଲ ଅର୍ଗାନ୍ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଂଟ ଅର୍ଗାନାଇଜେସନ (ଘଜଞଞଙ) ର ନିର୍ଦ୍ଦେଶକ ଡାକ୍ତର ଅନିଲ୍ କୁମାର ସମଗ୍ର ଦେଶର ନାଗରିକମାନଙ୍କୁ ସେମାନଙ୍କର ଏହି ଅକୁଣ୍ଠ ସମର୍ଥନ ଏବଂ ମହାନତା ପାଇଁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହା ସହିତ ସେ ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନ, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କାର୍ଯ୍ୟରତ ଡାକ୍ତର ଓ ପାରାମେଡିକାଲ କର୍ମଚାରୀ, ଶିକ୍ଷାନୁଷ୍ଠାନ, ଗଣମାଧ୍ୟମ ଏବଂ ଅନ୍ୟାନ୍ୟ ସହଯୋଗୀମାନଙ୍କର ମୂଲ୍ୟବାନ ଅବଦାନକୁ ସ୍ୱୀକାର କରିଛନ୍ତି ଯେଉଁମାନେ ଦିନରାତି ଏହି ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଜନସାଧାରଣଙ୍କୁ ସଂଗଠିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେ ସମସ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଂଚଳର ପ୍ରଶାସନଗୁଡିକର ନିରନ୍ତର ସହଯୋଗ ଏବଂ ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି ଯେଉଁମାନଙ୍କ ବିନା ଏହି ବୃହତ ମାଇଲଖୁଂଟ ହାସଲ କରିବା ସମ୍ଭବପର ହୋଇନଥାନ୍ତା। ବର୍ତ୍ତମାନ ସମୟରେ ଅଙ୍ଗର ଆବଶ୍ୟକତା ଏବଂ ଏହାର ଉପଲବ୍ଧତା ମଧ୍ୟରେ ଥିବା ବଡ ବ୍ୟବଧାନକୁ ଦୂର କରିବା ପାଇଁ ଭାରତ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରତିଶ୍ରୁତିବଦ୍ଧ ଅଟନ୍ତି ଏବଂ ଏଥିପାଇଁ ସଂସ୍ଥାଗତ ଦକ୍ଷତାର ବିକାଶ ସହିତ ପ୍ରତିରୋପଣ ପ୍ରଣାଳୀକୁ ଆହୁରି ସୁଦୃଢ କରାଯାଉଛି। ସରକାରଙ୍କର ମୁଖ୍ୟ ଲକ୍ଷ୍ୟ ହେଉଛି ସମଗ୍ର ଦେଶରେ ଅଙ୍ଗ ପ୍ରତିରୋପଣ ପ୍ରକ୍ରିୟା ଯେପରି ସମ୍ପୂର୍ଣ୍ଣ ନୈତିକ, ସମାନ, ସ୍ୱଚ୍ଛ ଏବଂ ରୋଗୀ-କୈନ୍ଦ୍ରିକ ହୋଇ ରହିବ ତାହା ନିଶ୍ଚିତ କରିବା। ଭାରତରେ ଅଙ୍ଗଦାନ ଆନ୍ଦୋଳନ ନିକଟ ଅତୀତରେ ଏକ ନୂତନ ଗତି ସେତେବେଳେ ପ୍ରାପ୍ତ କଲା ଯେତେବେଳେ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନିଜର ପ୍ରସିଦ୍ଧ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍' ମାଧ୍ୟମରେ ଦେଶବାସୀଙ୍କୁ ଏହି ନୋବେଲ୍ କାର୍ଯ୍ୟ ପାଇଁ ଅନୁପ୍ରାଣୀତ କଲେ। ପ୍ରଧାନମନ୍ତ୍ରୀ ବିଭିନ୍ନ ସମୟରେ ଅଙ୍ଗଦାନର ଜୀବନ ବଦଳାଇବା ଦେବା ଭଳି ସକାରାତ୍ମକ ପ୍ରଭାବ ବିଷୟରେ ଆଲୋଚନା କରିଛନ୍ତି ଏବଂ ପ୍ରତ୍ୟେକ ନାଗରିକଙ୍କୁ ଏହି ଜାତୀୟ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି ଯାହାଦ୍ୱାରା ଅନେକ ମୂଲ୍ୟବାନ ଜୀବନ ରକ୍ଷା କରାଯାଇପାରିବ। ଏହି ସାମୂହିକ ପ୍ରୟାସକୁ ଅଧିକ ସହଜ ଏବଂ ବ୍ୟବହାରିକ କରିବା ପାଇଁ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଆଧାରଭିତିକ ଅଙ୍ଗଦାନ ସଂକଳ୍ପ ପଞ୍ଜୀକରଣ ପୋର୍ଟାଲ ଯାହାର ୱେବସାଇଟ୍ ଭକ୍ଷ୍ପଣ୍ଣକ୍ଟ.ବଉୟଝଞ.ଶକ୍ଟଙ୍ଗ.ସଭ ଅଟେ, ତାହା ସମଗ୍ର ପ୍ରକ୍ରିୟାକୁ ଅତ୍ୟନ୍ତ ସରଳ, ସୁରକ୍ଷିତ ଏବଂ ସ୍ୱଚ୍ଛ କରିଦେଇଛି। ଜଣେ ବ୍ୟକ୍ତି ଘରେ ବସି ନିଜ ଆଧାର କାର୍ଡ ସାହାଯ୍ୟରେ ଅତି ସହଜରେ ଅଙ୍ଗଦାନ ପାଇଁ ନିଜର ନାମ ପଞ୍ଜୀକରଣ କରି ସଂକଳ୍ପ ପତ୍ର ହାସଲ କରିପାରୁଛନ୍ତି ଯାହାଫଳରେ ସାଧାରଣ ଜନତାଙ୍କ ମଧ୍ୟରେ ଡିଜିଟାଲ ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ଅଙ୍ଗଦାନ ଇକୋସିଷ୍ଟମ୍ ପ୍ରତି ବିଶ୍ୱାସ ଆହୁରି ଦୃଢ ହୋଇଛି। ଓଡିଶା ପ୍ରେକ୍ଷାପଟରେ ମଧ୍ୟ ଏହାର ପ୍ରଭାବ ବହୁଳ ଭାବେ ଦେଖିବାକୁ ମିଳୁଛି ଯେଉଁଠାରେ ରାଜ୍ୟ ସରକାର ଏବଂ ସ୍ଥାନୀୟ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରମାନେ ସାଧାରଣ ଲୋକଙ୍କ ମଧ୍ୟରେ ଥିବା ଅନ୍ଧବିଶ୍ୱାସ ଓ ମାନସିକ ସଂକୋଚକୁ ଦୂର କରି ସେମାନଙ୍କ ପଞ୍ଜୀକରଣ କରିବା ପାଇଁ ଉତ୍ସାହିତ କରୁଛନ୍ତି। ଓଡିଶାର ଗ୍ରାମାଂଚଳରୁ ଆରମ୍ଭ କରି ସହରାଂଚଳ ପର୍ଯ୍ୟନ୍ତ ଲୋକମାନେ ଏହି ଜାତୀୟ ଅଭିଯାନର ମହତ୍ୱ ବୁଝିପାରିଛନ୍ତି ଏବଂ ବିଶେଷ କରି ଯୁବପିଢି ଏହି ଅନଲାଇନ୍ ପୋର୍ଟାଲ ମାଧ୍ୟମରେ ସଂକଳ୍ପ ନେବାରେ ଆଗଧାଡିରେ ରହିଛନ୍ତି। ଏହି ମାଇଲଖୁଂଟ ଆଗାମୀ ଦିନରେ ଦେଶରେ ଅଙ୍ଗ ଅଭାବ ଜନିତ ସମସ୍ୟାର ସମାଧାନ ପାଇଁ ଏକ ଦୃଢ ମୂଳଦୁଆ ପକାଇବା ଏବଂ ସମାଜରେ ପରୋପକାର ଓ ଭାତୃଭାବର ଏକ ନୂତନ ପରମ୍ପରା ସୃଷ୍ଟି କରିବାରେ ସହାୟକ ହେବ ଏଥିରେ କୌଣସି ସନ୍ଦେହ ନାହିଁ।

ନ୍ୟାସଦାରୁ ପରିକ୍ରମା ସମୟରେ ଶ୍ରୀକ୍ଷେତ୍ରର ସବୁ ଶିବ ଓ ଶକ୍ତି ଚଳଚଞ୍ଚଳ

ବୀର କୁମାର ଜେନା

ଶ୍ରୀମନ୍ଦିରର କୋଇଲି ବୈକୁଣ୍ଠରେ ସାତଟି ମଣ୍ଡପ ନିର୍ମାଣ କରାଯିବାର ବିଧି ରହିଛି। ଏହି ମଣ୍ଡପ ଗୁଡ଼ିକର ବ୍ୟବହାର କର୍ମକାଣ୍ଡ ବିଜ୍ଞାନ ଅନୁଯାୟୀ ଏବଂ ବାସ୍ତୁଶାସ୍ତ୍ର ଅନୁଯାୟୀ ନିର୍ମାଣ କରାଯାଇଥାଏ। ଏହି ମଣ୍ଡପରେ ମହାପ୍ରଭୁଙ୍କର ଯେଉଁ ଗୁପ୍ତବିଧି ସମ୍ପନ୍ନ ହୁଏ ତାହା ଅତି ଗୋପନୀୟ। ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟର ଗବେଷଣାର ତଥ୍ୟ ଓ ଶ୍ରୀମନ୍ଦିରର ସତ୍ତ୍ୱଲିପି ତଥା ବିଶିଷ୍ଟ ଗବେଷକ ଡ.ସୁରେନ୍ଦ୍ର କୁମାର ମିଶ୍ରଙ୍କ ତଥ୍ୟା ଅନୁଯାୟୀ, 'ସ୍କନ୍ଦ ପୁରାଣ ସ୍ପଷ୍ଟ ରୂପରେ ଏହାର ନିର୍ମାଣ ଶବ୍ଦ ଧ୍ୱନି ନ ଶୁଣିବା ପାଇଁ ବାରଣ କରିଛନ୍ତି।' ସପ୍ତ ମଣ୍ଡପ ବିଷୟରେ ଐତିହାସିକ ଜଗବନ୍ଧୁ ସିଂ ସୂଚନା ପ୍ରଦାନ କରିଛନ୍ତି। ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ତାଙ୍କର 'ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ' ପୁସ୍ତକରେ ନୂତନ ବିଗ୍ରହ ମାନଙ୍କର ମାପ ପ୍ରକାଶ କରିଛନ୍ତି। ମାତ୍ର ବାସ୍ତବରେ ଦଇତା ଓ ପତି ସେବକମାନଙ୍କ ସହାୟତାରେ କେଉଁ ମାପରେ କେଉଁ ବିଗ୍ରହ ତିଆରି ହେବେ ତାହା ନିର୍ଦ୍ଧାରିତ ହୋଇଥାଏ। ଏହା ପ୍ରଘଟ ହେବା କଥା ନୁହେଁ। ମାତ୍ର କୌଣସି ପ୍ରକାରେ ଗତ ନବକଳେବର ସମୟରେ ପ୍ରଘଟ ହୋଇଯାଇଥିଲା। ବାସ୍ତବରେ ବ୍ରହ୍ମ ଯେଉଁ ଦାରୁଙ୍କୁ ଧାରଣ କରିବେ ସେହି ଦାରୁଙ୍କର ମାପ ଚୁପ କୌଣସି ଦୃଷ୍ଟିକୋଣରୁ ଜାଣିବା ଆବଶ୍ୟକତା ନାହିଁ। ଏହିପରି ଜର୍ମାନୀର ହେଡେଲବର୍ଗ ବିଶ୍ୱବିଦ୍ୟାଳୟ ଯେଉଁ 'ମାଦଳା ପାଞ୍ଜି', ସଂଗୃହୀତ କରି ପ୍ରକାଶ କରିଛି ସେଥିରେ ମଧ୍ୟ ବିଗ୍ରହ ନିର୍ମାଣର ମାପ ପ୍ରକାଶିତ ହୋଇଛି। ସେଗୁଡ଼ିକ ଠିକ ଲାଗୁନାହିଁ। ପ୍ରକୃତ ପକ୍ଷରେ ବାଡ଼ଗ୍ରାହୀ ଦଇତାପତିମାନେ ବଂଶ ପରମ୍ପରା କ୍ରମରେ ତାଙ୍କ ଘରେ ଥିବା ଗୁପ୍ତ ପୋଥି ଅନୁଯାୟୀ କାଠିଆ ମାପରେ ବିଶ୍ୱକର୍ମାଙ୍କୁ ବିଗ୍ରହ ମାନଙ୍କ ମାପ ଦିଅନ୍ତି। ଏପରି କି ବାଡ଼ଗ୍ରାହୀଙ୍କ ବ୍ୟତୀତ ଅନ୍ୟ ଅଧିକାଂଶ ଦଇତାମାନଙ୍କୁ ଏହି ମାପ ଠିକ ଜଣା ନଥାଏ। ଏହା ହିଁ ସତ୍ୟ।

ନିର୍ମିତ ହୋଇଥିବା ସାତଟି ମଣ୍ଡପରେ ଯଜ୍ଞାଧବ ବିଧି ଶ୍ରୋତ୍ରିୟ ବ୍ରାହ୍ମଣ ମାନେ କରିଥାନ୍ତି। ମହାପ୍ରଭୁଙ୍କ ପୁରୋହିତ ଏହି କାର୍ଯ୍ୟର ତତ୍ତ୍ୱଧାରକ ରୂପେ ଉପସ୍ଥିତ ରୁହନ୍ତି। ସହଯୋଗ କରନ୍ତି ମୁକ୍ତି ମଣ୍ଡପର ଷୋଳଶାସନର ବ୍ରାହ୍ମଣମାନେ। ଏହି ପ୍ରତିଷ୍ଠ କର୍ମର ପ୍ରକୃତ ରହସ୍ୟ ହେଉଛି ବିଗ୍ରହ ନିର୍ମାଣ କାର୍ଯ୍ୟ ଓ ପ୍ରତିଷ୍ଠା କାର୍ଯ୍ୟ ସମଭାବରେ ଚାଲିଥିବାର କେହି କାହାରି କଥା ଜାଣିବା ସମ୍ଭବ ନୁହେଁ। କର୍ମକାଣ୍ଡର ବିଜ୍ଞାନ ଅନୁଯାୟୀ ସେହି ସମୟରେ ବିଗ୍ରହ ମାନଙ୍କର ସିଧାସଳଖ ପ୍ରତିଷ୍ଠା କାର୍ଯ୍ୟ ସମ୍ଭବ ନୁହେଁ। ତେଣୁ ଏକ ସ୍ୱତନ୍ତ୍ର ନ୍ୟାସ କାର୍ଯ୍ୟ ସେହି ଅବସ୍ଥାରେ ହୋଇଥାଏ। ଏହି ନ୍ୟାସକାର୍ଯ୍ୟ ହୟଶୀର୍ଷ ସଂହିତା ଅନୁଯାୟୀ ସମ୍ପନ୍ନ ହୋଇଥାଏ। ତେଣୁ ଏଥିପାଇଁ ଜଣେ ନ୍ୟାସ ଆଚାର୍ଯ୍ୟ ଗଜପତିଙ୍କ ଦ୍ୱାରା ବରଣ ହୋଇଥାନ୍ତି। ଏହି ସମୟରେ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ର ବାତାବରଣ ଏକ ପବିତ୍ର ବାତାବରଣରେ ପରିଣତ କରାଯାଇଥାଏ। ୧୫ଜଣ ପାଠକ ବ୍ରାହ୍ମଣ ବରଣ ହୋଇ ୧୫ଟି ଗୁରୁତ୍ୱପୂର୍ଣ୍ଣ ଶାସ୍ତ୍ର ପ୍ରଭାବଶାଳୀ ମନ୍ତ୍ର ଓ ସ୍ତୋତ୍ରକୁ ପ୍ରତିଦିନ ପାଠ କରୁଥାନ୍ତି ଏବଂ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ଥିବା ଆଠଟି ଶୈବ ପୀଠରେ ଏକକାଳୀନ ନିର୍ଦ୍ଦିଷ୍ଟ ସମୟରେ ଶିବାଭିଷେ ନୀତି ପ୍ରଚଳିତ ଥାଏ।

ଶ୍ରୀମନ୍ଦିର ଭିତରେ ଐଶାନେଶ୍ୱର ଓ ବୈକୁଣ୍ଠେଶ୍ୱର ମହାଦେବ ନବକଳେବର ଲୀଳା ସହିତ ସମ୍ପୃକ୍ତ ରହିଥିବାରୁ ଅଭିଷେକ ମାଧ୍ୟମରେ ଶ୍ରୀମନ୍ଦିର ଭିତର ବାତାବରଣ ଅନୁକୂଳ ରଖିବା ପାଇଁ ତାଙ୍କୁ ଚଳଚଞ୍ଚଳ କରାଏ। ଶ୍ରୀକ୍ଷେତ୍ରର ବାତାବରଣ ଅନୁକୂଳ ରଖିବାପାଇଁ ଶ୍ରୀଜଗନ୍ନାଥଙ୍କ ଉପାସନା ସହିତ ସାମିଲ ହୋଇଥିବା ପଞ୍ଚପାଣ୍ଡବଙ୍କ ମନ୍ଦିରରେ ଓ ଗଜପତିଙ୍କ ପ୍ରାଚୀନ ଶ୍ରୀନଅରରେ ଉପସ୍ଥାପିତ ହେଉଥିବା ଶ୍ରୀଅଷ୍ଟଶମ୍ଭୁଙ୍କୁ ଏକା ସମୟରେ ଶିବାଭିକେ କରାଯାଏ। ସେହିପରି ଶ୍ରୀମନ୍ଦିର ମଧ୍ୟରେ ଚାରିବେଦୀ, ମା'ବିମଳା, ମା'ବଟମଙ୍ଗଳା, ମା'ଭୁବନେଶ୍ୱରୀ ଓ ମା'ଉତ୍ତରାୟଣୀଙ୍କ ପାଖରେ ଏକା ସମୟରେ ଚଣ୍ଡୀପାଠ କରାଯାଏ। ଏହି ଦେବୀମାନେ ଶ୍ରୀମନ୍ଦିରରେ ଶକ୍ତିକୁ ଚଳଚଞ୍ଚଳ ରଖିଥାନ୍ତି। ଶ୍ରୀମନ୍ଦିର ବାହାରେ ନଅଜଣ ଦେବୀ, ମା'ଦକ୍ଷିଣକାଳୀ, ମା'ଆଲାମଚଣ୍ଡୀ, ମା'ଚର୍ଚ୍ଚିକା, ମା'ମର୍ଚ୍ଚିକା, ମା'ଶ୍ୟାମାକାଳୀ, ମା' ବାସେଳୀ, ମା'ବାରାହୀ, ମା'ଅର୍ଦ୍ଧାସନୀ ଓ ମା'ବିଶ୍ୱେଶରୀଙ୍କୁ ମଧ୍ୟ ଏହି ସମୟରେ ଚଳଚଞ୍ଚଳ କରାଯାଏ। ସେଥିପାଇଁ ନିଷ୍ଠାର ସହିତ ମା'ଙ୍କ ପାଖରେ ଚଣ୍ଡୀପାଠ କରାଯାଇ ପୂଜାର୍ଚ୍ଚନା କରାଯାଏ। ପ୍ରକାଶ ଯେ ମା'ବାସେଳୀ, ମା' ବାରାହୀ ଓ ମା'ଆଲାମଚଣ୍ଡୀ ନବକଳେବର ଲୀଳା ସହିତ ଶାସ୍ତ୍ରୀୟ ଦେବୀ ଭାବରେ ସମ୍ପୃକ୍ତ ଥିବାବେଳେ ନିତେଇ ଧୋବଣୀ ଆରାଧା ବିଶିରେଇ ମଧ୍ୟ ଏହି ଲୀଳା ସହ ସମ୍ପୃକ୍ତ ରହିଛନ୍ତି। ନିତେଇ ଧୋବଣୀଙ୍କ ଚୁଡ଼ଙ୍ଗ ପାଠରୁ ଉତ୍ତରକୁ ମା'ବିଶେରେଇ ଅବସ୍ଥାନ କରିଛନ୍ତି। ବିଶିରେଇଙ୍କ ପ୍ରାଚୀନ ମୂର୍ତ୍ତି ଆଗରେ ଶାସ୍ତ୍ରୀୟ ବିଧି ଅନୁଯାୟୀ ମା'ବିଶ୍ୱେଶ୍ୱରୀଙ୍କ ମୂର୍ତ୍ତି ନିର୍ମାଣ କରାଯାଇ ପୂଜା କରାଯାଉଛି। ବାସ୍ତବରେ ପଛପଟରେ ଥିବା ପ୍ରାଚୀନ ବିଶିରେଇ ମୂର୍ତ୍ତିଙ୍କ ମୁଣ୍ଡ ତଳକୁ ଓ ତଳଭାଗ ଉପରକୁ ରହିଅଛି। ନିତେଇ ଧୋବଣୀ ତାଙ୍କ ଗୁପ୍ତାଙ୍ଗ ମନ୍ଦରଫୁଲ ଦେଇ ପୂଜା କରୁଥିଲେ। ଏହିପରି ଏକ ପବିତ୍ର ବାତାବରଣରେ ବନଯାଗରେ ଆସିଥିବା ମହାଦାରୁଙ୍କ ମଧ୍ୟରୁ ଖଣ୍ଡିଏ ମହାଦାରୁଙ୍କୁ ଜୀବନ୍ୟାସ ଦିଆଯାଏ। ଏହି ଜୀବନ୍ୟାସ ପାଇଥିବା ମହାଦାରୁ ଆଠଚକ ବିଶିଷ୍ଟ ନନ୍ଦିଘୋଷ ସଦୃଶ ରଥରେ ମୂଳ ମନ୍ଦିରକୁ ଶାସ୍ତ୍ରୀୟ ବିଧି ବିଧାନ ଅନୁଯାୟୀ ମହାକାଳର ସନ୍ଧିକ୍ଷଣର ଦୁଇଦିନ ପୂର୍ବରୁ ପରିକ୍ରମା କରାଯାଏ। ପ୍ରକାଶଯୋଗ୍ୟ, ଦେବତା ଓ ମୂଳ ମନ୍ଦିର ପରିକ୍ରମା ବିଧାନ ଭାରତୀୟ ସନାତନ ଧାରାର ଏକ ଅଙ୍ଗ। ସେହି ଜୀବନ୍ୟାସ ପାଇଥିବା ଦାରୁଙ୍କ ଦେହରେ ବ୍ରହ୍ମ ସ୍ଥାପିତ ହୋଇଥାନ୍ତି। ଏହି ଜୀବନ୍ୟାସ ଦାରୁ ହିଁ ଚାରିଭାଗ ହୋଇ ଚତୁର୍ଦ୍ଧା ବିଗ୍ରହଙ୍କ ଦେହରେ ସ୍ଥାନିତ ହୁଅନ୍ତି। ମାନବୀୟ ଲୀଳାରେ ଜୀବନ୍ୟାସ ପାଇଥିବା ଓ ମା'ଗର୍ଭରେ ଥିବା ସନ୍ତାନ ଯେଉଁଭଳି ଜୀବାତ୍ମା ପ୍ରବେଶ କଲେ ଭୂମିଷ୍ଠ ହୋଇଥାଏ ସେହିଭଳି ଜୀବନ୍ୟାସ ପାଇଥିବା ଦାରୁରେ ପରମବ୍ରହ୍ମ ମହାକାଳର ସନ୍ଧିଣ ପରେ ବ୍ରାହ୍ମମୁହୂର୍ତ୍ତରେ ପୁରୁଣା ବିଗ୍ରହ ଛାଡ଼ି ପ୍ରବେଶ କରନ୍ତି। ଏହି ମାନବୀୟ ଲୀଳାକୁ ମହାପ୍ରଭୁ ନବକଳେବର ଲୀଳାରେ ଲୋକ ମାନଙ୍କ ଶିକ୍ଷା ପାଇଁ ଜଣାଇ ଦେଇଅଛନ୍ତି। ଏହା ହେଉଛି ପ୍ରକୃତରେ ଜନମ-ମରଣ ଚକର ରହସ୍ୟ। ଘଟଣାର ପ୍ରକ୍ରିୟାର ମଧ୍ୟ ରହସ୍ୟ।

ଅଣିକଣା, ବରୀ, ଯାଜପୁର, ଦୂରଭାଷ : ୮୯୧୭୩୭୭୯୮୭
E-mail : kabirkjena@gmail.com

ସନ୍ତାନ ସୁଖ ପାଇଁ ବିବାହ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଆହାର, ନିଦ୍ରା, ଭୟ, ମୈଥୁନ, ଏ ଚାରି ସବୁ ଜୀବଙ୍କ ଜୀବନ କାଳ ସହଚର, ପ୍ରବୃତ୍ତି, ହେଲେ ମନୁଷ୍ୟ ଦେହେ ଦିବ୍ୟ ଜ୍ଞାନ ଦେଖି ସନ୍ତୋଷ ଭଗବାନ। ଏ ଭାଗବତ ବାଣୀ ଦର୍ଶାଉଛି କେବଳ ମନୁଷ୍ୟ ମାନଙ୍କର ଅନ୍ୟ ଜୀବଙ୍କ ଠାରୁ ଜୀବନ ଧାରଣ ଭିନ୍ନ। କାମନା ଚରିତାର୍ଥ ପାଇଁ, ପର ଅର୍ଥ, ପର ଶ୍ରମ ପର ଅଧିକାର, ପର ଦ୍ରବ୍ୟରୁ ଦୂରେଇ ନିଜ ବିଦଦତ୍ତା ଶ୍ରମ, ଶାସ୍ତ୍ର ନିର୍ଦ୍ଦେଶ, ଗୁରୁ, ଗୁରୁଜନ, ଆଦେଶ, ଧର୍ମୀୟ ପରମ୍ପରା, ସାମ୍ବିଧାନିକ ଧାରା, ଦେଶର ପେନାଲ କୋଡ଼ଧାରା ସହ ସାମାଜିକ ବ୍ୟବସ୍ଥା ମଧ୍ୟରେ ଶାରୀରିକ କ୍ଷମତା, ବଳ ବୟସ ଅନୁସାରେ ଅନେକ ଭୋଗ ସୁଖ କରାଯାଇପାରେ। ଭାରତୀୟ ଜ୍ୟୋତିଷ ବିଜ୍ଞମାନେ ରାଶି ଚକ୍ରରେ ଚାରି ଗୋଟି ଦ୍ୱିସ୍ୱ ରାଶି ସାତଯୋଡ଼ିଛନ୍ତି ଓ ଏକ ଦ୍ୱିସ୍ୱ ରାଶିରେ ମିଥୁନ ରାଶି ରହିଛି ଯେଉଁ ଏକ ନାରୀ ଏକ ପୁରୁଷ ଯୋଡ଼ି ରହିଛି। ପାଣି ବିନାପବିତ୍ରୀ କରଣ ନାହିଁ, ସ୍ନାନ ଶୌଚ ନାହିଁ, ନଦୀ, ପୋଖରୀ, ନାଳ ହ୍ରଦ ସମୁଦ୍ର ସବୁଠି ଜଳ ଗଙ୍ଗା ଯମୁନା ନର୍ମଦା ଗୋଦାବୀର ସିପ୍ରା ମହାନଦୀ, ଚିତ୍ରୋତ୍ପଳା, ପ୍ରାଚୀ ପ୍ରଭୃତି ପୁଣ୍ୟତୋୟା ନଦୀରେ ବିଭିନ୍ନ ଜଳ ଜୀବଙ୍କ ମଧ୍ୟରେ ମାଛ ବିହାର ରହିଛି, ଏଠାରେ ପୂଜା ଅର୍ଘ୍ୟ ତର୍ପଣ କରାଗଲେ ବି କେହି ବି ଏହାକୁ ମାଛ ଗାଧୁଆ, ଜଳ ମାଛ ମୂତ୍ର ପୁରୀଷ ପରିତ୍ୟକ୍ତ ଜଳ କହି ନଥାନ୍ତି। ଅନେକ ମାଛ ଦମ୍ପତ୍ତି ଖୁସିରେ ତାଙ୍କ ଭବିଷ୍ୟତ ଦର୍ଶନରେ ଏଥିରେ ବିଚରଣ କରୁଅଛନ୍ତି, ଜ୍ୟୋତିଷ ଜ୍ଞାନୀମାନେ କେବଳ ଏକ ମାଛ ଦମ୍ପତୀଙ୍କୁ ତାଙ୍କ ଡିମ୍ବକୁ ମଝିରେ ରଖି ପରସ୍ପର ଲାଞ୍ଜ ମୁଣ୍ଡ ଦିଗରେ ରହି ଭବିଷ୍ୟତକୁ ରକ୍ଷା କରୁଛନ୍ତି। ମୀନ କେତନ, ସୁସନ୍ତାନ, ନିରୋଗ ସନ୍ତାନ, ସବଳ ସନ୍ତାନ, ସେ ପୁଣି ବଂଶ ବୃଦ୍ଧି କରିପାରୁଥିବେ। କାମଦେବଙ୍କ ନାମ ମୀନକେତନ, ନହେଲେ ମକର କେତନ, କେତନ ଅର୍ଥ ପତାକା ଯହିଁରେ ଏହି ସଂକେତ ଦୃଶ୍ୟ, ମକର ବି ଏକ ଜଳ, ଜୀବ।

କାଳପୁରୁଷର ବାର ନମ୍ବର ରାଶିରେ ଆସେ ମୀନ ଆଉ ଦଶ ନମ୍ବର ରାଶିରେ ଆସେ ମକର ରାଶି। ମକରକୁ ସମୁଦ୍ର ଛାଗ କୁହାଯାଏ। ଛାଗ ଦୀର୍ଘାୟୁ ଜୀବ ନୁହେଁ ହେଲେ ତାର ପ୍ରଜନନ କ୍ରିୟା ସ୍ୱଚ୍ଛ ଜୀବନରେ ବହୁ ବାର। ଛାଗ ପୁରୁଷଙ୍କ ମାଆ, ଭଉଣୀ ଜ୍ଞାନ କାମାତୁରା କାଳରେ ନଥାଏ। ଷଣ୍ଢ ଆଗରେ ଭାଗବତ ଜ୍ଞାନ ବୃଥା, ଗୋମାତା ଆମର ପୂଜ୍ୟ ବୃଷଭ ବି ପୂଜ୍ୟ କିନ୍ତୁ ବୃଷଭର ମାଆ ଭଉଣୀ

ଜ୍ଞାନ ନାହିଁ। ଏହାଙ୍କର ଆଚରଣକୁ ଶାସ୍ତ୍ର ମାନ୍ୟତା ଦେଇ ନାହାଁନ୍ତି। ଧନୁ ଏକ ଦ୍ୱାତ୍ମିକ ବା ଦିସ୍ୱ ରାଶି ଏହା ଏକ ଅଶ୍ୱାରୋହୀ ହାତରେ ଧନୁ ଟଙ୍କାରିତ, ଅଶ୍ୱବଳରେ ରାଜା ମହାରାଜ ବଳବାନ, ଅଶ୍ୱାରୋହୀ ସେନା ପୋଲିସ ଏବେ ବି ଅଛନ୍ତି ଆମ ଠାକୁର ଜଗନ୍ନାଥ ବଳରାମଙ୍କ କଳା ଓ ଧଳା ଘୋଡ଼ା କଳ୍କୀ ଭଗବାନ ଘୋଡ଼ାରେ ହିଁ ଆରୋହୀ ମ୍ଳେଚ୍ଛ ସଂହାର କରିବେ। ଜଗନ୍ନାଥ ମନ୍ଦିରରେ ଦକ୍ଷିଣ ଦ୍ୱାରରେ ଧବମାନ ଅଶ୍ୱ ସ୍ଥିର ତାହା ଅଶ୍ୱ ଚିହ୍ନିତ ଦ୍ୱାର ଅଶ୍ୱ ଦ୍ୱାର। ଅଶ୍ୱ ଉପରେ ଆରୋହୀ ଅନେକ ଯୋଦ୍ଧା ବୀର ପୁରୁଷଙ୍କ ସ୍ମୃତି ମୂର୍ତ୍ତି ବିଭିନ୍ନ ସହରର ଛକ ମଣ୍ଡିତ କରୁଛି। ବାସେଳୀ ଏକଠାକୁରାଣୀ ଯାହା କୈବର୍ତ୍ତ ଜାତିର ଜାତୀୟ ଦେବତା ଅଶ୍ୱ ମୁଣ୍ଡ ରୂପେ ବର୍ଷ ଯାକ ପୂଜା ପାଆନ୍ତି। ଘୋଡ଼ା ନାଚ ଏକ ସାଂସ୍କୃତିକ ଅନୁଷ୍ଠାନ ବା ପର୍ବ। ଏକ ସୁସ୍ଥ ସବଳ ଘୋଡ଼ାର କାର୍ଯ୍ୟକାରୀ ଶକ୍ତିକୁ ଏକକ ରୂପେ ଯାନ୍ତ୍ରିକ ଶକ୍ତିରେ ବ୍ୟବହାର କରାଯାଉଛି, ବିଦ୍ୟୁତ ଶକ୍ତିର ୭୪୬ ୱାଟ ଏକକ ରେ ଏକ ହର୍ସ ପାୱାର ଧରାଯାଏ। ଘୋଡ଼ାକୁ ବାଜୀ କୁହାଯାଏ, ଆୟୁର୍ବେଦିକ ଶାସ୍ତ୍ରରେ ବାଜୀକରଣ ଏକ ଅଧ୍ୟାୟ, ଯାହା ଘୋଡ଼ାର ରମଣ ଶକ୍ତି ସଦୃଶ ଯୌବନକାଳକୁ ଅତୁଟ, ଦୀର୍ଘସ୍ଥାୟୀ ରଖିବା ପାଇଁ ଉଦ୍ଦିଷ୍ଟ ଭେଷଜ ପ୍ରୟୋଗ, ଏହା ଆଧୁନିକ ଚିକିତ୍ସା ବିଜ୍ଞାନରେ ସ୍ଥାନିତ ଅଛି। ଏକ ବନୌଷଧି ଅଶ୍ୱଗନ୍ଧା ଅଛି ଯାହା ଯୌବନକୁ ପୁରୁଷଙ୍କର ଦୀର୍ଘସ୍ଥାୟୀ ରଖିବା ପାଇଁ ଭେଷଜଜ୍ଞମାନେ ପ୍ରୟୋଗ କରନ୍ତି। ପୂର୍ବେ ପୁରୁଷ ମାନେ ବହୁ ବିବାହ କରିବା ଏକ ପରମ୍ପରା ଅନେକ ସମାଜ ଧର୍ମରେ ପୁଣି ବଡ଼ ପରିବାର ବାନ୍ଧି ଶତ୍ରୁ ମୁକାବିଲା ପାଇଁ ଏକ ଚିନ୍ତା ଥିଲା।ରାଜ ପରିବାରରେ ପୁରୁଷମାନେ ଅନେକ ବିବାହ କରିବା ପୁରାଣ, ଇତିହାସରେ ମିଳୁଛି। ଅନେକରେ ଏକ ହେଉଛନ୍ତି ରାଜା, ଦଳପତି, ଶିକ୍ଷକ, ଡାକ୍ତର, ବିଚାରପତି। ଏପରି ସନ୍ତାନ ପାଇଁ ଇଚ୍ଛା ପ୍ରକାଶ ସବୁ ଦମ୍ପତ୍ତି ଚାହିଁଲେ ବି ଅନେକ କ୍ଷେତ୍ରରେ ସ୍ୱପ୍ନ ସାର୍ଥକ ହୁଏନାହିଁ। ଉପାୟ ଖୋଜରେ ମୁହୂର୍ତ୍ତ ଜ୍ୟୋତିଷର ସାହାଯ୍ୟ ନିଆ ଯିବା ଧାର୍ଯ୍ୟ। ଆର୍ଯ୍ୟ ଋଷିମାନେ କରିଛନ୍ତି, କାମାତୁରା ସମ୍ବନ୍ଧକୁ ଜ୍ୟୋତିଷ ଶାସ୍ତ୍ରର ଡ଼ାଞ୍ଚାରେ ନିୟନ୍ତ୍ରିତ କରି ଯୋଗ୍ୟ ମୁହୂର୍ତ୍ତ ଗୁଡ଼ିକ ଦମ୍ପତିମାନେ ବାଛି କାମରେ ଲଗାଇଲେ ଇପ୍ସିତ ସନ୍ତାନ ପାଇପାରନ୍ତି। କାମଧେନୁ କିଳ ଖାନାକୁ ଲୋକେ ଏବେ ବିକ୍ରୀ କରୁଛନ୍ତି, କଳ୍ପବଟ, ବାଞ୍ଛା ବଟ, ଅକ୍ଷୟ ବଟ ପରି ମୂଲ୍ୟବାନ ଗଛ ସବୁକୁ କାଟି ସଫା କଲାପରି, ଅନମୋଲ ଜ୍ୟୋତିଷ ଶାସ୍ତ୍ରକୁ ବିଲୁପ୍ତ ଲୋକେ କରିବାରେ ଲାଗିଗଲେଣି, କି କମ୍ପ୍ୟୁଟର ଯୁଗ ହେଲା ଶାସ୍ତ୍ରର ମର୍ମ ନ ଜାଣି ଅନେକ ସ୍ୱୟମ୍ଭୁ। ଆୟୁର୍ବେଦିକ ଶାସ୍ତ୍ର ସେହିପରି ଅବହେଳିତ ହୋଇ ଚାଲିଛି। ଯୁଗ ଇତି ଦିଗକୁ କାଳ ଭିଡୁଛି।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

ଭାରତର ପ୍ରମୁଖ ଡିଜିଟାଲ ୱାଲେଟ୍ସ

ଡକ୍ଟର ତପନ କୁମାର ପାଲ

ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ ଲାଇଟ (ଇପିଆଇ ଲାଇଟ) ବ୍ୟବହାରକାରୀମାନେ ନିଜ ଆକାଉଣ୍ଟରେ ଟଙ୍କା ଦେଣନେଣ କାର୍ଯ୍ୟ ସୁବିଧାରେ କରିଥାନ୍ତି। ଭାରତୀୟ ଜାତୀୟ ପେମେଣ୍ଟ ନିଗମ (ଏନପିସିଆଇ) ସର୍କୁଲାର ଅନୁସାରେ ସମସ୍ତ ଅନଲାଇନ ପେମେଣ୍ଟ ସହ ସୁବିଧାଜନକ ବ୍ୟାଙ୍କିଙ୍ଗ ସେବା ଦିଆଯାଉଛି। ଉଲ୍ଲେଖଥାଉକି ୟୁପିଆଇ ଲାଇଟକୁ ସୁବିଧାରେ ଛୋଟମୋଟ କାରବାର କରିବା ପାଇଁ ବ୍ୟବହାର କରାଯାଉଛି। କାରବାର ପାଇଁ ଏଥିରେ ଇଣ୍ଟରନେଟର ଆବଶ୍ୟକତା ପଡ଼ିନଥାଏ। ଭାରତୀୟ ରିର୍ଜଭ ବ୍ୟାଙ୍କ ୟୁପିଆଇ ଲାଇଟ ସହ ଜଡ଼ିତ କାରବାରର ସୀମା ବୃଦ୍ଧି କରିବାକୁ ଯାଇ ଆରବିଆଇ ଗୋଟିଏ ୟୁପିଆଇ ଲାଇଟ କାରବାର ସୀମାକୁ ୫୦୦ ଟଙ୍କାରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ାଇଛନ୍ତି। ସେହିପରି ୱାଲେଟ ବାଲାନ୍ସ ଲିମିଟ ୨୦୦୦ ଟଙ୍କାରୁ ୫୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଆଗାମୀ ଆର୍ଥିକ ବର୍ଷ ଅର୍ଥାତ୍ ୧ ଅପ୍ରେଲ ୨୦୨୫ରୁ ୟୁପିଆଇ ଲାଇଟ ଉପଭୋକ୍ତାମାନେ ସେମାନଙ୍କ ୟୁପିଆଇ ଲାଇଟରେ ଥିବା ବଳକା ରାଶିକୁ ସିଧାସଳଖ ସେହି ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିପାରିବେ, ଯେଉଁଠାରୁ ସେମାନେ ୟୁପିଆଇ ଲାଇଟ ଆକାଉଣ୍ଟକୁ ଫଣ୍ଡ ଟ୍ରାନସଫର କରିଥିଲେ। ଆଜିର ସମୟରେ ଆର୍ଥିକ କାରବାର ନିମିତ୍ତ ଦ୍ରୁତ, ସ୍ୱଚ୍ଛ ଓ ନିର୍ଭରଯୋଗ୍ୟ ଆର୍ଥିକ ବ୍ୟବସ୍ଥା ଭାବେ ବିଭିନ୍ନ ଡିଜିଟାଲ ୱାଲେଟ ସ୍ଥାନ ନେଇଛନ୍ତି। ସେହି ସବୁ ପ୍ରମୁଖ ଡିଜିଟାଲ ୱାଲେଟ ଉପରେ ଆଜିର ଆଲୋଚନା।

ଏୟାରଟେଲ୍ ମନି : ଯଦି ଆପଣ ଏୟାରଟେଲ ମନି ଡିଜିଟାଲ ଆପ୍ ବ୍ୟବହାର କରୁଛନ୍ତି, ତେବେ ଆପଣ ଆପଣଙ୍କର ପ୍ରିପେଡ୍ ଏକାଉଣ୍ଟ ଓ ପୋଷ୍ଟପେଡ୍ ଏକାଉଣ୍ଟକୁ ଅତି ସହଜ ଉପାୟରେ ରିଚାର୍ଜ କରିପାରିବେ। ଏହା ଏକ ନିର୍ଭର ଯୋଗ୍ୟ ସେବା। ଯଦି ଆପଣଙ୍କର ଡିଜିଟାଲ ୱାଲେଟ୍‌ରେ ପଇସା ନଥାଏ, ତାହେଲେ ୪ଅଙ୍କ ବିଶିଷ୍ଟ ସିକ୍ୟୁରିଟି ପିନ୍‌କୋଡକୁ ବ୍ୟବହାର କରି ଆପଣ କିଣି ପାରିବେ ନିଜ ମନ ପସନ୍ଦର ଜିନିଷ।

ସିଟି ମାଷ୍ଟରପାସ୍ : ସିଟି ମାଷ୍ଟରପାସ୍ ଆପ୍ ଆପଣ ବ୍ୟବହାର କରୁଛନ୍ତି କି? ଯଦି ନା, ତାହେଲେ ଏବେ ହିଁ ଏହି ଆପକୁ ଡାଉନଲୋଡ଼ କରନ୍ତୁ ଏବଂ ଏହାର ଲାଭ ଉଠାନ୍ତୁ। କାରଣ ଏହା ଏକ ଡିଜିଟାଲ ୱାଲେଟ ଆପ୍। ଏହା ଆପଣଙ୍କୁ ଅନ୍‌ଲାଇନ ସପିଂ ସମୟରେ ଦ୍ରୁତଗତିର ସେବା ଯୋଗାଇଥାଏ। ଥରେ ଟଙ୍କା ପଇଠ କରିବା ମାତ୍ରେ ସପିଂର ସମ୍ପୂର୍ଣ୍ଣ ତଥ୍ୟ ଆପଣଙ୍କ ସିଟି ୱାଲେଟକୁ ମିଳିଯାଇଥାଏ। ଯାହାଫଳରେ ମାଷ୍ଟର ବଟମ୍‌କୁ ଦବାଇଲେ ଆପଣ ଅତି ସହଜ ଏବଂ ଯତ୍ନ ସହକାରେ ଆପଣଙ୍କ ସପିଂର ମଜା ଉଠାଇପାରିବେ।

ସିଟ୍ରେସ୍ ପେ : ସିଟ୍ରେସ୍ ପେ ହେଉଛି ଭାରତର ନମ୍ବର-୧ ଇ-ୱାଲେଟ୍। ଯାହା ଖାସ୍‌କରି ବ୍ୟବସାୟିକ ବା ସଂସ୍ଥାମାନଙ୍କ ପାଇଁ ଏକ ଉତ୍ତମ ଆପ୍। ଏହି ଆପ୍ ସାହାଯ୍ୟରେ ବ୍ୟବସାୟିକ ଏବଂ ସଂସ୍ଥାପକ ମାନେ ସେମାନଙ୍କ ଗ୍ରାହକକୁ ଅତି ସହଜ ଏବଂ ସୁବିଧାରେ ଟଙ୍କା ନେଣଦେଣ କରିପାରିବେ। ଏହି ଆପ୍ ପ୍ରାୟ ୮୦୦ ମିଲିୟନ ଗ୍ରାହକଙ୍କୁ ସଂଯୋଗ କରିପାରିବାରେ କ୍ଷମତା ରହିଛି। ଏହି ଆପ୍‌ଟି ନିଶ୍ଚିତ ରୂପେ ଭାରତର ଏକମାତ୍ର ଉତ୍ତମ ମୋବାଇଲ ୱାଲେଟ୍।

ଇଜ୍‌ଟାପ : ଇଜ୍‌ଟାପ ଏକ ଏପରି ଆପ୍ ଯାହାକି ୨୦୧୧ରେ ବାଙ୍ଗାଲୁରୁ ଠାରେ ଉନ୍ମୋଚନ କରାଯାଇଥିଲା। ଏହା ଏକ ପ୍ରକାରର ଇଲେକ୍ଟ୍ରୋନିକ ଆପ୍, ବ୍ୟବହାର କରୁଥିବା ଗ୍ରାହକମାନଙ୍କୁ ପାଉତି ପ୍ରତିବଦଳରେ ଏସ୍.ଏମ୍.ଏସ୍ ବା ଇମେଲ ଦ୍ୱାରା ଜଣାଯାଏ।

ଏଚ୍.ଡ଼ି.ଏଫ୍.ସି ପେଜାପ୍ ଆପ୍ : ଏହି ଆପ୍‌ଟି ଭାରତରେ ଖୁବ୍ ଜଣାଶୁଣା। ଏହାର ବିଶେଷତ୍ୱ ହେଉଛି ୟୁଜର ଏହି ଆପ୍ ସାହାଯ୍ୟରେ ନିଜ ଡେବିଟ ବା କ୍ରେଡିଟ୍ କାର୍ଡ଼ ସହ ଯୋଡ଼ି ପାରିବେ ଏବଂ ସବୁଠି ପେମେଣ୍ଟ କରିପାରିବେ। ଯେପରି କି ଫ୍ଲାଇଟ ଟିକେଟ, ହୋଟେଲ ଟିକେଟ ବିଲ ପଇଠ କରିବା ଇତ୍ୟାଦି।

ଜିଓମନି : ଜିଓମନି ମଧ୍ୟ ଏକ ଡିଜିଟାଲ ପେମେଣ୍ଟ ଆପ୍ ଯାହା ଜିଓ କମ୍ପାନୀ ଦ୍ୱାରା ୨୦୧୬ରେ ବଜାରକୁ ଆସିଥିଲା। ଏହି ଜିଓ ମନି ଦ୍ୱାରା ଜଣେ ଗ୍ରାହକ ରିହାତି ମୂଲ୍ୟରେ ଆକର୍ଷଣୀୟ ସେବା ପାଇପାରିବେ। ଏଥିପାଇଁ ବ୍ୟବହାରକାରୀମାନେ ବହୁଳ ଭାବରେ ଦୋକାନରେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା। ତେଣୁ କ୍ରୟମାନ ସାଧାରଣ ଅପେକ୍ଷା କ୍ଷିପ୍ର ହୋଇଥିଲା।

ମୋବିକ୍ୱିକ୍ : ମୋବିକ୍ୱିକ୍ ଭାରତର ଗୁରୁଗାଁଓରେ କାର୍ଟକାରୀ ହେଉଥିବା ଇ-ୱାଲେଟ୍ ପ୍ରକ୍ରିୟା। ଏହି ପ୍ରକ୍ରିୟା ବ୍ୟବହାରକାରୀଙ୍କୁ ଟଙ୍କା ଜମା କରିବାରେ ସହାୟକ ହୋଇଥାଏ। ଏହି ସେବା ପ୍ରଥମେ ୨୦୦୯ରେ ବିପିନ ସିଂହ ଏବଂ ଉପାସନା ଟାକୁଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଏହି ଡିଜିଟାଲ ୱାଲେଟ ବ୍ୟବହାରକାରୀ ମାନଙ୍କୁ ରିଚାର୍ଜ ବିଲ ପଇଠ ଏବଂ ତୃତୀୟଦଳୀୟ ଅଫିସର କିଣାବିକାରେ ମଧ୍ୟ ଗୋଟିଏ ଟିପ୍‌ରେ ରଖାଯାଇଛି।

ମେମୋ ଏକ୍ସପ୍ରେସ୍ : ଭାରତର ବାଙ୍ଗାଲୁରୁ ଠାରେ ଆରମ୍ଭ ହୋଇଥିବା ଡିଜିଟାଲ ୱାଲେଟ ସେବା ନିଜକୁ ତୀବ୍ରତାର ସହ ଦେଶ ଦୁନିଆରେ ପ୍ରସାର ଲାଭ କରୁଛି ବୋଲି ଏହି ସଂସ୍ଥାର ଦାବି। ବର୍ତ୍ତମାନ ଯାଏ ଏହି ସଂସ୍ଥା କେବଳ ବାଙ୍ଗାଲୁରୁ ଠାରେ ସାହାଯ୍ୟପ୍ରାପ୍ୟ ହୋଇପାରିଛି। ଏବେ ତାଙ୍କ ପାଖରେ ସମାଧାନର ବ୍ୟାପକ ପରିସର ରହିଛି। ଏବେ ବଜାରରେ ଉପଭୋକ୍ତାଙ୍କ ପାଇଁ ଏହି ସେବା ଯୋଗାଇଛନ୍ତି। ରିକ୍ସାଭଡ଼ା ଠାରୁ ଆରମ୍ଭ କରି ସେଲୁନ୍ ଏବଂ ସ୍ପାରେ ଏହି ସେବା ପ୍ରଚଳିତ ହେଉଛି।ଓଲା ମନି : ୨୦୧୫ରେ ଭାରତରେ ଓଲା ମନିର ଏକ ଡିଜିଟାଲ ଆପ୍ ଉପଲବ୍ଧ କରିଥିଲା। ଯେତେବେଳେ ଏହା ମୁଖ୍ୟତଃ ଯାତ୍ରୀବାହୀ ଭଡ଼ାଗାଡ଼ିରେ ଅର୍ଥ ପରିଶୋଧରେ ବ୍ୟବହୃତ ହେଲା ନଗଦ ଅର୍ଥ ବିହୀନର ସ୍ୱପ୍ନ ସତ ହେଲା। ଏବେ ଆହୁରି ମଧ୍ୟ ସଉଦା କ୍ରୟ ତଥା ବିମାନ ଟିକେଟ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟବହୃତ ହେଲା। ମୋବାଇଲ ମନି : ରିଜର୍ଭ ବ୍ୟାଙ୍କ ଦ୍ୱାରା ପ୍ରାଧିକୃତ ଏହି ମୋବାଇଲ ମନି ଆପ୍ କିଣାବିକା ଏବଂ ସେବାରେ ପଞ୍ଜିକୃତ ବେପାରୀଙ୍କ ପାଖରୁ ବ୍ୟବହାରକାରୀ ଦ୍ରବ୍ୟ ସେବା କିଣାରେ ସମର୍ଥ ହେବେ। ଦେଶର ଆଦିବାସୀ ଅ ଳର ଲକ୍ଷାଧିକ ଲୋକଙ୍କ ପାଖରେ ଅନଲାଇନ ଦରମା ସହଜପ୍ରାପ୍ୟ ହୋଇଛି। ପେଟିଏମ୍ : ବର୍ତ୍ତମାନ ଭାରତରେ ସର୍ବବୃହତ ମୋବାଇଲ ୱାଲେଟ ଆପ୍। ଯାହାଦ୍ୱାରା ସମସ୍ତ ସ୍ଥାନରେ ଟଙ୍କା, ଭଡ଼ା ଗ୍ରହଣଯୋଗ୍ୟ ମୋବାଇଲ ବିଲ ଦେବାଠାରୁ ଆରମ୍ଭ କରି ଫିଲ୍ମ ଟିକେଟ ପର୍ଯ୍ୟନ୍ତ ଏହି ସେବା ଯୋଗାଇ ଦେଇଛି। ଏମିତି କୌଣସି ସେବା ନାହିଁ ଯାହା ପେଟିଏମ୍ ଦ୍ୱାରା ସମ୍ଭବ ନୁହେଁ।ଷ୍ଟେଟ ବ୍ୟାଙ୍କ ବଡ଼ି : ଭାରତରେ ଷ୍ଟେଟ ବ୍ୟାଙ୍କ ବଡ଼ି ଏକ ଅନଲାଇନ ୱାଲେଟ ଆପ୍ ଯାହାକି ଦେଶର ସର୍ବତ୍ର ୧୩ଟି ଭାଷାରେ ଉପଲବ୍ଧ। ବ୍ୟବହାରକର୍ତ୍ତା (ଷ୍ଟେଟ ବ୍ୟାଙ୍କରେ ଖାତା ନଥିବା ଗ୍ରାହକ) ଏହି ଆପର ଉପଯୋଗ ଟଙ୍କା ଉଠାଣ, ପଇଠ, ହୋଟେଲ ଓ ମୁଭି ଟିକେଟ ବୁକ୍ ଆଦି ଫେସବୁକ୍ କିମ୍ବା ଅନ୍ୟ ବ୍ୟାଙ୍କ ଆକାଉଣ୍ଟ ସାହାଯ୍ୟରେ କରିହେବ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩

ଅମରନାଥ ଯାତ୍ରା ସୁରକ୍ଷା ବ୍ୟବସ୍ଥା

ସର୍ବାଧିକ ଅର୍ଦ୍ଧସାମରିକ ବାହିନୀ ମୁତୟନ

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ଅମରନାଥ ଯାତ୍ରାର ପ୍ରସ୍ତୁତିର ଅଂଶ ସ୍ୱରୂପ, କେନ୍ଦ୍ର ଗୃହ ମନ୍ତ୍ରଣାଳୟ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଏପିଏଫ)ର ୬୭୦ କମ୍ପାନୀ ମୁତୟନକୁ ଅନୁମୋଦନ କରିଛି । ଏହା ଚଳିତ ବର୍ଷ ତୀର୍ଥଯାତ୍ରା ପାଇଁ ଅର୍ଦ୍ଧସାମରିକ ବାହିନୀର ସର୍ବବୃହତ ମୁତୟନ ବୋଲି କୁହାଯାଉଛି । ସୂତ୍ର ଅନୁସାରେ, ଜମ୍ମୁ ଏବଂ କାଶ୍ମୀର ପ୍ରଶାସନ ସହିତ ସମନ୍ୱୟ ରଖି ଏହି ଅତିରିକ୍ତ ଫୋର୍ସ ମୁତୟନ କରାଯିବ । ବାଲତାଲ ଏବଂ ପହଲଗାମ ରୁଟ୍ ଉଭୟରେ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏହି ମୁତୟନ ଜୁନ୍ ୨୫ ତାରିଖ ପୂର୍ବରୁ ସମାପ୍ତ ହେବ । ଏହି ନିୟୋଜନରେ ବାଲତାଲ ଏବଂ ନନୱାନରେ ଥିବା ବେସ୍ କ୍ୟାମ୍ପ, ଜମ୍ମୁ ଯାତ୍ରୀ ନିବାସ, ଜମ୍ମୁ-ଶ୍ରୀନଗର ଜାତୀୟ ରାଜପଥ, ପଠାନକୋଟ-ଜମ୍ମୁ ରାଜପଥ ଏବଂ ତୀର୍ଥଯାତ୍ରୀଙ୍କ ଦ୍ୱାରା ପ୍ରାୟତଃ ବ୍ୟବହୃତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଅନ୍ତର୍ଭୁକ୍ତ । ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ରୋଡ୍ ଓପନିଂ ପାର୍ଟି(ଆରଓପି)ନିୟୋଜନ ଉପରେ ବିଶେଷ ଧ୍ୟାନ ଦିଆଯିବ । ଏହି ସମୟରେ, ଜମ୍ମୁ-ଶ୍ରୀନଗର ରେଳ କରିଡର ଏବଂ ରାଜପଥରେ କ୍ଷେତ୍ର ଡୋମିନେସନ୍ ପାଟ୍ରୋଲିଂ ଏବଂ ନିୟମିତ ନଜର

ରଖାଯିବ । ଏଥର ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନରେ ଯାତ୍ରା କରୁଥିବା ତୀର୍ଥଯାତ୍ରୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି । ଜମ୍ମୁ ଏବଂ କାଶ୍ମୀରର ପ୍ରବେଶ ପଥ ଲଖନପୁରରୁ ଆରମ୍ଭ କରି ଅମରନାଥ ଗୁମ୍ଫା ମନ୍ଦିର ପର୍ଯ୍ୟନ୍ତ ସମଗ୍ର ତୀର୍ଥପଥରେ ସିଏପିଏଫ କର୍ମଚାରୀମାନଙ୍କୁ ନିୟୋଜିତ କରାଯିବ । ଭାରତୀୟ ସେନା ପବିତ୍ର ଗୁମ୍ଫା ମନ୍ଦିର ଚାରିପାଖରେ ଥିବା ତୀର୍ଥପଥ ଏବଂ ଉଚ୍ଚ ସ୍ଥାନରେ କଡ଼ା ନଜର ରଖିବେ । ଜୁନ୍ ୩୦ ତାରିଖରୁ ଆରମ୍ଭ ହେଉଥିବା ଅମରନାଥ ଯାତ୍ରାରେ ଭଗବତୀ ନଗର ଯାତ୍ରୀ ନିବାସ ତୀର୍ଥଯାତ୍ରୀଙ୍କ ପାଇଁ ଖୋଲା ରହିବ । ସେଠାରେ ପ୍ରାୟ ୨,୫୦୦ ତୀର୍ଥଯାତ୍ରୀଙ୍କ ପାଇଁ ରହିବାର ବ୍ୟବସ୍ଥା କରାଯାଇଛି । ଅତିରିକ୍ତ ତୀର୍ଥଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏଥର ପଞ୍ଜୀକରଣ ପ୍ରକ୍ରିୟାକୁ ମଧ୍ୟ ସରଳ କରାଯାଇଛି । ତାଓ୍ୱି ନଦୀ ଅବବାହିକାରେ ଗୋଟିଏ ସ୍ଥାନରେ ପଞ୍ଜୀକରଣ, ଡାକ୍ତରୀ ଯାଞ୍ଚ, ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବା ଯୋଗୁଁ ତୀର୍ଥଯାତ୍ରୀମାନଙ୍କୁ ଆଉ ରେଳ ଷ୍ଟେସନରେ ବୁଲିବାକୁ ପଡ଼ିବ ନାହିଁ । ତୀର୍ଥଯାତ୍ରୀଙ୍କ ପାଇଁ ବିଶ୍ରାମ ସ୍ଥଳଗୁଡ଼ିକର କ୍ଷମତା ବୃଦ୍ଧି କରିବା ପାଇଁ ମଧ୍ୟ ଯୋଜନା କରାଯାଇଛି । ବର୍ତ୍ତମାନ, ପ୍ରାୟ ୯,୦୦୦ ତୀର୍ଥଯାତ୍ରୀଙ୍କ ପାଇଁ ରହିବାର ବ୍ୟବସ୍ଥା ଅଛି । ଏହି କ୍ଷମତାକୁ ୧୫,୦୦୦ କୁ ବୃଦ୍ଧି କରିବାର ପ୍ରସ୍ତାବ ରହିଛି । ଏଥିରେ ତୀର୍ଥଯାତ୍ରୀଙ୍କ ପାଇଁ ରହିବା ସ୍ଥାନ, ଧର୍ମଶାଳା ଏବଂ ଅନ୍ୟାନ୍ୟ ସୁବିଧାର ବିସ୍ତାର ଅନ୍ତର୍ଭୁକ୍ତ ହେବ । ଯାହା ଦ୍ୱାରା ତୀର୍ଥଯାତ୍ରା ସମୟରେ କୌଣସି ଅସୁବିଧା ହେବ ନାହିଁ ବୋଲି କୁହାଯାଉଛି । ଚଳିତ ବର୍ଷ ଅମରନାଥ ଯାତ୍ରା ପାଇଁ ପଞ୍ଜୀକରଣ ଏପ୍ରିଲ ୧୫ ତାରିଖରୁ ଆରମ୍ଭ ହୋଇଥିଲା ଏବଂ ସାରା ଦେଶରେ ୩ ଲକ୍ଷ ୫୦ ହଜାରରୁ ଅଧିକ ତୀର୍ଥଯାତ୍ରୀ ପୂର୍ବରୁ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଶାଖା ମାଧ୍ୟମରେ ପଞ୍ଜୀକରଣ କରିସାରିଛନ୍ତି । ପଞ୍ଜୀକରଣ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି ।

ୟୁରୋପରେ ଭୀଷଣ ଗ୍ରୀଷ୍ମ : ଫ୍ରାନ୍ସରେ ୫ ଦିନରେ ପାଣିରେ ବୁଡ଼ି ୪୦ ମୃତ

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ୟୁରୋପରେ ଭୀଷଣ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଫ୍ରାନ୍ସରେ ପ୍ରବଳ ଗରମରୁ ରକ୍ଷା ପାଇବା ପାଇଁ ଗାଧୋଇବାବେଳେ ୪୦ ଜଣ ଲୋକଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି । ୟୁରୋପର ଅଧିକାଂଶ ସ୍ଥାନରେ ଗ୍ରୀଷ୍ମ ଲହରୀ ଜାରି ରହିଥିବା ବେଳେ ବ୍ରିଟେନ, ଇଟାଲୀ, ସ୍ୱିଜରଲ୍ୟାଣ୍ଡ ଓ ସ୍ପେନରେ ମଧ୍ୟ ପ୍ରଚଣ୍ଡ ଗ୍ରୀଷ୍ମ ଲାଗିଛି । କିଛି ଅଞ୍ଚଳରେ ରେକର୍ଡ ତାପମାତ୍ରା ବୃଦ୍ଧି ଯୋଗୁଁ ସ୍କୁଲ ଓ ପରିବହନ ନେଟୱର୍କ ବାଧାପ୍ରାପ୍ତ ହୋଇଛି । ଆଇଫେଲ ଟାୱାର ପରି ପର୍ଯ୍ୟଟନ ସ୍ଥଳଗୁଡ଼ିକ ବନ୍ଦ ରଖାଯାଇଛି । ବିଶ୍ୱ ପାଣିପାଗଫ୍ରାନ୍ସ ମଙ୍ଗଳବାର ସବୁଠୁ ଉଷ୍ମ ରହିଛି । ମେଟିଓ ଫ୍ରାନ୍ସ ପୂର୍ବାନୁମାନ ଅନୁଯାୟୀ, ଫ୍ରାନ୍ସର ଦକ୍ଷିଣ ପଶ୍ଚିମରେ ଅବସ୍ଥିତ ଏକ ସହରରେ ସର୍ବାଧିକ ୪୪.୩ ଡିଗ୍ରି ତାପମାତ୍ରା ରେକର୍ଡ଼ କରାଯାଇଛି । ସାରା ଦେଶରେ ଲୋକମାନେ ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ ନଦୀ ଓ ଜଳାଶୟରେ ଗାଧୋଉଛନ୍ତି । କ୍ରୀଡ଼ା ମନ୍ତ୍ରୀ ମାରିନା ଫେରାରି ଲୋକମାନଙ୍କୁ ନଦୀ ଓ ଜଳାଶୟର ବିପଦପୂର୍ଣ୍ଣ ଅଞ୍ଚଳରେ ପହଁରିବା ବିରୋଧରେ ଚେତାବନୀ ଦେଇଛନ୍ତି । ହିଟ୍‌ୱେଭ୍ ସମ୍ପର୍କିତ ଜରୁରୀ ବୈଠକ ବେଳେ ଫ୍ରାନ୍ସ ପ୍ରଧାନମନ୍ତ୍ରୀ ସେବାଷ୍ଟିଆନ୍ ଲେକର୍ନୁ ପାଣିରେ ବୁଡ଼ି ଲୋକଙ୍କ ମୃତ୍ୟୁ ହେବାକୁ ଦୁଃଖଦ ଘଟଣା ବୋଲି କହିବା ସହିତ ଜୁନ୍ ୧୮ରୁ ୫ ଦିନ ମଧ୍ୟରେ ୪୦ ଜଣଙ୍କର ମୃତ୍ୟୁ ହୋଇଥିବା

କହିଛନ୍ତି । ଏମାନଙ୍କ ଅଧିକାଂଶ ଯୁବ ଗୋଷ୍ଠୀର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସୋମବାର ୨ ଓ ୪ ବର୍ଷ ବୟସର ଦୁଇ ଜଣ ପିଲାଙ୍କୁ ତାଙ୍କ ଘର ବାହାରେ ରହିଥିବା ତାଙ୍କ କାରରେ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିବା ଦକ୍ଷିଣ-ପୂର୍ବ ଫ୍ରାନ୍ସର କାର୍ପେଣ୍ଟ୍ରାସର ଜଣେ ପବ୍ଲିକ ପ୍ରସିକ୍ୟୁଟର କହିଛନ୍ତି । ମେଟିଓ ଫ୍ରାନ୍ସ କହିଛି ଯେ,ବର୍ତ୍ତମାନର ପରିସ୍ଥିତି ଅଗଷ୍ଟ ୨୦୦୩ର ଗ୍ରୀଷ୍ମ ପ୍ରବାହ ସହିତ ତୁଳନୀୟ । ଉକ୍ତବର୍ଷ ୧୬ ଦିନ ଧରି ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ସମଗ୍ର ୟୁରୋପରେ ୮୦,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା । ସ୍ପେନର ପାଣିପାଗ ସଂସ୍ଥା ଦେଶର ବିଭିନ୍ନ ସ୍ଥାନରେ ରେଡ୍ ଆଲର୍ଟ ଜାରି କରିଛି, ତାପମାତ୍ରା ୪୪ ଡିଗ୍ରି ସେଲସିୟସ ପହଞ୍ଚିବା ସହିତ ବିପଜ୍ଜନକ ଗ୍ରୀଷ୍ମ ପ୍ରବାହ ଆଶଙ୍କା ରହିଥିବା ଚେତାବନୀ ଦେଇଛି । ଉତ୍ତର ସ୍ପେନର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିବାର ଆଶଙ୍କା ଥିବାରୁ ପାରମ୍ପରିକ ନିଆଁ ଜାଳିବା ଉତ୍ସବ ବାତିଲ କରାଯାଇଛି ।

ଇରାନକୁ ଅନାବଶ୍ୟକ ଯାତ୍ରା ଏଡ଼ାନ୍ତୁ

ତେହେରାନରେ ଭାରତୀୟ ଦୂତାବାସ ପକ୍ଷରୁ ନୂତନ ପରାମର୍ଶ ଜାରି

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ହ୍ରାସ କରିବା ପାଇଁ କୂଟନୈତିକ ପ୍ରୟାସ ମଧ୍ୟରେ, ତେହେରାନରେ ଥିବା ଭାରତୀୟ ଦୂତାବାସ ଭାରତୀୟମାନଙ୍କ ପାଇଁ ଏକ ନୂତନ ପରାମର୍ଶ ଜାରି କରିଛି । ବୁଧବାର ଜାରି ହୋଇଥିବା ପରାମର୍ଶରେ, ଦୂତାବାସ ସମସ୍ତ ଭାରତୀୟଙ୍କୁ ଇରାନକୁ ଅନାବଶ୍ୟକ ଯାତ୍ରା ଏଡାଇବାକୁ ଅନୁରୋଧ କରିଛି । ଦୂତାବାସ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ପରାମର୍ଶ ସେୟାର କରିଛି । ଏଥିରେ କୁହାଯାଇଛି ଯେ, ଦୂତାବାସ ତେହେରାନର ବର୍ତ୍ତମାନର ସୁରକ୍ଷା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି । ଏହା ମଧ୍ୟ କୁହାଯାଇଛି, ଭାରତୀୟମାନେ ସମ୍ପୂର୍ଣ୍ଣ ଆବଶ୍ୟକ ନହେଲେ ଏହି ଇସଲାମିକ ଦେଶକୁ ଯାତ୍ରା କରିବା ଏଡାଇବା ଉଚିତ । ସ୍ଥିତିରେ ସାମ୍ପ୍ରତିକ ଉନ୍ନତି ସତ୍ତ୍ୱେ, ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ଭାରତୀୟ ନାଗରିକମାନଙ୍କୁ ଇରାନକୁ ସମସ୍ତ ଅନାବଶ୍ୟକ ଯାତ୍ରା ଏଡାଇବାକୁ ପରାମର୍ଶ ଦିଆଯାଇଛି । ଦୂତାବାସ ଇରାନରେ ପୂର୍ବରୁ ଥିବା ଭାରତୀୟ ନାଗରିକମାନଙ୍କୁ କିମ୍ବା ଅତ୍ୟାବଶ୍ୟକୀୟ କାମ ପାଇଁ ଯାତ୍ରା କରୁଥିବା ଲୋକଙ୍କୁ ସର୍ବାଧିକ ସତର୍କତା ଏବଂ ପରିସ୍ଥିତି ବିଷୟରେ ଅବଗତ ରହିବାକୁ ଅନୁରୋଧ କରିଛି । ଇରାନରେ ଥିବା ସମସ୍ତ ଭାରତୀୟଙ୍କୁ ଯଥାଶୀଘ୍ର ଦୂତାବାସରେ ସେମାନଙ୍କର ବିବରଣୀ ପଞ୍ଜୀକରଣ କରିବାକୁ ପରାମର୍ଶ ଦିଆଯାଇଛି । ସୂଚନା ପାଇଁ ସେମାନଙ୍କୁ ଦୂତାବାସର ସରକାରୀ ୱେବସାଇଟ୍ ଏବଂ ସୋସିଆଲ ମିଡିଆ ଚ୍ୟାନେଲଗୁଡ଼ିକ ଉପରେ ନଜର ରଖିବାକୁ ମଧ୍ୟ କୁହାଯାଇଛି । ଜରୁରୀକାଳୀନ ସହାୟତା ପାଇଁ ଦୂତାବାସ ଚାରୋଟି ମୋବାଇଲ୍ ନମ୍ବର ଏବଂ ଏକ ଇମେଲ୍ ଠିକଣା ମଧ୍ୟ ଜାରି କରିଛି ।

ବିହାରରେ ଗଙ୍ଗାସ୍ନାନ ବେଳେ ବୁଡ଼ିଗଲେ ୫ ଝିଅ

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ବିହାରର ମୁଙ୍ଗେର୍ ଜିଲ୍ଲାର ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି । ଗଙ୍ଗାନଦୀରେ ସ୍ନାନ କରୁଥିବାବେଳେ ୫ ଜଣ ଝିଅ ବୁଡ଼ି ଯାଇଥିବାବେଳେ ୩ ଜଣ ଝିଅଙ୍କ ମୃତଦେହ ଉଦ୍ଧାର ହୋଇଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକ ଖେଳିଯାଇଛି । ପରିବାର ଲୋକ ନିଜ ଝିଅଙ୍କୁ ହରାଇ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ଗଙ୍ଗା ସ୍ନାନ ବେଳେ ଝିଅମାନେ ବୁଡ଼ି ଯିବା ଘଟଣା ସାମ୍ନାକୁ ଆସିବା ପରେ ପ୍ରଶାସନ ପକ୍ଷରୁ ସତର୍କ ହୋଇଯାଇଥିଲା । ତତ୍କାଳ ଏନ୍‌ଡିଆର୍‌ଏଫ୍ ଓ ଜିଲ୍ଲାସ୍ତରୀୟ ବୁଡ଼ାଳିଙ୍କୁ ଡାକି ତଲାସି ଅଭିଯାନ ଆରମ୍ଭ କରାଯାଇଥିଲାୟ ୩ ଜଣ ଝିଅଙ୍କ ମୃତଦେହ ଉଦ୍ଧାର କରାଯାଇଥିବାବେଳେ ୨ ଜଣଙ୍କ ସମ୍ପର୍କରେ କିଛି ଜଣାପଡ଼ିନାହିଁ । ଅନ୍ୟ ଦୁଇଜଣଙ୍କ ଉଦ୍ଧାର ପାଇଁ ତଲାସି ଅଭିଯାନ ଜାରି ରହିଛି । ବୁଡ଼ି ଯାଇଥିବା ଝିଅମାନଙ୍କମଧ୍ୟରେ ବାସୁଦେବପୁର ଥାନା ଅଞ୍ଚଳର ଶ୍ୟାମପୁରର ବାସିନ୍ଦା କ୍ରାନ୍ତି ପାସୱାନଙ୍କର ୪ ଜଣ ଝିଅ ଅଛନ୍ତି । ଅନ୍ୟ ଜଣେ ଚମକଲାଲ ପାସୱାନଙ୍କ ଝିଅ ବୋଲି କୁହାଯାଇଛି । ଗାଧୋଇବା ସମୟରେ ଝିଅମାନେ ଗଭୀର ପାଣିକୁ ଚାଲି ଯାଇଥିଲେ । ଗଙ୍ଗା ନଦୀର ତୀବ୍ର ସ୍ରୋତରେ ହଠାତ ଜଣ ଜଣ କରି ସମସ୍ତେ ବୁଡ଼ି ଯାଇଥିଲେ । ଗଙ୍ଗାଘାଟରେ ଉପସ୍ଥିତ ଲୋକମାନେ ସେମାନଙ୍କ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ପାରିନଥିଲେ । ବୁଡ଼ି ଯାଇଥିବା ଝିଅମାନେ ହେଲେ କ୍ରାନ୍ତି ପାସୱାନଙ୍କ ୪ ଝିଅ ସଙ୍ଗୀତା କୁମାରୀ (୧୮), ବିନିତା କୁମାରୀ (୧୬), ସନ୍ଧ୍ୟା କୁମାରୀ (୧୪) ଓ ସୋନମ୍ କୁମାରୀ (୧୨) ଓ ଚମକଲାଲ ପାସୱାନଙ୍କ ଝିଅ ହୀନା କୁମାରୀ (୧୯) ।

ଆତଙ୍କବାଦୀଙ୍କ ପାଇଁ ବ୍ୟବହାର ହୋଇଛି ଆମେରିକାର ଅର୍ଥ

ଏଲନ୍ ମସ୍କଙ୍କ ବୟାନ ବଢାଇଲା ବିବାଦ

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ଦୁନିଆର ସବୁଠାରୁ ଧନୀ ବ୍ୟକ୍ତି ଓ ଟେସଲା-ସ୍ପେସ୍‌ଏକ୍ସ ସିଇଓ ଏଲନ୍ ମସ୍କ ଆମେରିକା ପକ୍ଷରୁ ଗରିବ ଦେଶକୁ ଦିଆଯାଉଥିବା ସାହାଯ୍ୟକୁ ନେଇ କରିଛନ୍ତି ବଡ଼ ଦାବି । ମସ୍କ ସୋସିଆଲ ମିଡିଆରେ ଏକ ପୋଷ୍ଟରେ କହିଛନ୍ତି, ଆମେରିକା ଏଜେନ୍ସି USAIDର ଟଙ୍କା ଆତଙ୍କବାଦ ପାଇଁ ବ୍ୟବହାର କରାଯାଉଛି । ସେ ଏକ ରିପୋଟକୁ ଟ୍ୟାଗ୍ କରି ଏହି କଥା କହିଛନ୍ତି । ଏହାପରେ ତାଙ୍କର ଏହି କଥାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚାୟମସ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏହି ପୋଷ୍ଟ ଲେଖିଛନ୍ତି । ସେ ଲେଖିଛନ୍ତି, USAIDର ଫଣ୍ଡିଂର ବ୍ୟବହାର ଆତଙ୍କବାଦ ପାଇଁ କରାଯାଇଛି । ଏହାପରେ ଏହି ପ୍ରଶ୍ନ ପୁଣିଥରେ ଉଠିବା ଆରମ୍ଭ ହୋଇଯାଇଛି । ସଙ୍କଟଗ୍ରସ୍ତ କ୍ଷେତ୍ରରେ ୟୁନାଇଟେଡ୍ ଷ୍ଟେଟ୍ ଏଜେନ୍ସି ଫର ଇଣ୍ଟର ନ୍ୟାସନାଲ ଡେଭଲପମେଣ୍ଟ ଦ୍ୱାରା ବଣ୍ଟା ଯାଉଥିବା ମାନବୀୟ ସହାୟତାର ଭୁଲ ବ୍ୟବହାର ହେଉଛ । ଏଲ୍ନ ମସ୍କ ଏକ୍ସରେ ଜଣେ ୟୁଜରଙ୍କ ପୋଷ୍ଟ ଉପରେ ଜବାବ୍ ଦେଇ ଏହି କଥା ଲେଖିଛନ୍ତି । ଏହି ପୋଷ୍ଟରେ ସେହି ଘଟଣାର ବର୍ଣ୍ଣନା କରାଯାଇଛି, ଯେତେବେଳେ ସିରିଆର ଜଣେ ନାଗରିକଙ୍କ ଅଭିଯୋଗ ଥିଲା ସେ ସାଧାରଣ ନାଗରିକଙ୍କ ସାହାଯ୍ୟ ପାଇଁ ପଠାଯାଇଥିବା ଲକ୍ଷାଧିକ ଡଲାରର ସହାୟତାକୁ ଅଲ୍-କାଏଦା ସହ ଜଡିତ ଏକ ଆତଙ୍କବାଦୀ ସଂଗଠନକୁ ଡାଇଭର୍ଟ କରିଛି । ୨୦୨୪ ରେ ଜାରି ଏକ ପ୍ରେସ୍ ରିଲିଜ୍ ଅନୁସାରେ, ଏହି ପୁରା ବିବାଦର କେନ୍ଦ୍ରରେ ୫୩ ବର୍ଷୀୟ ସିରିଆର ନାଗରିକ ମହମ୍ମଦ ଅଲ୍ ହଫୟାନ ରହିଛି । ଅଲ୍ ହଫୟାନ ସିରିଆରେ ଜଣେ ଏନଜିଓର ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ଥିଲେ ଓ ଏହା ଅନୁସାରେ ପ୍ରାୟ ୧୬୦ କର୍ମଚାରୀ କାମ କରୁଥିଲେ । ତାଙ୍କ ଉପରେ ଅଭିଯୋଗ ରହିଛି ଯେ,ସେ ସିରିଆର ନାଗରିକଙ୍କ ପାଇଁ ଆସିଥିବା ୯୦ ଲକ୍ଷ ଡଲାର ଅର୍ଥାତ ପ୍ରାୟ ୭୫ କୋଟି ଟଙ୍କାରୁ ଅଧିକ ଆମେରିକୀୟ ରାଶିକୁ ବେଆଇନ୍ ଭାବରେ ଆତଙ୍କୀ ଗୋଷ୍ଠୀଙ୍କୁ ଦେଉଛନ୍ତି । ଏଥିରେ 'ଅଲ୍ ନୁସରା ଫ୍ରଣ୍ଟ' ମଧ୍ୟ ସାମିଲ ରହିଛି, ଯାହାକି ଇରାନରେ ଅଲ୍-କାଏଦା ସହ ଜଡିତ ଏକ ବ୍ୟାନ୍ ହୋଇଥିବା ଆତଙ୍କବାଦୀ ସଂଗଠନ ।

ସମ୍ବିଧାନ ସଂଶୋଧନ ଓ ସଂରକ୍ଷଣ ଉଚ୍ଛେଦ ପାଇଁ ବିଜେପି ଦୁଇ-ତୃତୀୟାଂଶ ବହୁମତ ଚାହୁଁଛି

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ଲୋକସଭାରେ ବିଜେପି ଦୁଇ-ତୃତୀୟାଂଶ ବହୁମତ ହାସଲ କରିବା ପାଇଁ ଚଳାଇଥିବା ପ୍ରୟାସ ପଛରେ ଏକ ବଡ଼ ରଣନୀତି ଲୁଚି ରହିଛି ବୋଲି କଂଗ୍ରେସ ଅଭିଯୋଗ ଆଣିଛି । କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଦାବି କରିଛନ୍ତି ଯେ, ସମ୍ବିଧାନରେ ସଂଶୋଧନ ଆଣି ଦଳିତ, ପଛୁଆ ବର୍ଗ ଓ ଆଦିବାସୀମାନଙ୍କର ସଂରକ୍ଷଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଶେଷ କରିବା ହିଁ ବିଜେପିର ପ୍ରକୃତ ଓ ଚୂଡ଼ାନ୍ତ ଲକ୍ଷ୍ୟ ଅଟେ । ମହିଳା ସଂରକ୍ଷଣ ଆଢୁଆଳରେ କେନ୍ଦ୍ର ସରକାର ପ୍ରଥମେ ଆସନ ପୁନଃନିର୍ଦ୍ଧାରଣ ବିଲ୍ ପାସ୍ କରିବାକୁ ଚାହୁଁଛନ୍ତି ଏବଂ ଏହାପରେ ମୂଳ ସମ୍ବିଧାନକୁ ବଦଳାଇବାକୁ ଯୋଜନା ରଖିଛନ୍ତି । ଜୟରାମ ରମେଶ ଅଭିଯୋଗ କରିଛନ୍ତି

ଯେ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବିରୋଧୀ ଦଳ ଯେପରିକି ଟିଏମସି ଏବଂ ଶିବସେନାକୁ ଭାଙ୍ଗି ସାଂସଦମାନଙ୍କୁ ନିଜ ଆଡ଼କୁ ଆଣିବା ପାଇଁ 'ତୋଡ଼-ଫୋଡ଼୍ ରାଜନୀତି'' ଚଳାଇଛନ୍ତି । ୨୦୨୪ ନିର୍ବାଚନ ପ୍ରଚାର ସମୟରେ କଂଗ୍ରେସ ଯେଉଁ ଚେତାବନୀ ଦେଇଥିଲା, ତାହା ଏବେ ସତ ପ୍ରମାଣିତ ହେଉଛି । ସରକାର ଏପ୍ରିଲ ୧୭ ତାରିଖରେ ଲୋକସଭାରେ ଆସନ ବୃଦ୍ଧି ଓ ମହିଳା ସଂରକ୍ଷଣ ସମ୍ବନ୍ଧିତ ସମ୍ବିଧାନ ସଂଶୋଧନ ବିଲରେ ଦୁଇ-ତୃତୀୟାଂଶ ବହୁମତ (ଆବଶ୍ୟକ ୩୫୨ ଭୋଟ୍ ତୁଳନାରେ ମାତ୍ର ୨୯୮ ଭୋଟ୍) ପାଇବାରେ ବିଫଳ ହୋଇଥିଲେ । ଏହି ପରାଜୟର ପ୍ରତିଶୋଧ ନେବା ପାଇଁ ଏବଂ ଆବଶ୍ୟକ ସର୍ବନିମ୍ନ ୩୪୮ ସଂଖ୍ୟା ଛୁଇଁବା ପାଇଁ ବିରୋଧୀ ଦଳଗୁଡ଼ିକୁ ସେମାନେ ଜୋରଜବରଦସ୍ତ ଭାଙ୍ଗୁଛନ୍ତି । କଂଗ୍ରେସର ଆଭିମୁଖ୍ୟ ସ୍ପଷ୍ଟ କରି ସେ କହିଛନ୍ତି ଯେ ବିରୋଧୀ ଦଳଗୁଡ଼ିକ ମହିଳା ସଂରକ୍ଷଣ ବିରୋଧରେ ନୁହେଁ, ବରଂ ନିର୍ବାଚନ କମିଶନଙ୍କ ଜରିଆରେ କରାଯାଉଥିବା ପାତରଅନ୍ତରପୂର୍ଣ୍ଣ ଆସନ ପୁନଃନିର୍ଦ୍ଧାରଣ ବିଲ୍ ବିରୋଧରେ ଏକଜୁଟ୍ ହୋଇ ଭୋଟ୍ ଦେଇଥିଲେ । ଯଦି ସରକାର ପ୍ରକୃତରେ ମହିଳାମାନଙ୍କୁ ସଂରକ୍ଷଣ ଦେବାକୁ ଚାହୁଁଛନ୍ତି, ତେବେ ଆସନ ସଂଖ୍ୟା ୮୦୦ରୁ ଅଧିକ ନବଢ଼ାଇ ବର୍ତ୍ତମାନର ୫୪୩ ଲୋକସଭା ଆସନ ଆଧାରରେ ହିଁ ଆଗାମୀ ୨୦୨୯ ସାଧାରଣ ନିର୍ବାଚନରେ ଏହାକୁ ତୁରନ୍ତ ଲାଗୁ କରନ୍ତୁ । କଂଗ୍ରେସର ଦାବି ହେଉଛି ଯେ ପୂର୍ବରୁ ଦେଶରେ ଜାତି ଭିତ୍ତିକ ଜନଗଣନା କରାଯାଉ, ଏବଂ ତାହା ପରେ ହିଁ ଯଥାର୍ଥ ଭାବେ ପରବର୍ତ୍ତୀ ପଦକ୍ଷେପ ନିଆଯାଉ । ତେବେ ଦେଶର ଦଳିତ, ଅନୁସୂଚିତ ଜାତି ଓ ଜନଜାତି ଏବଂ ଓବିସି ବର୍ଗର ଲୋକମାନେ ବିଜେପିର ଏହି ସମ୍ବିଧାନ ବଦଳାଇବା ଲକ୍ଷ୍ୟ ସମ୍ପର୍କରେ ସଚେତନ ଥିବାରୁ, ଶାସକ ଦଳ କଦାପି ଲୋକସଭାରେ କିମ୍ବା ଆଗାମୀ ନିର୍ବାଚନରେ ଦୁଇ-ତୃତୀୟାଂଶ ବହୁମତ ପାଇପାରିବ ନାହିଁ ବୋଲି ରମେଶ ପ୍ରକାଶ କରିଛନ୍ତି ।

ଖେମିନିଙ୍କ ଅନ୍ତିମ ସଂସ୍କାରରେ ଯୋଗ ଦେବାକୁ ମୋଦୀଙ୍କୁ ପେଜେସ୍କିଆନଙ୍କ ନିମନ୍ତ୍ରଣ

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲି ଖେମିନିଙ୍କର ଫେବ୍ରୁଆରି ୨୮ରେ ଆମେରିକା ଓ ଇସ୍ରାଏଲ ଆକ୍ରମଣରେ ମୃତ୍ୟୁ ହୋଇଥିଲା । ୩୬ ବର୍ଷଧରି ଇରାନର ସର୍ବୋଚ୍ଚ ନେତା ଥିବା ଖେମିନିଙ୍କ ମୃତ୍ୟୁକୁ ପାଖାପାଖି ଚାରି ମାସ ହୋଇଯାଇଥିବାବେଳେ ଇରାନ ତାଙ୍କ ଅନ୍ତିମ ସଂସ୍କାର କରିନଥିଲା । ତେବେ ଇରାନ ପକ୍ଷରୁ ଖେମିନିଙ୍କ ଅନ୍ତିମ ସଂସ୍କାର ଅତି ଭବ୍ୟ ଭାବରେ ଜୁଲାଇ ୪ ତାରିଖରୁ ଜୁଲାଇ ୯ ତାରିଖ ପର୍ଯ୍ୟନ୍ତ ଉତ୍ତର-ପୂର୍ବ ଇରାନର ପବିତ୍ର ସହର ମସହଦରେ ସମ୍ପନ୍ନ କରାଯିବ । ମସହଦ ଖେମିନିଙ୍କ ଜନ୍ମସ୍ଥାନ ମଧ୍ୟ ଥିଲା ୟଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ଏହି ରାଜକୀୟ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଯୋଗ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିମନ୍ତ୍ରଣ କରିଛନ୍ତି । ବିଶ୍ୱର ବହୁ ବଡ଼ ବଡ଼ ବ୍ୟକ୍ତିଙ୍କୁ ଖେମିନିଙ୍କ ଏହି ଶେଷଯାତ୍ରାରେ ସାମିଲ ହେବାକୁ ଇରାନ ନିମନ୍ତ୍ରଣ କରିଛି । ତେବେ ଭାରତ ପକ୍ଷରୁ କିଏ ଏହି ଉତ୍ସବରେ ଯୋଗଦେବ ତାହା ଏବେ ସ୍ପଷ୍ଟ ହୋଇନାହିଁ । ଖେମିନିଙ୍କ ମୃତ୍ୟୁ ପରେ ଭାରତର ବିଦେଶ ସଚିବ ବିକ୍ରମ ମିସ୍ତ୍ରି ନୂଆଦିଲ୍ଲୀ ସ୍ଥିତ ଇରାନ ଦୂତାବାସକୁ ଯାଇ ସରକାରଙ୍କ ପକ୍ଷରୁ ଶୋକ ପୁସ୍ତିକାରେ ହସ୍ତାକ୍ଷର କରିଥିଲେ । ମେ ୨୦୨୪ରେ ହେଲିକପ୍ଟର ଦୁର୍ଘଟଣାରେ ତତ୍କାଳୀନ ଇରାନ ରାଷ୍ଟ୍ରପତି ଇବ୍ରାହିମ ରଇସିଙ୍କ ନିଧନ ପରେ ଭାରତ ପକ୍ଷରୁ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇ ଜାତୀୟ ପତାକା ଅର୍ଦ୍ଧ ନମିତ କରାଯାଇଥିଲା । ସେତେବେଳେ ଭାରତର ତତ୍କାଳୀନ ଉପରାଷ୍ଟ୍ରପତି ଜଗଦୀପ୍ ଧନଖଡ଼ଙ୍କୁ ଭାରତୀୟ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେବାକୁ ପଠାଯାଇଥିଲା । ଖେମିନିଙ୍କ ମୃତ ଶରୀର ଜୁଲାଇ ୪ ତାରିଖରେ ତେହେରାନର ମୋସଲ୍ଲା କମ୍ପ୍ଲେକ୍ସରେ ରଖାଯିବ । ଏହାପରେ ତେହେରାନ ଓ କୋମରେ ସାର୍ବଜନୀନ ଶୋଭାଯାତ୍ରା କରାଯିବ । ୯ ଜୁଲାଇରେ ମସହଦରେ ଇମାମ ରଜା ଦରଘାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ।

ରାହୁଲଙ୍କ ବିବାଦୀୟ ବୟାନକୁ ନେଇ ଘେରିଲା ବିଜେପି

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ଅପରେସନ ସିନ୍ଦୂର ବେଳେ ରାଫେଲ ବିମାନକୁ ମାରି ନଷ୍ଟ କରି ଦିଆଯାଇଥିଲା । ଏଭଳି କିଛି ଦାବି ପାକିସ୍ତାନ ପକ୍ଷରୁ କୁରାଯାଇଥିଲ । ଏହାକୁ ଭାରତୀୟ ନେସେନା ମିଛ ବୋଲି ପ୍ରମାଣିତ କରିଥିଲା । ଏବେ ଏହି ପ୍ରସଙ୍ଗରେ ବିଜେପି ଲୋକସଭାର ବିରୋଧି ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛି । ରାଫେଲ ବିମାନକୁ ନେଇ କଂଗ୍ରେସ ନେତାଙ୍କ ପକ୍ଷରୁ ହୋଇଥିଲା ଟିପ୍ପଣୀକୁ ନେଇ ବିଜେପି ମୁଖପାତ୍ର ପ୍ରଦୀପ ଭଣ୍ଡାରୀ କହିଛନ୍ତି, ରାହୁଲ ଦେଶବାସୀଙ୍କୁ କ୍ଷମା ମାଗିବା ଦରକାର । ବିଜେପି ମୁଖପାତ୍ର କହିଛନ୍ତି, ରାହୁଲଙ୍କୁ ପାକିସ୍ତାନର ଭାଷା କହୁ ଜନତାଙ୍କୁ କ୍ଷମା ମାଗିବା ଦରକାର । ଯେତେବେଳେ ଅପରେସନ୍ ସିନ୍ଦୁର ଚାଲିଥିଲା, ସେତେବେଳେ ସେ ପଚାରିଥିଲେ ଭାରତର କେତେ ରାଫେଲ୍ ନଷ୍ଟ ହୋଇଥିଲା ? ଉତ୍ତର ପ୍ରଦେଶର କଂଗ୍ରେସ ଅଧ୍ୟକ୍ଷ ଅଜୟ ରାୟ ଲେମ୍ବୁ-ଲୁଣ ଦେଖାଇ ରାଫେଲର ପରିହାସ କରିଥିଲେ । ଭାରୀତୀୟ ନେସେନାର ମେଣ୍ଟେନାନ୍ସ ଅର୍ଡର ଏହା ସ୍ପଷ୍ଟ କରିଥିଲା ଯେ, ଭାରତର ଗୋଟିଏ ବି ରାଫେଲ କ୍ଷତିଗ୍ରସ୍ତ ହୋଇନି । ଏବେ ପ୍ରଶ୍ନ ଉଠୁଛି ଜାଣିଶୁଣି



ପାକିସ୍ତାନର ଲାଇନ୍‌ରୁ ଆଗକୁ ନେଇ ଯିବା ରାହୁଲ ଗାନ୍ଧିଙ୍କୁ କ'ଣ ଦରକାର ଥିଲା ?ସେ ଆହୁରି କହିଛନ୍ତି, ରାହୁଲ ଏହା ପ୍ରଥମ ଥର ନୁହେଁ । ଯେତେବେଳେ କଂଗ୍ରେସ କ୍ଷମତାରେ ଥିଲା, ସେତେବେଳେ ୨୬/୧୧ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନାକୁ ପାକିସ୍ତାନ ଉପରେ ଆକ୍ରମଣ କରିବାରୁ ରୋକିଥିଲେ । ଆଜି, ଏହା ପୁଣି ଥରେ ପ୍ରମାଣିତ ହୋଇପାରେ ଯେ ଯେତେବେଳେ ଭାରତ ଏବଂ ପାକିସ୍ତାନ ମଧ୍ୟରୁ ଗୋଟିଏ ବାଛିବାର କଥା ଆସେ, ସେ ପାକିସ୍ତାନକୁ ଚୟନ କରନ୍ତି । ଯେତେବେଳେ ଭାରତୀୟ ସୈନିକମାନେ ଚୀନ୍ ବିରୁଦ୍ଧରେ ପ୍ରତିଶୋଧ ନେଇଥିଲେ, ରାହୁଲ ଗାନ୍ଧୀ କହିଥିଲେ ଯେ ଭାରତୀୟ ଯବାନ ମାଡ଼ ଖାଇଥିଲେ । ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ସେ ଭାରତ ବିରୋଧୀ ଏବଂ ଶତ୍ରୁର ଲାଭ ପାଇଁ କଥା କୁହନ୍ତି ।'

ଭଗବନ୍ତ ମାନ୍‌ଙ୍କ ବିବାଦୀୟ ଭିଡିଓ ମାମଲାରେ ନୂଆ ମୋଡ଼୍

ମୁଖ୍ୟମନ୍ତ୍ରୀଙ୍କ ଗିରଫ ଦାବି କଲା ବିଜେପି

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍‌ଙ୍କୁ କେନ୍ଦ୍ର କରି ଚାଲିଥିବା ବିବାଦୀୟ ଭିଡିଓ ମାମଲା ନୂଆ ମୋଡ଼୍ ନେଇଛି । ହରିୟାଣାର ଗୁରୁଗ୍ରାମ ପୁଲିସର ତଦନ୍ତରେ ଏକ ଚମକପ୍ରଦ ତଥ୍ୟ ସାମ୍ନାକୁ ଆସିଛି । ପୁଲିସ କହିଛି ଯେ ଭିଡିଓଟିକୁ ନକଲି କିମ୍ବା କୃତ୍ରିମ ଭାବେ ପ୍ରସ୍ତୁତ ବୋଲି ପ୍ରମାଣ କରିବା ପାଇଁ ଜାଲ୍ ଫରେନ୍ସିକ୍ ରିପୋର୍ଟ ପ୍ରସ୍ତୁତ କରିବାର ଷଡଯନ୍ତ୍ର ହୋଇଥିଲା ଏବଂ ଏଥିପାଇଁ ୧୦ ଲକ୍ଷ ଟଙ୍କା ଦିଆଯାଇଥିବା ଅଭିଯୋଗ ରହିଛି । ଗୁରୁଗ୍ରାମ ପୁଲିସ ଏହି ମାମଲାରେ ଦୁଇଜଣଙ୍କୁ ଗିରଫ କରିଛି । ଅଭିଯୋଗ ଅନୁସାରେ, ସେମାନେ ଏକ ନକଲି ଡିଜିଟାଲ୍ ଫରେନ୍ସିକ୍ ରିପୋର୍ଟ ତିଆରି କରି ଭିଡିଓଟି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ନିର୍ମିତ ବୋଲି ଦର୍ଶାଇବାକୁ ଚେଷ୍ଟା କରିଥିଲେ । ପୁଲିସ ଏହା ମଧ୍ୟ ଦାବି କରିଛି ଯେ କିଛି ପଞ୍ଜାବ ସରକାରୀ ଅଧିକାରୀଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟ ହୋଇଥିବା ସନ୍ଦେହ ରହିଛି । ଏହି ଘଟଣା ପରେ ବିଜେପି ଆମ ଆଦମୀ ପାର୍ଟି (ଆପ୍) ସରକାର ଉପରେ ତୀବ୍ର ଆକ୍ରମଣ କରିଛି । ଦଳର ଅଭିଯୋଗ ହେଉଛି, ମାନ୍ ସରକାର ପଞ୍ଜାବ ପୁଲିସର ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ବ୍ୟବହାର କରି ଭୁଲ୍ ରିପୋର୍ଟ ପ୍ରସ୍ତୁତ କରାଇଥିଲେ । ଏହା କ୍ଷମତାର ଦୁରୁପଯୋଗ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ମାନ୍‌ଙ୍କୁ ତୁରନ୍ତ ଗିରଫ କରାଯିବା ଉଚିତ ବୋଲି ବିଜେପି ଦାବି କରିଛି । ଏହି ବିବାଦର ମୂଳରେ ଥିବା ଭିଡିଓକୁ ନେଇ ପୂର୍ବରୁ ମଧ୍ୟ ରାଜନୈତିକ ଝଡ଼ ସୃଷ୍ଟି ହୋଇଥିଲା । କିଛି ଶିଖ୍ ସଂଗଠନ ଓ ବିରୋଧୀ ଦଳ ଏହା ଧାର୍ମିକ ଭାବନାକୁ ଆଘାତ କରିଛି ବୋଲି କହିଥିଲେ । ଅନ୍ୟପକ୍ଷରେ ଭଗବନ୍ତ ମାନ୍ ଆରମ୍ଭରୁ ଏହି ଭିଡିଓକୁ ଭୁଲ୍ ଓ ମନଗଢ଼ା ବୋଲି ଦାବି କରିଆସୁଛନ୍ତି । ସେ କହିଛନ୍ତି ଯେ, ଭିଡିଓରେ ଦେଖାଯାଇଥିବା ବ୍ୟକ୍ତି ସେ ନୁହନ୍ତି । ଦୁଇଟି ସ୍ୱାଧୀନ ପରୀକ୍ଷାଗାରର ରିପୋର୍ଟରେ ମଧ୍ୟ ଭିଡିଓରେ ଥିବା ବ୍ୟକ୍ତିଙ୍କ ମୁହଁର ଗଠନ ତାଙ୍କ ସହ ମେଳ ଖାଉନଥିବା କୁହାଯାଇଛି । ବର୍ତ୍ତମାନ ଗୁରୁଗ୍ରାମ ପୁଲିସର ଏହି ତଥ୍ୟ ପ୍ରକାଶ ପରେ ମାମଲା ଆହୁରି ସମ୍ବେଦନଶୀଳ ହୋଇପଡ଼ିଛି । ତଦନ୍ତ ଜାରି ରହିଥିବା ବେଳେ ଜାଲ୍ ରିପୋର୍ଟ ପ୍ରସ୍ତୁତିରେ କିଏ କିଏ ସମ୍ପୃକ୍ତ ଥିଲେ ଏବଂ ଟଙ୍କା କେଉଁଠାରୁ ଆସିଥିଲା, ତାହା ଖୋଜିବା ପାଇଁ ପୁଲିସ ଅଧିକ ତଦନ୍ତ କରୁଛି । ଏହି ଘଟଣାକୁ ନେଇ ପଞ୍ଜାବ ରାଜନୀତି ଆହୁରି ସରଗରମ ହୋଇଉଠିଛି ।

ବାଂଲାଦେଶରେ ପ୍ରଭୁ ଶ୍ରୀରାମଙ୍କ ଛବିକୁ ଅନାଦର

ଚରମପନ୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଢାକାକୁ ଭାରତର ଆହ୍ୱାନ

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ବାଂଲାଦେଶରେ ପ୍ରଭୁ ଶ୍ରୀରାମଙ୍କ ଏକ ଛବିକୁ ଅନାଦର କରାଯାଇଥିବା ଅଭିଯୋଗକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବେ ଭାରତ-ବାଂଲାଦେଶ ସମ୍ପର୍କକୁ ପ୍ରଭାବିତ କରିଛି । ଏହି ଘଟଣା ପରେ ବାଂଲାଦେଶର ବିଭିନ୍ନ ସ୍ଥାନରେ ହିନ୍ଦୁ ସମ୍ପ୍ରଦାୟର ଲୋକମାନେ ପ୍ରତିବାଦ କରିଥିବା ବେଳେ ଭାରତ ସରକାର ଢାକାକୁ ଚରମପନ୍ଥୀ ଶକ୍ତିଗୁଡ଼ିକ ବିରୋଧରେ କଠୋର ପଦକ୍ଷେପ ନେବା ଏବଂ ସଂଖ୍ୟାଲଘୁ ହିନ୍ଦୁଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ କହିଛନ୍ତି । ଘଟଣାଟି ବାଂଲାଦେଶର ଉତ୍ତରାଞ୍ଚଳର ଗାଇବାନ୍ଧା ଜିଲ୍ଲାରେ ଘଟିଥିବା କୁହାଯାଉଛି । ସେଠାରେ ପ୍ରସ୍ତାବିତ ୮୧ ଫୁଟ ଉଚ୍ଚ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ନିର୍ମାଣକୁ ବିରୋଧ କରି କିଛି ଇସଲାମପନ୍ଥୀ

ସଂଗଠନ ପ୍ରଦର୍ଶନ କରୁଥିଲେ । ଏହି ପ୍ରଦର୍ଶନ ସମୟରେ ଶ୍ରୀରାମଙ୍କ ଛବିକୁ ଅବମାନନା କରାଯାଇଥିବା ଅଭିଯୋଗ ଉଠିଥିଲା । ଏହା ପରେ ବାଂଲାଦେଶର ହିନ୍ଦୁ ସମାଜ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା । ଏହି ଘଟଣାର ପ୍ରତିବାଦରେ ଢାକା ସମେତ ଦେଶର ବିଭିନ୍ନ ସ୍ଥାନରେ ମଶାଲ ଶୋଭାଯାତ୍ରା, ବିକ୍ଷୋଭ ଓ ସଭା ଆୟୋଜିତ ହୋଇଥିଲା । ହିନ୍ଦୁ ସଂଗଠନଗୁଡ଼ିକ ଦୋଷୀମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଏବଂ ଧାର୍ମିକ ଅଲ୍ପସଂଖ୍ୟକଙ୍କ ପାଇଁ ଅଧିକ ସୁରକ୍ଷା ଦାବି କରିଛନ୍ତି । ଅନେକ ସ୍ଥାନରେ ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇ ନିଜର କ୍ଷୋଭ ପ୍ରକାଶ କରିଥିଲେ । ଏହି ପ୍ରସଙ୍ଗରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ ବାଂଲାଦେଶରେ ହିନ୍ଦୁ ଦେବଦେବୀ ଓ ସେମାନଙ୍କ ଛବି ପ୍ରତି ଅନାଦର ଖବର ଭାରତ ସରକାରଙ୍କ ଦୃଷ୍ଟିକୁ ଆସିଛି । ବାଂଲାଦେଶ ସରକାର ଚରମପନ୍ଥୀ ଗୋଷ୍ଠୀଗୁଡ଼ିକୁ ନିୟନ୍ତ୍ରଣ କରିବା ସହ ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ନିଶ୍ଚିତ କରିବେ ବୋଲି ଭାରତ ଆଶା କରୁଛି ।

ରିଲାଏନ୍ସ ଫାଉଣ୍ଡେସନ ଆଥଲେଟମାନେ ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିଅନସିପରେ ଏସୀୟ କ୍ରୀଡ଼ା ସ୍ଥାନ ହାସଲ ପାଇଁ ଲକ୍ଷ୍ୟ ରଖିଛନ୍ତି

ଭୁବନେଶ୍ୱର, ୨୪।୬ (ନି.ପ୍ର) : ରିଲାଏନ୍ସ ଫାଉଣ୍ଡେସନ ଦ୍ୱାରା ସମର୍ଥିତ ମୋଟ ୫୦ ରୁ ଅଧିକ ଆଥଲେଟ ଚଳିତ ବର୍ଷ ଶେଷ ଭାଗରେ ଜାପାନରେ ହେବାକୁ ଥିବା ଏସୀୟ କ୍ରୀଡାରେ ସ୍ଥାନ ପକ୍କା କରିବାକୁ ଚେଷ୍ଟା କରିବେ ଯେତେବେଳେ ସେମାନେ ୨୪ ରୁ ୨୮ ଜୁନ୍ ମଧ୍ୟରେ ଓଡ଼ିଶାର ଭୁବନେଶ୍ୱର ସ୍ଥିତ ଅତ୍ୟାଧୁନିକ କଳିଙ୍ଗ ଷ୍ଟାଡିୟମରେ ୬୫ ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପରେ ଅଂଶଗ୍ରହଣ କରିବେ।

ଅଂଶଗ୍ରହଣ କରୁଥିବା ଏହି ଆଥଲେଟମାନଙ୍କ ସମ୍ପର୍କରେ ରିଲାଏନ୍ସ ଫାଉଣ୍ଡେସନର ଆଥଲେଟିକ୍ସ ନିର୍ଦ୍ଦେଶକ ଜେମ୍ସ ହିଲିଅର କହିଛନ୍ତି, 'ଆନ୍ତଃରାଜ୍ୟ ଚାମ୍ପିଅନସିପ୍ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ମାନଦଣ୍ଡ ଭାବରେ ପରିଗଣିତ ହୁଏ ଏବଂ ଆମର ଅନେକ ଖେଳାଳି ପୂର୍ବରୁ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ମାନଦଣ୍ଡ ଅତିକ୍ରମ କରିସାରିଛନ୍ତି। ସେହି ଖେଳାଳିମାନେ ଶ୍ରେଷ୍ଠ ଦୁଇ ସ୍ଥାନରେ ରହିବା ଏବଂ ଏସୀୟ କ୍ରୀଡ଼ା ପାଇଁ ଭାରତୀୟ ଦଳରେ ସ୍ଥାନ ପକ୍କା କରିବା ଉପରେ ଧ୍ୟାନ ଦେବେ। ଆମେ କିଛି ବ୍ୟକ୍ତିଗତ ଶ୍ରେଷ୍ଠ ଏବଂ ଏହି କ୍ରୀଡା ସିଜିନର ଶ୍ରେଷ୍ଠ ପ୍ରଦର୍ଶନ ଆଶା କରୁଛୁ କାରଣ ଆମେ ଏପରି ଭାବରେ ତାଲିମ ନେଇଛୁ ଯାହା ଆମର ଅଧିକାଂଶ ଖେଳାଳିଙ୍କୁ ଏହି ପ୍ରତିଯୋଗିତାରେ ଶୀର୍ଷରେ ପହଞ୍ଚିବାକୁ ସକ୍ଷମ କରିବ।

'ଆମର ଅଭୟ ସିଂହ, ହରିତା ଭଦ୍ରା ଏବଂ ଉନ୍ନାଥୀ ଆୟାପାଙ୍କ ଭଳି କିଛି ଅତ୍ୟନ୍ତ ଉତ୍ସାହଜନକ ଯୁବ ସ୍ପ୍ରିଣ୍ଟର ଅଛନ୍ତି, ଯେଉଁମାନଙ୍କ ପାଖରେ ଏସୀୟ କ୍ରୀଡ଼ା ପାଇଁ ଆଗକୁ ବଢ଼ିବାର ସାମାନ୍ୟ ସମ୍ଭାବନା ଅଛି। ପୁରୁଷଙ୍କ ୧୧୦ ମିଟର ବାଧା ଦୌଡ଼ ଇଭେଣ୍ଟରେ ନିକଟରେ ୧୩.୨୭ ସେକେଣ୍ଡର ଜାତୀୟ ରେକର୍ଡ ହାସଲ କରିଥିବା ତେଜସ ଶିରସେ ନଜର ରଖିବେ ଯିଏ ନିଜର ତାଲିମ ସାଥୀ କ୍ରିଷିକ ମୁନାଥଙ୍କ ସହ ଟକ୍କର ଦେଇ ଆଗକୁ ବଢୁଛନ୍ତି। ଏଠାରେ ପ୍ରଥମ କିମ୍ବା ଦ୍ୱିତୀୟ ସ୍ଥାନରେ ରହିବା ସେମାନଙ୍କୁ ଜାପାନକୁ ବିମାନରେ ଚଢ଼ିବାରେ ସକ୍ଷମ କରିବ। ପୁରୁଷ ୪୦୦ ମିଟର ବାଧାଦୌଡ଼ ଇଭେଣ୍ଟରେ, ଯଶସଙ୍କ ନିକଟରେ ଜାତୀୟ ରେକର୍ଡ ପାଇଁ ଆଗକୁ ବଢ଼ିବାର ସମ୍ଭାବନା ଅଛି ଯାହା ବର୍ତ୍ତମାନ ୪୮.୮୦ ସେକେଣ୍ଡରେ ରହିଛି। ତାଙ୍କ ଉପରେ ନିଶ୍ଚିତ ଭାବରେ ଅତି ନିକଟରୁ ନଜର ରହିବ।

କମନୱେଲଥ ଗେମ୍ସ ପାଇଁ ଆଦର୍ଶ ପ୍ରସ୍ତୁତି

ଏହି ପ୍ରତିଯୋଗିତାରେ ଅନିମେଶ କୁଜୁର, ତେଜସ ଶିରସେ, ଯଶସ ପଲାକ୍ଷ ଏବଂ ମୁରଲୀ ଶ୍ରୀଶଙ୍କରଙ୍କ ଭଳି ଅନେକ କମନୱେଲଥ ଗେମ୍ସକୁ ଯିବାକୁ ଥିବା ଖେଳାଳିମାନେ ଟ୍ରାକରେ ନଜର ଆସିବେ।

ଜ୍ୟୋତି ୟାରାଜୀଙ୍କ ବହୁ ପ୍ରତୀକ୍ଷିତ ପ୍ରତ୍ୟାବର୍ତ୍ତନ

ଏହି ପ୍ରତିଯୋଗିତା ଭାରତର ବାଧା ଦୌଡ଼ ଷ୍ଟାର ଜ୍ୟୋତି ୟାରାଜୀଙ୍କ ଟ୍ରାକରେ ବହୁ ପ୍ରତୀକ୍ଷିତ ପ୍ରତ୍ୟାବର୍ତ୍ତନକୁ ମଧ୍ୟ ଚିହ୍ନିତ କରିବ, ଯିଏ ଏକ ବର୍ଷରୁ ଅଧିକ ସମୟ ପାଇଁ ଏକ ଗୁରୁତର ଏସିଏଲ ଆଘାତରୁ ଫେରିବା ପରେ ୨୦୨୬ ରେ ତାଙ୍କର ପ୍ରଥମ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ। ଜ୍ୟୋତି ୧୦୦ ମିଟର ବାଧା ଦୌଡ଼ ଏବଂ ୨୦୦ ମିଟର ଇଭେଣ୍ଟରେ ପୁଣି ଥରେ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିବା ଉପରେ ତାଙ୍କର ଦୃଷ୍ଟି ରଖିବେ। ଲଙ୍ଗଜମ୍ପ ଜାତୀୟ ରେକର୍ଡଧାରୀ ଜେସୱିନ୍ ଆଲଡ୍ରିନ୍ ମଧ୍ୟ ଟ୍ରାକକୁ ଫେରିବେ, ଯିଏ ଶ୍ରୀଶଙ୍କରଙ୍କ ସହିତ ପୋଡିୟମ ଫିନିଶ ପାଇଁ ପ୍ରତିଯୋଗିତାରେ ରହିବେ।

ଘରୋଇ ଗ୍ରାଉଣ୍ଡରେ ଅନିମେଶ କୁଜୁର ଜାତୀୟ ରେକର୍ଡଧାରୀ ଗୁରିନ୍ଦରବୀର ସିଂହଙ୍କ ଅନୁପସ୍ଥିତିରେ, ଅନିମେଶ କୁଜୁର ନିଜର ପ୍ରିୟ ଘରୋଇ ଗ୍ରାଉଣ୍ଡରେ ଫେଭରାଇଟ ଭାବରେ ଆରମ୍ଭ କରିବେ ଏବଂ ଏକ ୧୦୦-୨୦୦ ଡବଲ ବିଜୟ ଦୋ ?ଡରେ ରହିବେ।

ଏସୀୟ କ୍ରୀଡ଼ା ଯୋଗ୍ୟତା ପାଇଁ ପ୍ରୟାସ କରୁଥିବା ଅନ୍ୟ ରିଲାଏନ୍ସ ଫାଉଣ୍ଡେସନ୍ ଆଥଲେଟ୍‌ମାନଙ୍କ ମଧ୍ୟରେ ଆନ୍ସି ସୋଜନ (ମହିଳା ଲଙ୍ଗଜମ୍ପ), ସୀମା (ମହିଳା ୫୦୦୦ ମିଟର ଏବଂ ୧୦୦୦୦ ମିଟର), ଦମନୀତ ସିଂହ (ପୁରୁଷ ହାମର ଥ୍ରୋ), ହର୍ଷିତା ସେହରାୱତ (ମହିଳା ହାମର ଥ୍ରୋ), ମହମ୍ମଦ ଅଫସାଲ ପି (ପୁରୁଷ ୮୦୦ ମିଟର) ଏବଂ କ୍ରିଷ୍ଣା ଜୟଶଙ୍କର ମେନନ୍ (ମହିଳା ସଟ୍ ପୁଟ୍) ଅନ୍ତର୍ଭୁକ୍ତ ରହିଛନ୍ତି।

ରିଲାଏନ୍ସ ଫାଉଣ୍ଡେସନ୍ ସମର୍ଥିତ ଆଥଲେଟ୍‌ମାନେ ୨୦୨୬ ମସିହାରେ ଚମତ୍କାର ଫର୍ମରେ ଅଛନ୍ତି। ଏହି ବର୍ଷ ଗୁରିନ୍ଦରବୀର ସିଂହ, ସାୱନ୍ ବରୱାଲ୍, ତେଜସ୍ ଶିର୍ସେ, ତେଜସ୍ୱିନ୍ ଶଙ୍କର ଏବଂ ଅନିମେଶ କୁଜୁର ସମସ୍ତେ ଜାତୀୟ ରେକର୍ଡ ସ୍ଥାପନ କରିଛନ୍ତି।

ବୈଜ୍ଞାନିକ ବାଉଁଶ ଅମଳ ପ୍ରଶିକ୍ଷଣ ମାଧ୍ୟମରେ ମାଲକାନଗିରିରେ ସମୁଦାୟ ଆଧାରିତ ବନ ଅର୍ଥନୀତି ପାଇଲଟ୍‌ର ଶୁଭାରମ୍ଭ

ମାଲକାନଗିରି, ୨୪।୬ (ନି.ପ୍ର) : ଜାକଲଗୁଣ୍ଡି ଗ୍ରାମରେ ଏକ ବୈଜ୍ଞାନିକ ବାଉଁଶ ଅମଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହା ମାଧ୍ୟମରେ ବନ ସଂରକ୍ଷଣ, ମହିଳା-ନେତୃତ୍ୱାଧୀନ ଜୀବିକା ଏବଂ ସ୍ଥାୟୀ ସ୍ଥାନୀୟ ଉଦ୍ୟମକୁ ଏକତ୍ର କରୁଥିବା ଏକ ଅନନ୍ୟ ସମୁଦାୟ-କେନ୍ଦ୍ରିତ ବାଉଁଶ ପରିଚାଳନା ମଡେଲ୍‌ର ଆରମ୍ଭ ହୋଇଛି।

ଏହି ପଦକ୍ଷେପଟି ମାଲକାନଗିରି ବନ ବିଭାଗ, କାଳିମେଳା ବନାଞ୍ଚଳ ଦ୍ୱାରା ସ୍ଥାନୀୟ ଗ୍ରାମ ସଭାମାନ, ମହା ଗ୍ରାମ ସଭା କାଳିମେଳା, ଇଣ୍ଡିଆନ୍ ସ୍କୁଲ୍ ଅଫ୍ ବିଜନେସ୍‌ର ଭାରତୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ପଲିସି ଏବଂ କାନମ ରାଜ ଗ୍ରୀନ୍ ଶକ୍ତି ପ୍ରୋଡ୍ୟୁସର କମ୍ପାନୀର ସହଯୋଗରେ କାର୍ଯ୍ୟାନ୍ୱିତ କରାଯାଉଛି। କାନମ ରାଜ ଗ୍ରୀନ୍ ଶକ୍ତି ପ୍ରୋଡ୍ୟୁସର କମ୍ପାନୀ ହେଉଛି ମିଶନ ଶକ୍ତି ବିଭାଗର ସମର୍ଥନରେ ଗଠିତ ଏକ ସମ୍ପୂର୍ଣ୍ଣ ମହିଳା-ମାଲିକାନା ଉଦ୍ୟମ। ଏହି ପାଇଲଟ୍ ଓଡ଼ିଶା ବାଉଁଶ ଉନ୍ନୟନ ପ୍ରାଧିକରଣର ସମର୍ଥନରେ ପରିଚାଳିତ ହେଉଛି। ଏହି ପାଇଲଟ୍‌ରେ ଆଦିବାସୀ ମହିଳା ଏବଂ ଗ୍ରାମ ସଭାମାନଙ୍କୁ ଉତ୍ପାଦନ, ବୈଜ୍ଞାନିକ ମୂଲ୍ୟ ସଂଯୋଜନ ଏବଂ ବଜାର ଅଂଶଗ୍ରହଣର କେନ୍ଦ୍ରରେ ରଖାଯାଇଛି। ଏଠାରେ ବାଉଁଶକୁ କେବଳ ଏକ ବନଜ ସମ୍ପଦ ଭାବେ ନୁହେଁ, ବରଂ ପରିବେଶୀୟ ପୁନର୍ଜନନ ଏବଂ ଗ୍ରାମୀଣ ସମୃଦ୍ଧିକୁ ସମର୍ଥନ କରିପାରୁଥିବା ଏକ ନବୀକରଣଯୋଗ୍ୟ ଜୈବିକ ସମ୍ପଦ ଭାବେ ଦେଖାଯାଉଛି। ଏହି ପଦକ୍ଷେପର ଦୃଷ୍ଟିକୋଣ ସମ୍ପର୍କରେ କହି, ଇଣ୍ଡିଆନ୍ ସ୍କୁଲ୍ ଅଫ୍ ବିଜନେସ୍‌ର ଭାରତୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ପଲିସିର ଆସୋସିଏଟ୍ ପ୍ରୋଫେସର ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରୋଫେସର ଅଶ୍ୱିନୀ ଛତ୍ରେ କହିଛନ୍ତି, "ଏହି ପାଇଲଟ୍ ବନ-ଆଧାରିତ ପରିବର୍ତ୍ତନର ଏକ ଭୂମିସ୍ତରୀୟ ମଡେଲ୍‌କୁ ପ୍ରତିନିଧିତ୍ୱ କରେ। ଏହା ବୈଜ୍ଞାନିକ

ଅମଳ, ସମୁଦାୟ ଶାସନ, ମହିଳା ଉଦ୍ୟମ ଏବଂ ବଜାର ବ୍ୟବସ୍ଥାକୁ ଏକ ସମନ୍ୱିତ ପଦ୍ଧତିରେ ଯୋଡ଼େ। ଆଦିବାସୀ ମହିଳା ଏବଂ ଗ୍ରାମ ସଭାମାନଙ୍କୁ କେନ୍ଦ୍ରରେ ରଖି, କାଳିମେଳା ଦେଖାଇପାରିବ ଯେ ବନ ଅର୍ଥନୀତି କିପରି ପରିବେଶୀୟ ସନ୍ତୁଳନ ଅକ୍ଷୁଣ୍ଣ ରଖି ସାମୁହିକ ସମୃଦ୍ଧି ସୃଷ୍ଟି କରିପାରେ। ଅଂଶଗ୍ରାହୀମାନଙ୍କୁ ସମ୍ବୋଧନ କରି, ମାଲକାନଗିରିର ବିଭାଗୀୟ ବନ ଅଧିକାରୀ ଶ୍ରୀ ସାଇ କିରଣ ଡି. ଏନ୍., ଆଇଏଫଏସ୍ କହିଛନ୍ତି, "ସ୍ଥାୟୀ ବାଉଁଶ ପରିଚାଳନା ପାଇଁ ପରିବେଶୀୟ ଶୃଙ୍ଖଳା ଏବଂ ସମୁଦାୟ ମାଲିକାନା—ଉଭୟ ଆବଶ୍ୟକ। ଏହି ପ୍ରଶିକ୍ଷଣ ମାଧ୍ୟମରେ ମାଲକାନଗିରି ବନ ବିଭାଗ ଗ୍ରାମ ସଭାମାନଙ୍କ ସହ ମିଶି ଏହା ସୁନିଶ୍ଚିତ କରୁଛି ଯେ ଅମଳ ପ୍ରଣାଳୀଗୁଡ଼ିକ ବନ ସମ୍ପଦକୁ କ୍ଷୟ କରିବା ବିନା ପୁନର୍ଜନନକୁ ସମର୍ଥନ କରୁ, ଜୈବ ବିବିଧତାକୁ ସୁରକ୍ଷିତ କରୁ ଏବଂ ଜୀବିକା ସୁଯୋଗ ସୃଷ୍ଟି କରୁ। ବନ୍ୟପ୍ରାଣୀ ସୁରକ୍ଷା ଏବଂ ପରିବେଶ ପରିଚାଳନାରେ ସମୁଦାୟମାନଙ୍କ ଭୂମିକା ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ଏପରି ପଦକ୍ଷେପଗୁଡ଼ିକ ବନ, ବନ୍ୟପ୍ରାଣୀ ଏବଂ ପ୍ରାକୃତିକ ପରିସ୍ଥିତିତନ୍ତ୍ର ପ୍ରତି ସ୍ଥାନୀୟ ରକ୍ଷକତ୍ୱକୁ ଆହୁରି ସୁଦୃଢ଼ କରିପାରିବ।"

ଏହି ପ୍ରାୟୋଗିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଗ୍ରାମ ସଭା ନେତୃତ୍ୱ, ସମୁଦାୟ ସଦସ୍ୟ, ପ୍ରୋଡ୍ୟୁସର କମ୍ପାନୀର ମହିଳା ପ୍ରତିନିଧି, ବନ ବିଭାଗର ଅଧିକାରୀ ଏବଂ ଆଇଏସବିର ପ୍ରାଯୁକ୍ତିକ ବିଶେଷଜ୍ଞମାନେ ଏକତ୍ରିତ ହୋଇଥିଲେ। ଅଂଶଗ୍ରାହୀମାନଙ୍କୁ ବାଉଁଶର ରାଇଜୋମ୍ ପ୍ରଣାଳୀକୁ ସୁରକ୍ଷିତ ରଖିବା ଏବଂ ନୂଆ କଅଁଳକୁ ସୁରକ୍ଷା କରିବା ପାଇଁ ରଚିତ ବୈଜ୍ଞାନିକ ବାଉଁଶ ଅମଳ ପ୍ରଣାଳୀ ଉପରେ ପ୍ରାୟୋଗିକ ପ୍ରଦର୍ଶନ ଦିଆଯାଇଥିଲା। ଏହା ବାଉଁଶ ଝାଡ଼ର ଦୀର୍ଘକାଳୀନ ପୁନର୍ଜନନ କ୍ଷମତାକୁ ସୁନିଶ୍ଚିତ କରିବ। ବୈଜ୍ଞାନିକ ପଦ୍ଧତି, ସମୁଦାୟ ଶାସନ, ମହିଳା-ନେତୃତ୍ୱାଧୀନ ଉଦ୍ୟମ ଏବଂ ପ୍ରତିଷ୍ଠାନଗତ ସହଯୋଗକୁ ଏକତ୍ର କରି, ଏହି ଶୁଭାରମ୍ଭ ମାଲକାନଗିରିରେ ସାମାଜିକ ଭାବେ ସମାବେଶୀ, ପରିବେଶୀୟ ଭାବେ ସ୍ଥାୟୀ ଏବଂ ସ୍ଥାନୀୟ ମାଲିକାନା ଆଧାରିତ ବନ ଅର୍ଥନୀତି ମଡେଲ୍‌ର ଆରମ୍ଭକୁ ଚିହ୍ନିତ କରୁଛି।

ଅନ୍ତର୍ଜାତୀୟ ମହିଳା ଇନିୟରିଂ ଦିବସ ଅବସରରେ ବେଦାନ୍ତ ଆଲୁମିନିୟମର ମହିଳା ଇଞ୍ଜିନିୟରମାନେ ଝାରସୁଗୁଡାରେ କାର୍ଯ୍ୟ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇଛନ୍ତି

ଝାରସୁଗୁଡା ୨୪।୬ (ନି.ପ୍ର): ଝାରସୁଗୁଡାରେ ବେଦାନ୍ତ ଆଲୁମିନିୟମର ଅତ୍ୟାଧୁନିକ କାର୍ଯ୍ୟରେ, ଅନ୍ତର୍ଭୁକ୍ତି ଏହାର ଉତ୍ପାଦନ ଅଭ୍ୟାସର ପ୍ରତ୍ୟେକ ପର୍ଯ୍ୟାୟରେ ପରିଲକ୍ଷିତ ହେଉଛି। ଏହି ପଦ୍ଧତି କାର୍ଯ୍ୟକ୍ଷମ ଦକ୍ଷତାକୁ ଚଲାଉଥିବା ଜଟିଳ ବ୍ୟବସ୍ଥା, କାର୍ଯ୍ୟ ନିର୍ଭରଯୋଗ୍ୟତାକୁ ସୁଦୃଢ଼ କରୁଥିବା ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ନିର୍ଂର ଉନ୍ନତିକୁ ସକ୍ଷମ କରୁଥିବା ପ୍ରକ୍ରିୟାଗୁଡ଼ିକୁ ଶକ୍ତି ପ୍ରଦାନ କରିଥାଏ। ତଥାପି, ଏହାର ପ୍ରକୃତ ପ୍ରଭାବ ଏହାପଛରେ ଥିବା ଲୋକଙ୍କୁ ସଶକ୍ତ କରିବାରେ ନିହିତ: ଉଚ୍ଚ ଦକ୍ଷ ମହିଳା ବୃତ୍ତିଗତ ଯେଉଁମାନେ ଜଟିଳ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ଏବଂ ସ୍ଥାୟୀ ମୂଲ୍ୟ ସୃଷ୍ଟି କରିବା ପାଇଁ ବୈଷୟିକ ବିଶେଷଜ୍ଞତା, ନବସୃଜନ ଏବଂ ନେତୃତ୍ୱକୁ ମିଶ୍ରଣ କରନ୍ତି। ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ଭାବରେ, ବେଦା' ଆଲୁମିନିୟମ ଦୀର୍ଘ ସମୟ ଧରି ସ୍ୱୀକୃତି ଦେଇଛି ଯେ ବ୍ୟବସାୟ ଉତ୍କର୍ଷତା ଏବଂ ଅନ୍ତର୍ଭୁକ୍ତି ପରସ୍ପର ସହିତ ମିଶି ଚାଲିଥାଏ। ଏହି ବିଶ୍ୱାସ ଝାରସୁଗୁଡା କାର୍ଯ୍ୟରେ ଅନେକ ଶିଳ୍ପ-ପ୍ରମୁଖ ମାଇଲଖୁଣ୍ଟରେ ପରିଣତ ହୋଇଛି, ଯେଉଁଥିରେ ଭାରତର ପ୍ରଥମ ସମ୍ପୂର୍ଣ୍ଣ ମହିଳା ପରିଚାଳିତ ପଟଲାଇନ୍, ଭାରତର ପ୍ରଥମ ସମ୍ପୂର୍ଣ୍ଣ ମହିଳା ଶକ୍ତି ୟୁନିଟ୍ ଏବଂ ଏକ ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ ଦଳ ନିୟୋଜିତ କରାଯାଇଛି। ଏହି ଇକୋସିଷ୍ଟମ ମଧ୍ୟରେ ଏହାର ମହିଳା ଇନିୟରମାନେ 'ଇନିୟରିଂ ଇଂଟେଲିଜେନ୍ସ', ଏହି ବର୍ଷର ଅନ୍ତର୍ଜାତୀୟ ଇନିୟରିଂ ମହିଳା ଦିବସ ପାଳନର ବିଶ୍ୱ ଥିମ୍, ଅଭ୍ୟାସରେ କ'ଣ ଅର୍ଥ ରଖେ ତାହା ପୁନଃପରିଭାଷିତ କରନ୍ତି। ମାନୁଫାକ୍ଚରିଂ ଏକ୍ସଲେନ୍ସ ଏବଂ ବ୍ୟବସାୟ ପାର୍ଟନର ମ୍ୟାନେଜମେଣ୍ଟ ମୁଖ୍ୟ ମମତା ଭଗତଙ୍କ ପାଇଁ, ଜଟିଳ ପ୍ରକ୍ରିୟାଗୁଡ଼ିକୁ ସୁଗମ ଭାବରେ କାମ କରିବା ବୁଝାଏ। ତାଙ୍କର କାର୍ଯ୍ୟ ଇନଭେଣ୍ଟରୀ ଅପ୍ଟିମାଇଜେସନ୍, ଅଡିଟ ଅନୁପାଳନ, ଶାସନ ଉନ୍ନତି ଏବଂ ଦୃଢ଼ ବିକ୍ରେତା ସହଭାଗୀତା ମାଧ୍ୟମରେ ମୂଲ୍ୟ ସୃଷ୍ଟିକୁ ବ୍ୟାପ୍ତ କରେ। ବର୍ଷ ବର୍ଷ ଧରି, ମୁଁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାକୁ ଉନ୍ନତ କରିବାରେ ନିୟୋଜିତ ହୋଇଛି ଯାହା ପ୍ରାୟତଃ ପରଦା ପଛରେ କାମ କରେ କିନ୍ତୁ ଆମର ସାମଗ୍ରିକ କାର୍ଯ୍ୟଦକ୍ଷତା ଉପରେ ଏକ ପ୍ରମୁଖ ପ୍ରଭାବ ପକାଏ। ବେଦାନ୍ତ ଆଲୁମିନିୟମରେ ତାଙ୍କର ଅସାଧାରଣ ପ୍ରଦର୍ଶନ ପାଇଁ ଜଣେ ଉଦୀୟମାନ ନେତା ଏବଂ ଉଚ୍ଚ ସମ୍ଭାବନା ନେତା ଭାବରେ ସ୍ୱୀକୃତିପ୍ରାପ୍ତ, ମମତା ଉତ୍ପାଦନ ଶିଳ୍ପରେ ପ୍ରବେଶ କରୁଥିବା ଯୁବ ମହିଳା ଇନିୟରମାନଙ୍କ ପାଇଁ ଆତ୍ମବିଶ୍ୱାସ, ସ୍ଥିରତା ଏବଂ ନିରନ୍ତର ଶିକ୍ଷାକୁ ଜରୁରୀ ବୋଲି ସମର୍ଥନ କରନ୍ତି। ସିବିଏମ୍ ଏବଂ କାଲିବ୍ରେସନର ମୁଖ୍ୟ ଏବଂ ସମ୍ପତ୍ତି ଅପ୍ଟିମାଇଜେସନର ଉପମୁଖ୍ୟ ଭାବରେ, ସୁମନ ପ୍ରୀତିଦର୍ଶିନୀ ଚ୍ୟାନେଲଗୁଡ଼ିକ ଜଟିଳ ତଥ୍ୟ ଏବଂ ପ୍ରଯୁକ୍ତିବିଦ୍ୟାକୁ ଉତ୍ତମ ନିଷ୍ପତି ଗ୍ରହଣରେ ପରିଣତ କରନ୍ତି। ରକ୍ଷଣାବେକ୍ଷଣ, ନିର୍ଭରଯୋଗ୍ୟ ଇନିୟରିଂ, କାର୍ଯ୍ୟ ଏବଂ

ପ୍ରକଳ୍ପ ପରିଚାଳନାରେ ବ୍ୟାପକ ଅଭିଜ୍ଞତା ସହିତ, ସେ ବଡ଼ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତି ପରିଚାଳନା କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। 'ମୋର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ମଧ୍ୟରୁ ଗୋଟିଏ ହେଉଛି ୩୫୦ରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ସମ୍ପତିରେ ରିଅଲ-ଟାଇମ୍ ଭାଇବ୍ରେସନ୍ ମନିଟରିଂର କାର୍ଯ୍ୟକାରୀତା, ଯାହା ପ୍ରତିକ୍ରିୟାଶୀଳ ରକ୍ଷଣାବେକ୍ଷଣରୁ ଭବିଷ୍ୟବାଣୀମୂଳକ, ତଥ୍ୟ-ଚାଳିତ ନିଷ୍ପତି ଗ୍ରହଣକୁ ପରିବର୍ତ୍ତନକୁ ସକ୍ଷମ କରିଥାଏ।' ଜଣେ ଯୁବ ସିଇଓ, ଟେକ୍ନିକାଲ୍ ଷ୍ଟାର ଏବଂ ଉଦୀୟମାନ ନେତା ଭାବରେ ସ୍ୱୀକୃତିପ୍ରାପ୍ତ, ସେ ଏକ ନୂତନ ପିଢ଼ିର ଇନିୟରମାନଙ୍କୁ ପ୍ରତିନିଧିତ୍ୱ କରନ୍ତି ଯେଉଁମାନେ ବୈଷୟିକ ମୌଳିକତା ଉପରେ ଦୃଢ଼ ରହି ନବସୃଜନକୁ ଗ୍ରହଣ କରନ୍ତି। ସ୍ନିଗ୍ଧାରୂପା ବିଶ୍ୱାଳ, ବ୍ୟବସାୟ ଉତ୍କର୍ଷର ମୁଖ୍ୟ, ନିରନ୍ତର ଉନ୍ନତି ମାଧ୍ୟମରେ ସମ୍ଭାବନାଗୁଡ଼ିକୁ ଅନଲକ୍ କରିବା ଉପରେ ଧ୍ୟାନ ଦିଅନ୍ତି। ତାଲିମ ଦ୍ୱାରା ଜଣେ ଇନିୟର, ସେ ସମାଧାନ-ମୁଖୀ ମାନସିକତା ସହିତ ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ହୁଅନ୍ତି। ସମ୍ପୂର୍ଣ୍ଣ ଗୁଣବତା ପରିଚାଳନା, ଲିନ୍, ସିକ୍ସ ସିଗମା, ମୂଲ୍ୟ ଷ୍ଟ୍ରିମ୍ ମ୍ୟାପିଂ ଏବଂ ଗୁଣବତା ସର୍କଲ୍‌ରେ ତାଙ୍କର କାର୍ଯ୍ୟ ଗୁଣବତା ଫ୍ରେମୱାର୍କକୁ ବ୍ୟବହାରିକ ଉଭିଦ-ସ୍ତରୀୟ ଉନ୍ନତିରେ ପରିଣତ କରିବାରେ ସାହାଯ୍ୟ କରିଛି, କାର୍ଯ୍ୟଦକ୍ଷତା ଏବଂ କର୍ମକ୍ଷେତ୍ର ସଂସ୍କୃତି ଉଭୟକୁ ସୁଦୃଢ଼ କରିଛି। ଏହା ତାଙ୍କୁ ବେଦାନ୍ତ ଆଲୁମିନିୟମରେ ଅନେକ ସ୍ୱୀକୃତି ପ୍ରଦାନ କରିଛି, ଯେଉଁଥିରେ ଟେକ୍ନିକାଲ୍ ଷ୍ଟାର ଏବଂ ଉଦୀୟମାନ ନେତା ମଧ୍ୟ ଅନ୍ତର୍ଭୁକ୍ତ। ସେ ଯୁବ ମହିଳା ଇନିୟରମାନଙ୍କୁ ସେମାନଙ୍କର ମୂଲ୍ୟବୋଧରେ ସ୍ଥିର ରହିବା, ଶିଖିବା ଜାରି ରଖିବା ଏବଂ କେବେବି ନିହିତ ସୀମାକୁ ସେମାନଙ୍କର ସମ୍ଭାବନାକୁ ସୀମିତ କରିବାକୁ ଦେବାକୁ ଉତ୍ସାହିତ କରନ୍ତି।

ଭୁବନେଶ୍ୱରରେ 'ଉତ୍କର୍ଷ ୨୦୨୬' ଅଲ୍ ଓଡ଼ିଶା ବ୍ୟବସାୟ ସମ୍ମିଳନୀ ଆୟୋଜନ କରିବେ ଭାରତ ସରକାରଙ୍କ ଏଫଟିଆଇଆଇ ଏବଂ ଏନଟିଡବ୍ଲୁବି

ଭୁବନେଶ୍ୱର, ୨୪।୬ (ନି.ପ୍ର) : ଭାରତ ସରକାରଙ୍କ ଜାତୀୟ ବ୍ୟବସାୟୀ କଲ୍ୟାଣ ବୋର୍ଡ (ଏନଟିଡବ୍ଲୁବି) ସହଯୋଗରେ 'ଫେଡେରେସନ ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ' (ଏଫଟିଆଇଆଇ) ପକ୍ଷରୁ ଆସନ୍ତା ୨୮ ଜୁନ୍ ୨୦୨୬ ରିଖରେ ଭୁବନେଶ୍ୱରସ୍ଥିତ ହୋଟେଲ ଲେମନ୍ ଟ୍ରି ପ୍ରିମିୟରଠାରେ ଅଲ୍ ଓଡ଼ିଶା ବ୍ୟବସାୟିକ ସମ୍ମିଳନୀ 'ଉତ୍କର୍ଷ ୨୦୨୬' ଆୟୋଜିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ସକାଳ ୧୦:୩୦ ଘଟିକାରୁ ଆରମ୍ଭ

ଏହି ସମ୍ମିଳନୀରେ ଭାରତ ସରକାରଙ୍କ ଜାତୀୟ ବ୍ୟବସାୟୀ କଲ୍ୟାଣ ବୋର୍ଡ (ଏନଟିଡବ୍ଲୁବି)ର ଅଧ୍ୟକ୍ଷ ସୁନିଲ ଯେ ସିଂଘୀ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷତା କରିବେ। ଉତ୍କର୍ଷ ୨୦୨୬ର ଉଦ୍ଦେଶ୍ୟ ହେଉଛି ବ୍ୟବସାୟ ଓ ଶିଳ୍ପ କ୍ଷେତ୍ରରେ ସହଜ ବ୍ୟବସାୟିକ ପରିବେଶ ସୃଷ୍ଟି ପାଇଁ ସରକାରଙ୍କ ଦ୍ୱାରା ଗ୍ରହୀତ ସମ୍ପ୍ରତିକ ପଦକ୍ଷେପଗୁଡ଼ିକ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା। ଏହାର ଅନ୍ତର୍ଗତ ବାଣିଜ୍ୟ ଓ ଶିଳ୍ପର ବିକାଶରେ ବାଧକ ସାଜୁଥିବା ଶତାଧିକ ପୁରୁଣା ଓ ଅପ୍ରାସଙ୍ଗିକ ଆଇନ ଏବଂ ନିୟମାବଳୀକୁ ରଦ୍ଦ କରାଯାଇଥିବା ବିଷୟରେ ମଧ୍ୟ ଆଲୋଚନା କରାଯିବ।



ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବାଣିଜ୍ୟ ଓ ଶିଳ୍ପ କ୍ଷେତ୍ରର ନେତୃବୃନ୍ଦଙ୍କୁ ସେହି ନିୟାମକ ସଂସ୍କାର ସମ୍ପର୍କରେ ଅବଗତ କରାଇବା ଯାହା ଅନୁପାଳନ ପ୍ରକ୍ରିୟାକୁ ସରଳ କରିବା ସହ କାରବାର ସମ୍ବନ୍ଧୀୟ ଖର୍ଚ୍ଚକୁ ହ୍ରାସ କରୁଛି। ଏହା ସହିତ ବ୍ୟବସାୟୀ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏସଏମଇଏସ) ଏବଂ ଶିଳ୍ପ ସଂଘଗୁଡ଼ିକ ଏହି ନୂତନ ପ୍ରୋତ୍ସାହନ ଓ ସୁବିଧାଗୁଡ଼ିକର ସର୍ବାଧିକ ଲାଭ କିପରି ଉଠାଇପାରିବେ ସେଥିପାଇଁ ବ୍ୟବହାରିକ ମାର୍ଗଦର୍ଶନ ମଧ୍ୟ ପ୍ରଦାନ କରାଯିବ। ଏହା ବ୍ୟତୀତ ସରକାରୀ ଅଧିକାରୀ ଓ ବ୍ୟବସାୟ ନେତାମାନଙ୍କ ମଧ୍ୟରେ ଖୋଲା ଆଲୋଚନାର ଏକ ମଞ୍ଚ ସୃଷ୍ଟି କରି ସ୍ଥାନୀୟ ସ୍ତରରେ ନୀତି କାର୍ଯ୍ୟକାରିତାରେ ଦେଖାଦେଉଥିବା ସମସ୍ୟା ଓ ପ୍ରତିବନ୍ଧକଗୁଡ଼ିକର ସମାଧାନ କରିବା ଏହି କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ ସେହିପରି ଓଡ଼ିଶାର ବିଭିନ୍ନ ଶିଳ୍ପ କ୍ଷେତ୍ରର ଅଗ୍ରଣୀ ବ୍ୟକ୍ତିବିଶେଷ ଓ ସଂଗଠନମାନଙ୍କ ମଧ୍ୟରେ କୌଶଳଗତ ନେଟୱର୍କିଂ ସହଯୋଗ ଏବଂ ଭାଗୀଦାରିକୁ ପ୍ରୋତ୍ସାହିତ କରିବା ମଧ୍ୟ ଏହି ସମ୍ମିଳନୀର ଏକ ପ୍ରମୁଖ ଉଦ୍ଦେଶ୍ୟ।

ଏହି ସମ୍ମିଳନୀରେ ବିଭିନ୍ନ ବାଣିଜ୍ୟିକ ସଂଗଠନ ଚାମ୍ବର ଅଫ୍ କମର୍ସ ଏବଂ ଜାତୀୟ ବାଣିଜ୍ୟ ସହଜୀକରଣ ସଂସ୍ଥା (ଏନଟିଏଫବି/ ଏନଟିଡବ୍ଲୁବି)ର ପ୍ରତିନିଧିମାନଙ୍କ ସମେତ ବିଭିନ୍ନ କ୍ଷେତ୍ରର ହିତାଧିକାରୀମାନେ ଏକତ୍ରିତ ହେବେ। ଓଡ଼ିଶାର ବିଭିନ୍ନ ଅଞ୍ଚଳର ଉଦ୍ୟୋଗୀ ବ୍ୟବସାୟୀ ଏବଂ କ୍ଷୁଦ୍ର ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ମାଲିକମାନଙ୍କ ସହିତ ଶିଳ୍ପ ବିଶେଷଜ୍ଞ ଓ ନୀତି ପ୍ରୟୋଗ ବିଶେଷଜ୍ଞମାନେ ମଧ୍ୟ ଏଥିରେ ଯୋଗଦେବେ। ଏହି ସମସ୍ତ ଅଂଶଗ୍ରହଣକାରୀ ନୂତନ ନିୟାମକ ସଂସ୍କାରଗୁଡ଼ିକୁ ବୁଝିବା ସେଗୁଡ଼ିକର ସୁଯୋଗକୁ କାର୍ଯ୍ୟକାରୀ ଭାବେ ଉପଯୋଗ କରିବା ଏବଂ ଓଡ଼ିଶାର ଆଞ୍ଚଳିକ ଆର୍ଥିକ ଅଭିବୃଦ୍ଧିକୁ ଆଗକୁ ନେବା ପାଇଁ ପରସ୍ପର ସହଯୋଗ ଓ ଚିନ୍ତାଧାରାର ଆଦାନ ପ୍ରଦାନ କରିବେ।

ହିମାଳୟ ବେବିକେୟାର୍ ଭାରତର ନର୍ସିଂ ସମୁଦାୟଙ୍କ ଅବଦାନକୁ ସମ୍ମାନ ଜଣାଉଛି



ମୁମ୍ବାଇ, ୨୪।୬ (ନି.ପ୍ର): ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ରାଷ୍ଟ୍ରପତି ଭବନରେ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ୍ ପୁରସ୍କାର ୨୦୨୬ ପ୍ରଦାନ ଉତ୍ସବରେ ଅଂଶଗ୍ରହଣ କରିବାକୁ ଭାରତର ଅନ୍ୟତମ ସର୍ବାଧିକ ବିଶ୍ୱସନୀୟ ଶିଶୁ ଯତ୍ନକାରୀ ବ୍ରାଣ୍ଡ ହିମାଳୟ ବେବିକେୟାରକୁ ଆମନ୍ତ୍ରଣ କରାଯାଇଥିଲା। ହିମାଳୟ ବେବିକେୟାର୍ ମଧ୍ୟ ଏହି ୧୫ଜଣ ନର୍ସ (ସେବିକା)ଙ୍କୁ ନର୍ସିଂ କ୍ଷେତ୍ରରେ ସେମାନଙ୍କର ଉତ୍କର୍ଷ ଏବଂ ଭାରତର ସ୍ୱାସ୍ଥ୍ୟସେବା ପରିବ୍ୟବସ୍ଥା ପ୍ରତି ବହୁମୂଲ୍ୟ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରିଥିଲା। ସ୍ୱାସ୍ଥ୍ୟସେବା ସମୁଦାୟଙ୍କ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃ ସୁଦୃଢ଼ କରି ହିମାଳୟ ବେବିକେୟାର୍ ସମଗ୍ର ଭାରତରେ ପ୍ରାୟ ୫୦,୦୦୦ ନର୍ସଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ର ପ୍ରତି ସେମାନଙ୍କର ବହୁମୂଲ୍ୟ ଅବଦାନକୁ ସ୍ୱୀକୃତି ଓ ପାଳନ କରିବାକୁ ଦେଶବ୍ୟାପୀ ଏକ ପ୍ରୟାସ ହାତକୁ ନେଇଥିଲା। ଏହି ସମ୍ବର୍ଦ୍ଧନା ପ୍ରଦାନ ପ୍ରୟାସ ଜରିଆରେ ହିମାଳୟ ବେବିକେୟାର୍ ମାତୃତ୍ୱ, ନବଜାତ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ନର୍ସମାନଙ୍କର ଦୟାଶୀଳ, ଦୃଢ଼ତା ଏବଂ ନିଃସ୍ୱାର୍ଥପର ଉତ୍ସର୍ଗୀକୃତ କାର୍ଯ୍ୟକୁ ସମ୍ମାନ ଜଣାଇବା ଲକ୍ଷ୍ୟ ରଖିଛି। ଦେଶର ବିଭିନ୍ନ ଭାଗରେ ହସପିଟାଲ ଏବଂ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକରେ ୧୦ରୁ ୨୫ ବର୍ଷର ସେବା ଯୋଗାଇଥିବା ନର୍ସମାନଙ୍କୁ ଯତ୍ନପ୍ରଦାନ ଏବଂ ଗୋଷ୍ଠୀ କଲ୍ୟାଣ ପ୍ରତି ସେମାନଙ୍କର ଅକୁଣ୍ଠ ପ୍ରତିବଦ୍ଧତା ପାଇଁ କୃତଜ୍ଞତା ସ୍ୱରୂପ ପ୍ରଶଂସା-ଭିତ୍ତିକ ନିୟୋଜନତା, ପ୍ରମାଣପତ୍ର ଏବଂ ସ୍ୱତନ୍ତ୍ର ଉପହାର ଜରିଆରେ ସମ୍ମାନିତ କରାଯାଇଥିଲା। ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ଚକ୍ରବର୍ତ୍ତୀ ଏନ.ଭି., ଡାଇରେକ୍ଟର- ବେବିକେୟାର, ହିମାଳୟ ୱେଲନେସ୍ କମ୍ପାନୀ କହିଥିଲେ, 'ନର୍ସମାନେ ହେଉଛନ୍ତି ସ୍ୱାସ୍ଥ୍ୟସେବାର ମେରୁଦଣ୍ଡ, ଯେଉଁମାନେ ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ଯତ୍ନ, ଆରାମ ଏବଂ ପୁନଃଭରସା ପ୍ରଦାନ କରୁଛନ୍ତି। ହିମାଳୟ ବେବିକେୟାର୍‌ରେ ନର୍ସମାନେ ଲାଳନ ପାଳନକାରୀ ମା'ମାନେ ଓ ନବଜାତକମାନଙ୍କୁ ସେମାନଙ୍କ ଜୀବନର ସର୍ବାଧିକ ରୂପାନ୍ତରଣକାରୀ ମୁହୂର୍ତ୍ତଗୁଡ଼ିକରେ ଗ୍ରହଣ କରୁଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆମେ ଅତ୍ୟନ୍ତ ଗୁରୁତ୍ୱ ଦେଉଛୁ। ଆମେ ନର୍ସମାନଙ୍କର ସେବାକୁ ସମ୍ମାନ ପ୍ରଦର୍ଶନ କରିବା ଏବଂ ସମାଜ ପ୍ରତି ସେମାନଙ୍କର ଅଟଳ ସମର୍ପଣ ଭାବକୁ ପାଳନ କରୁଥିବାବେଳେ ଏହି ପ୍ରୟାସ ଭାରତୀୟ ନର୍ସିଂ ସମୁଦାୟଙ୍କର ଦୟାଶୀଳତା, ମଜଭୁତପଣ ଏବଂ ଅକୁଣ୍ଠ ଉତ୍ସର୍ଗୀକୃତ କାର୍ଯ୍ୟ ପ୍ରତି ଏକ ଶ୍ରଦ୍ଧାଳି ହୋଇଛି। ଏହି ପ୍ରୟାସ ଯତ୍ନ, ଗୋଷ୍ଠୀ କଲ୍ୟାଣ ପ୍ରତି ହିମାଳୟ ବେବିକେୟାର୍‌ର ପ୍ରତିବଦ୍ଧତାକୁ ପୁନଃ ସୁଦୃଢ଼ କରୁଛି ଏବଂ ସ୍ୱାସ୍ଥ୍ୟସେବା ପରିବ୍ୟବସ୍ଥା ପ୍ରତି ଉଲ୍ଲେଖନୀୟ ଅବଦାନ ରଖୁଥିବା ବ୍ୟକ୍ତିବିଶେଷଙ୍କୁ ସ୍ୱୀକୃତି ପ୍ରଦାନ କରୁଛି। ବିଶ୍ୱାସ ଏବଂ କୋମଳ ଯତ୍ନରେ ମୂଳାଧାର ରଖୁଥିବା ଏହିବ୍ରାଣ୍ଡ ନର୍ସମାନଙ୍କର ସେବାକୁ ପାଳନ କରିବା ଏବଂ ସମଗ୍ର ଭାରତରେ ଗୋଷ୍ଠୀ ସଂଯୋଗଗୁଡ଼ିକୁ ସୁଦୃଢ଼ କରୁଥିବା ପ୍ରୟାସସମୂହକୁ ନିରନ୍ତର ସମର୍ଥନ ଯୋଗାଇ ଦେଉଛି।

ସୁମିତ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ୧୪୦,୦୦୦ ଟିପିଏ କ୍ଷମତା ସମ୍ପ୍ରସାରଣ

ସୁରଟ, ୨୪।୬ (ନି.ପ୍ର) : ପେଟ୍ ଚିପ୍ସ, ପାର୍ସିଆଲି ଓରିଏଣ୍ଟେଡ ୟାର୍ଣ୍ଣ (ପିଓୱାଇ), ଫୁଲି ଡ୍ରନ୍ ୟାର୍ଣ୍ଣ (ଏଫଡିୱାଇ) ଏବଂ ପଲିଷ୍ଟର ଟେକ୍ସଚରାଇଜଡ ୟାର୍ଣ୍ଣ ଉତ୍ପାଦନରେ ନିୟୋଜିତ ଅନ୍ୟତମ ଅଗ୍ରଣୀ ସମନ୍ୱିତ ପଲିଷ୍ଟର ଉତ୍ପାଦନକାରୀ ସୁମିତ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ନିଜର ଆର୍ଥିକ ନମନୀୟତାରେ ବୃଦ୍ଧି ଘଟାଇବା ଏବଂ କମ୍ପାନୀର ରଣକୌଶଳାତ୍ମକ ବ୍ୟବସାୟିକ ଅଗ୍ରାଧିକାରତାଗୁଡ଼ିକୁ ସମର୍ଥନ କରିବା ଲକ୍ଷ୍ୟରେ ଏହାର ଯୋଗ୍ୟ ଅଂଶଧାରକମାନଙ୍କ ନିମନ୍ତେ ଏକ ରାଇଟ୍ସ୍ ଇସ୍ୟୁ ଘୋଷଣା କରିଛି। ସୁମିତ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ବୋର୍ଡ ଅଫ ଡାଇରେକ୍ଟରସ୍ ୧୬,୮୪ କୋଟି ଟଙ୍କାର ଫୁଲି ପେଡ୍-ଅପ୍ ଇକ୍ୱିଟି ସେୟାର ଇସ୍ୟୁ ଜରିଆରେ ମୋଟ ୧୯୯.୭୫ କୋଟି ଟଙ୍କାର ରାଇଟ୍ସ୍ ଇସ୍ୟୁ ନିମନ୍ତେ ସର୍ତ୍ତାବଳୀକୁ ଅନୁମୋଦନ କରିଛନ୍ତି। କମ୍ପାନୀ ରାଇଟ୍ସ୍ ଇସ୍ୟୁରୁ ସଂଗୃହୀତ ଅର୍ଥ ମଧ୍ୟରୁ ୪୯,୦୦ କୋଟି ଟଙ୍କା ସୁରଟ, ଗୁଜରାଟରେ ନାକୋଡା ଲିମିଟେଡ ନିକଟରୁ ଅଧିଗୃହୀତ ଆଉ ଏକ ବାର୍ଷିକ ୧୪୦,୦୦୦ ଟନ୍ କ୍ଷମତା ବିଶିଷ୍ଟ ପଲିଷ୍ଟର ଚିପ୍ସ (ସିପି) କାରଖାନା ଅଧିଗ୍ରହଣ ଏବଂ ତାହାକୁ କାର୍ଯ୍ୟକ୍ଷମ କରିବା ସକାଶେ ବିନିଯୋଗ ପ୍ରସ୍ତାବ ରଖିଛି। ଏହି ପ୍ରକଳ୍ପରେ ମୋଟ ୯୦.୦୦ କୋଟି ଟଙ୍କାର ମୂଳଧନ ନିବେଶ ସହିତ ଅବଶିଷ୍ଟ ୪୧.୦୦ କୋଟି ଟଙ୍କା ଆଭ୍ୟନ୍ତରୀଣ ସଂଗ୍ରହ ସୂତ୍ରରୁ ଯୋଗାଇ ଦିଆଯିବ। ଆର୍ଥିକ ବର୍ଷ ୨୭-୨୮ରେ ପୁନଃ କାର୍ଯ୍ୟକ୍ଷମ ହେବା ଆଶା କରାଯାଉଥିବା ଏହି ସୁବିଧା ପଶ୍ଚାତ୍‌ଭାଗ ଏକୀକରଣକୁ ସୁଦୃଢ଼ କରିବା ସହିତ କମ୍ପାନୀର ଡାଉନଷ୍ଟ୍ରିମ ପଲିଷ୍ଟର ଉତ୍ପାଦନ କାର୍ଯ୍ୟକୁ ସମର୍ଥନ କରିବ। ରଣକୌଶଳାତ୍ମକ ଦୃଷ୍ଟିରୁ ଏହି ପ୍ରସ୍ତାବିତ ମୂଳଧନ ନିବେଶ ଚାରିଟି ମୁଖ୍ୟ କ୍ଷେତ୍ର ଉପରେ ଦୃଷ୍ଟିନିବଦ୍ଧ କରୁଛି। ସେଗୁଡ଼ିକ ହେଉଛି- ଉତ୍ପାଦନରେ ପରିମାଣାତ୍ମକ ବୃଦ୍ଧି, ସମ୍ପତ୍ତି ଏକୀକରଣ, ବାଲାନ୍ସ ସିଟ୍ ସୁଦୃଢ଼ କରିବା ଏବଂ ଶକ୍ତି ନିରାପତ୍ତା। ସମ୍ମିଳିତ ଭାବରେ ଏହି ପ୍ରୟାସଗୁଡ଼ିକ ପରିଚାଳନାଗତ ଦୃଢ଼ତାରେ ବୃଦ୍ଧି ଘଟାଇବା, ସମ୍ବଳର ପାରଦର୍ଶିତାରେ ଉନ୍ନତି ଏବଂ କମ୍ପାନୀର ଦୀର୍ଘସୂତ୍ରୀ ଅଭିବୃଦ୍ଧି କ୍ଷେତ୍ରକୁ ମଜଭୁତ କରିବା ଆଶା କରାଯାଉଛି। ଯୋଜନା କରାଯାଇଥିବା ପୁଁନିବେଶ ସୁମିତ ଇଣ୍ଡଷ୍ଟ୍ରିଜ୍‌ର ପ୍ରତିଯୋଗିତାମୂଳକ ସ୍ଥିତିକୁ ସୁଦୃଢ଼ କରିବା ଏବଂ ଦୀର୍ଘସୂତ୍ରୀ ଆକାରରେ ସ୍ଥାୟୀ ଓ ଲାଭଜନକ ଅଭିବୃଦ୍ଧିକୁ ସମର୍ଥନ କରିବାକୁ ଉଦ୍ଦିଷ୍ଟ। ରାଇଟ୍ସ୍ ଇସ୍ୟୁ ଜରିଆରେ ସଂଗ୍ରହ କରାଯାଉଥିବା ପାଣ୍ଠି କାର୍ଯ୍ୟକାରୀ ମୂଳଧନକୁ ମଜଭୁତ କରି, ଅଧିଗୃହୀତ ଉତ୍ପାଦନ ସମ୍ପତ୍ତିର ଏକୀକରଣକୁ ତ୍ୱରାନ୍ୱିତ, ଋଣ ହ୍ରାସ ଜରିଆରେ ମୂଳ ପାଣ୍ଠି ସଂରଚନାକୁ ଶୀର୍ଷସ୍ତରରେ ପହଞ୍ଚାଇ ଏବଂ ଏକ କ୍ୟାପ୍‌ଟିଭ ସୌର ଶକ୍ତି ପ୍ରକଳ୍ପ ଜରିଆରେ ଶକ୍ତି ନିରାପତ୍ତାରେ ବୃଦ୍ଧି ଘଟାଇ ସୁମିତ ଇଣ୍ଡଷ୍ଟ୍ରିଜ୍‌ର ପରବର୍ତ୍ତୀ ପର୍ଯ୍ୟାୟ ଅଭିବୃଦ୍ଧିକୁ ସମର୍ଥନ କରିବ। ଏହି ସମସ୍ତ ପ୍ରୟାସ ପରିଚାଳନାଗତ ପାରଦର୍ଶିତାରେ ଉନ୍ନତି ଆଣିବା ସହିତ ଉତ୍ପାଦନ ସାମର୍ଥ୍ୟକୁ ସମ୍ପ୍ରସାରିତ କରିବା ଆଶା କରାଯାଉଛି। ରାଇଟ୍ସ୍ ଇସ୍ୟୁ ସମ୍ପର୍କରେ ପ୍ରକାଶ କରି ଶ୍ରୀ ପ୍ରତୀକ ଆର.ରାଜୁ, ମ୍ୟାନେଜିଂ ଡାଇରେକ୍ଟର, ସୁମିତ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କହିଥିଲେ, 'ରାଇଟ୍ସ୍ ଇସ୍ୟୁ ସୁମିତ ଇଣ୍ଡଷ୍ଟ୍ରିଜ୍‌ର ଅଭିବୃଦ୍ଧି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଛି ଏବଂ ଏହା କମ୍ପାନୀର ପରିଚାଳନାଗତ ଓ ଆର୍ଥିକ ସ୍ଥିତି ସୁଦୃଢ଼ କରିବାକୁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଆମେ ଆମର ପ୍ରଚଳିତ ଅଂଶଧାରକମାନଙ୍କୁ କମ୍ପାନୀର ଭବିଷ୍ୟତ ଅଭିବୃଦ୍ଧିରେ ଅଂଶଗ୍ରହଣ କରିବା ପାଇଁ ଏକ ସୁଯୋଗ ପ୍ରଦାନ କରିବା ନେଇ ଆନନ୍ଦିତ ଅଛୁ। ପ୍ରସ୍ତାବିତ ୧୯୯.୭୫ କୋଟି ଟଙ୍କାର ପାଣ୍ଠି ସଂଗ୍ରହ କାର୍ଯ୍ୟକାରୀ ମୂଳଧନ ଆବଶ୍ୟକତା, ଅଧିଗୃହୀତ ଉତ୍ପାଦନକାରୀ ସମ୍ପତ୍ତିର ଏକୀକରଣ, ଋଣ ହ୍ରାସ ଏବଂ ଏକ କ୍ୟାପ୍‌ଟିଭ ସୌର ଶକ୍ତି ପ୍ରକଳ୍ପରେ ପୁଁନିବେଶ ସମେତ ପ୍ରମୁଖ ରଣକୌଶଳାତ୍ମକ ଅଗ୍ରାଧିକାରତାଗୁଡ଼ିକୁ ସମର୍ଥନ କରିବ। ନାକୋଡା ଲିମିଟେଡ ନିକଟରୁ ସମ୍ପ୍ରତି ଅଧିଗୃହୀତ ପଲିଷ୍ଟର ଚିପ୍ସ ଉତ୍ପାଦନ କାରଖାନାକୁ କାର୍ଯ୍ୟକ୍ଷମ କରିବା ଏକ ଦୃଷ୍ଟିନିବଦ୍ଧକାରୀ କ୍ଷେତ୍ର ହେବ, ଯାହା ପଶ୍ଚାତ୍‌ଭାଗ ଏକୀକରଣକୁ ସୁଦୃଢ଼ କରିବା ଏବଂ ଆମର ସମନ୍ୱିତ ପଲିଷ୍ଟର ମୂଲ୍ୟ ଶୃଙ୍ଖଳାରେ ବୃଦ୍ଧି ଘଟାଇବା ଆଶା କରାଯାଉଛି। ଏହି ଅଧିଗ୍ରହଣ ଆମର ଡାଉନଷ୍ଟ୍ରିମ୍ ପିଓୱାଇ ଏବଂ ଏଫଡିୱାଇ ପରିଚାଳନାକୁ ସମର୍ଥନ କରିବ, ପରିଚାଳନାଗତ ପରିମାଣରେ ବୃଦ୍ଧି ଘଟାଇବ ଏବଂ ଆମର ଭବିଷ୍ୟତ ଅଭିବୃଦ୍ଧି ନିମନ୍ତେ ଏକ ମଜଭୁତ ମଞ୍ଚ ଯୋଗାଇଦେବ। ଏହି ଅଧିଗ୍ରହଣ ଏବଂ ଏହାର ଏକୀକରଣରୁ ଆକାଂକ୍ଷିତ ଫାଇଦା ଆଧାରରେ କମ୍ପାନୀ ଆର୍ଥିକ ବର୍ଷ ୨୦୨୬-୨୭ରେ ମୋଟ ଆୟରେ ପ୍ରାୟ ୩୦% ବୃଦ୍ଧି ଏବଂ ଇବିଆଇଟିଡିଏ ୫.୦%-୬.୦% ରହିବା ଆଶା କରୁଛି। ସଫଳତାର ସହିତ ଏକୀକରଣ ଏବଂ ଅଧିଗ୍ରହଣ ପରେ ଆର୍ଥିକ ବର୍ଷ ୨୦୨୭-୨୮ରେ ମୋଟ ଆୟ ପ୍ରାୟ ଦୁଇଗୁଣ ହେବା ଏବଂ ଇବିଆଇଟିଡିଏ ମାର୍ଜିନ୍ ୫.୫%-୬.୫%କୁ ବୃଦ୍ଧିପାଇବା ଆଶା କରାଯାଉଛି। ଆମେ ଆମର ସମସ୍ତ ପଲିଷ୍ଟର ମୂଲ୍ୟ ଶୃଙ୍ଖଳକୁ ସମ୍ପ୍ରସାରିତ, ପଶ୍ଚାତ୍‌ଭାଗ ଏକୀକରଣକୁ ସୁଦୃଢ଼ କରିବା ଉପରେ ଦୃଷ୍ଟିନିବଦ୍ଧ ଜାରି ରଖିଥିବାବେଳେ ଆମର ବିଶ୍ୱାସ ଯେ, ଏହି ରାଇଟ୍ସ୍ ଇସ୍ୟୁ ନୂତନ ଅଭିବୃଦ୍ଧି ସୁଯୋଗଗୁଡ଼ିକ ହାତେଇବାକୁ କମ୍ପାନୀର ସ୍ଥିତି ମଜଭୁତ କରିବ ଏବଂ ସମସ୍ତ ଅଂଶଧାରକଙ୍କ ପାଇଁ ସ୍ଥାୟୀ ଦୀର୍ଘସୂତ୍ରୀ ମୂଲ୍ୟ ପ୍ରଦାନ କରିବ।

ରୟତ ଢୋଲମରା ପଞ୍ଚାୟତରେ ପ୍ରାଣୀ ଚିକିତ୍ସାଳୟ ପ୍ରତିଷ୍ଠା ଦାବି

ଖଣ୍ଡପଡ଼ା, ୨୪/୬ (ନିପ୍ର): ରାଜ୍ୟରେ ପଶୁ ସମ୍ପଦର ବିକାଶ ଓ ପାଳନ ପ୍ରତି ଜନସାଧରଣଙ୍କର ଆଗ୍ରହ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ତେବେ ବିଭାଗୀୟ ଉଦାସୀନତା ଯୋଗୁଁ ପ୍ରାଣୀ ଚିକିତ୍ସାଳୟ ଗୁଡିକ ବନ୍ଦ ରହିବା ସହ ରୋଗର ଶିକାର ହେଉଥିବା ଅନେକ ଗାଈ, ଛେଳି, ମେଣ୍ଢା, ପୋଢ, ମଇଁଷି ଆଦି ଅକାଳରେ ମୃତ୍ୟୁବରଣ କରୁଥିବା ଜଣାପଡିଛି। ଖଣ୍ଡପଡ଼ା ବ୍ଲକ ଅଧୀନ ରୟତ ଢୋଲମରା ପଞ୍ଚାୟତରେ ପ୍ରାଣୀ ଚିକିତ୍ସାଳୟ କେନ୍ଦ୍ର ନିମନ୍ତେ ଦାବି କରିଛନ୍ତି ସ୍ଥାନୀୟ ଜନପ୍ରତିନିଧି। ମିଳିଥିବା ଅଭିଯୋଗ ଅନୁଯାୟୀ ରାଜ୍ୟ ସରକାର ପ୍ରାଣୀ ସମ୍ପଦର ସୁରକ୍ଷା ନିମିତ୍ତ ବିଭିନ୍ନ ସ୍ଥାନରେ ପ୍ରାଣୀ ସହାୟକ କେନ୍ଦ୍ର ଦ୍ୱାରା ଗୃହପାଳିତ ପଶୁଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇ ଦେଉଛନ୍ତି। ତେବେ ବ୍ଲକ ଅଧିନ ରୟତ ଢୋଲମରା ଗ୍ରାମରେ କିମ୍ବା ପଞ୍ଚାୟତର କୌଣସି ସ୍ଥାନରେ ଏହି କେନ୍ଦ୍ର ନ ଥିବା ହେତୁ ଗୃହପାଳିତ ପଶୁ ନାନା ସମସ୍ୟା ଦେଇ ଗତି କରିବା ସହ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ସ୍ଥିତି ଏଭଳି ହୋଇଛି ଯେ ପଞ୍ଚାୟତ ବାସିନ୍ଦା ୭କିମି ଦୂରରେ ଥିବା ପଡୋଶୀ ଗଣିଆ ବ୍ଲକ ଉପରେ ନିର୍ଭର କରୁଛନ୍ତି। ଏ ନେଇ ପଞ୍ଚାୟତର ସରପଞ୍ଚ ମୁକୁତା ପରିଡାଙ୍କ କହିବା କଥା ହେଲା ପ୍ରତି ପଞ୍ଚାୟତରେ ସରକାର ପ୍ରାଣୀ ସହାୟକ କେନ୍ଦ୍ର ସ୍ଥାପନ ନିମନ୍ତେ ପଦକ୍ଷେପ ନେଉଥିବା ବେଳେ ରୟତ ଢୋଲମରାରେ କିନ୍ତୁ ବର୍ଷ ବର୍ଷ ଧରି ଅବହେଳିତ ଅବସ୍ଥାରେ ରହିଛି। ଫଳରେ ପ୍ରାୟ ୬ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ପଞ୍ଚାୟତ ବାସୀ ବିଭିନ୍ନ ସମୟରେ ଗୃହପାଳିତ ପଶୁଙ୍କ ଚିକିତ୍ସା କ୍ଷେତ୍ରରେ ଦହଗଞ୍ଜ ହେଉଥିବା ନେଇ ଅଭିଯୋଗ ହୋଇଛି। ଗତ ୨୦୨୪ ମସିହାରେ ପୂର୍ବତନ ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ ବିଧାୟକ ହାତପାଣ୍ଠିରୁ ୫ ଲକ୍ଷ ଅନୁଦାନ ରାଶି ମଞ୍ଜୁର କରିଥିଲେ। ମାତ୍ର ସରକାର ପରିବର୍ତ୍ତନ ହେବା ପରେ ଉକ୍ତ ଅନୁଦାନ ରାଶିକୁ ଅନ୍ୟତ୍ର ପରିବର୍ତ୍ତନ କରି ଖର୍ଚ୍ଚ ହୋଇଥିବା ବେଳେ ଫାଇଲ ତଳେ ପ୍ରାଣୀ ସହାୟକ କେନ୍ଦ୍ର ବନ୍ଧା ପଡିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପ୍ରାଣୀ ସହାୟକ କେନ୍ଦ୍ର ନଥିବାରୁ ନୂତନ ଭାବେ ଗୋପାଳନ କିମ୍ବା କୁକୁଡ଼ା ଫାର୍ମ କରିବାକୁ ସାହାସ ଜୁଟେଇପାରୁ ନାହାନ୍ତି ସ୍ଥାନୀୟ ଚାଷୀ। ଏ ନେଇ ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ଦାବି କରିଛନ୍ତି ସରପଞ୍ଚ ଶ୍ରୀମତୀ ପରିଡା। ନୟାଗଡ ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି ପଞ୍ଚାୟତ ବାସିନ୍ଦା।

ଜିଲ୍ଲାର ୨୮୫ ଜଣ ଏ-୧ ମେଧାବୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

କଟକ,୨୪।୬ (ନି.ପ୍ର): ଜିଲ୍ଲାର ମେଧାବୀ ଏ-୧ ଗ୍ରେଡ୍ ପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଆଜି ନେତାଜୀ ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ବିଧାୟକ,କଟକ ସଦର ଇଂ. ପ୍ରକାଶ ଚନ୍ଦ୍ର ସେଠୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ କହିଛନ୍ତି ଯେ , ଛାତ୍ରଛାତ୍ରୀମାନେ ଆମ ଭବିଷ୍ୟତ ,ପୂର୍ବତନ ରାଷ୍ଟ୍ରପତି ଡ. ଏ.ପି.ଜେ ଅବଦୁଲ କଲାମ କହିଥିଲେ, ସ୍ୱପ୍ନ ତାହା ନୁହେଁ ଯାହା ଆମେ ଶୋଇବା ବେଳେ ଦେଖୁ ,ସ୍ୱପ୍ନ ହେଉଛି ତାହା ଯାହା ଆମକୁ ଶୋଇବାକୁ ଦିଏ ନାହିଁ । ଛାତ୍ରଛାତ୍ରୀମାନେ ସର୍ବଦା ୩ଡି(୩ୟ) ମନ ରଖିବା ଆବଶ୍ୟକ

(Discipline) ଶୃଙ୍ଖଳା, (Determination) ଦୃଢ ସଂକଳ୍ପ ଏବଂ (Dedication) ସମର୍ପଣ ଏହି ତିନୋଟି ଗୁଣ ଜୀବନରେ ସଫଳତା ହାସଲ କରିବାର ମୂଳମନ୍ତ୍ର ବୋଲି ସେ ମତବ୍ୟକ୍ତ କରିଛନ୍ତି । ଅନ୍ୟତମ ଅତିଥି ମାନ୍ୟବର ବିଧାୟିକା ବାରବାଟୀ-କଟକ, ଇଂ ସୋଫିଆ ଫିରଦୋସ୍ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ "ଅନଷ୍ଟପେବଲ୍ ଫ୍ୟୁଚର" ବୋଲି କହିଛନ୍ତି । ଶିକ୍ଷା ଗ୍ରହଣ କରିବାର କୌଣସି ବୟସ ନଥାଏ, ତେଣୁ ନିଜ ଲକ୍ଷ୍ୟ ପୂରଣ କରିବା ପଥରେ ଆଗକୁ ବଢିବା ଉଚିତ୍ । ଭଲ ନମ୍ବର ଭଲ ଚାକିରି ପାଇବାରେ ସହାୟକ ହୋଇପାରେ, କିନ୍ତୁ ଭଲ ଚରିତ୍ର ହିଁ ସମାଜରେ ଜଣେ ବ୍ୟକ୍ତିକୁ ପ୍ରକୃତ ସମ୍ମାନ ଓ ପରିଚୟ ପ୍ରଦାନ କରିଥାଏ ବୋଲି ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ସଫଳତା ପଛରେ ଥିବା ପିତାମାତା, ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଅବଦାନକୁ ପ୍ରଶଂସା କରିବା ସହ ଶୁଭେଚ୍ଛା ଜଣାଇଥିଲେ । ଆଗାମୀ ୫ ରୁ ୧୦ ବର୍ଷ ନିଜ କ୍ୟାରିୟର ଗଠନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ (artificial intelligence) କୃତ୍ରିମ ବୁଦ୍ଧିମତ୍ତାର ସଦୁପଯୋଗ କରି ନିଜର ଜ୍ଞାନ ବ୍ୟବହାର କରି ନିଜ ଜୀବନର ଲକ୍ଷ୍ୟ ହାସଲ କରିପାରିବେ ବୋଲି ମତ ପ୍ରକାଶ କରିଛନ୍ତି । ଏହି ଅବସରରେ ଜିଲ୍ଲାର ୨୮୫ ଜଣ ଏ-୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ଏବଂ ପ୍ରଥମଥର ଏ-୧ ପାଇଥିବା ୧୬ଟି ବିଦ୍ୟାଳୟକୁ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମରେ କଟକ ମହାନଗର ନିଗମ ଆୟୁକ୍ତ, ସୁଶ୍ରୀ କିରଣଦୀପ କୌର ସହୋତା , ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ତୋଷ ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅଭିଜିତା ଭାସ୍କରଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ ।

ଚାଷୀଙ୍କ ସମସ୍ୟା ନେଇ ନବନିର୍ମାଣ ଖୋର୍ଦ୍ଧା ଜିଲ୍ଲା ସାଙ୍ଗଠନିକ ସମ୍ମିଳନୀ

ଖୋର୍ଦ୍ଧା,୨୪।୬ (ନି.ପ୍ର) : ଖୋର୍ଦ୍ଧା ଜିଲ୍ଲା ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସାଙ୍ଗଠନିକ ସମ୍ମିଳନୀ ବାଟ ମଙ୍ଗଳା ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ ମହିଳା ନେତ୍ରୀ ମଧୁମିତା ସାମଲ, ଯୁବ ଛାତ୍ର ସଂଯୋଜକ ମନଓ୍ୱର ଅଲ୍ଲୀ ଅତିଥି ଭାବେ ଯୋଗଦେଇ ଥିଲେ। ବୈଠକ ଆରମ୍ଭରେ ରାଜ୍ୟ ମହିଳା ନେତ୍ରୀ ମଧୁମିତା ସାମଲ ଏବଂ ଜିଲ୍ଲା ସଂଯୋଜକ ସୁରେଶ ଚନ୍ଦ୍ର ମାନସିଂହ ବୈପ୍ଳବିକ ସଂଗୀତ ଗାନ କରିଥିଲେ। ପରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କୃଷକମାନଙ୍କୁ ଉଦବୋଧନ ଦେଇ କହିଲେ ଯେ, ଆମେ କେବଳ ଧାନର ଦର୍ ବୃଦ୍ଧି କିମ୍ବା, ଚାଷୀଙ୍କ ପାଇଁ ଲଢେଇ କରୁନେ, ଆମେ

ସମାଜରେ ସମ୍ପୂର୍ଣ୍ଣ ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଏ ଲଢେଇ କରୁଛୁ। ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଯେଉଁ ମାନେ ଲଢେଇ କରିବେ, ସେମାନେ ବୈପ୍ଳବିକ ଭାବେ ବିଚାରରେ ଶାଣିତ ହେଲା ପରେ, ସେ ଯେକୌଣସି ଲଢେଇକୁ କାନ୍ଧରେ ବୋହି ଆଗକୁ ନେଇ ପାରିବ। ଯୁବ ଛାତ୍ର ସଂଯୋଜକ ମନଓ୍ୱର ଅଲ୍ଲୀ କହିଥିଲେ ଯେ, ନବନିର୍ମାଣ କୃଷକ ସଂଗଠନର ଐତିହାସିକ ଲଢେଇ ଫଳରେ କେବଳ କାଳିଆ, ଧାନ ଦର ବୃଦ୍ଧି, କିମ୍ବା ବାର୍ଦ୍ଧକ୍ୟ ଭତ୍ତା ନୁହେଁ ପଲ୍ୟୁସନ ପର୍ଯ୍ୟନ୍ତ ସରକାର ବ୍ରେକ୍ ଲଗାଇଛନ୍ତି। ନବନିର୍ମାଣ ସବୁବେଳେ ବୈପ୍ଳବିକ ସଂସ୍ଥା ଭାବେ ଲୋକଙ୍କ ପାଇଁ ଲଢେଇ କରିଛି। ସଂଗଠନର ରାଜ୍ୟ ମହିଳା ନେତ୍ରୀ ମଧୁମିତା ସାମଲ କହିଥିଲେ ଯେ, ଅକ୍ଷୟ କୁମାରଙ୍କ ନେତୃତ୍ୱରେ କ୍ରମାଗତ ଚାଲିଥିବା ଚାଷୀ ଆନ୍ଦୋଳନ ଓଡ଼ିଶା ଚାଷୀଙ୍କ ଆଶା ଓ ଭରଷାର କେନ୍ଦ୍ର ବିନ୍ଦୁ ପାଲଟିଛି। ଏହି ଚାଷୀ ଆନ୍ଦୋଳନରେ ଛାତ୍ର, ଯୁବକ, ମହିଳା ସମସ୍ତ ଉତ୍ସର୍ଗତ ଭାବରେ ଲଢେଇ କଲେ ଏହି ଆନ୍ଦୋଳନ ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଆନ୍ଦୋଳନ ହେବା ସହ ଚାଷୀ କୂଳର ସ୍ୱାର୍ଥ ହାସଲ ହେଇପାରିବ। ବରିଷ୍ଠ ସଂଗଠନ ଜୟନ୍ତ ତ୍ରିପାଠୀ, ବେଗୁନିଆ ସଂଗଠକ ମଦନ ସାହୁ, ବୋଲଗଡ଼ ସଂଯୋଜକ କାହ୍ନୁ ବେହେରା ପ୍ରମୁଖ ଖୋର୍ଦ୍ଧା ଜିଲ୍ଲାରେ ସଂଗଠନକୁ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେବା ସହ ଆଗାମୀ ଦିନରେ ବିଶାଳ ଚାଷୀ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଆଜିର ବୈଠକରେ ସମିତି ସଭ୍ୟ ରଂଜନ ପଣ୍ଡା, ମୃତ୍ୟୁଞ୍ଜୟ ପ୍ରଧାନ, ରାଜ କିଶୋର ଦାସ, ନିକୁଞ୍ଜ ବିହାରୀ ଦାସ, ନାରାୟଣ ସେନ, ରସିକ୍ ସେନ୍, ସଞ୍ଜୟ ପାତ୍ର, ଅଧିକାରୀ ବେହେରା, ନିରଞ୍ଜନ ପ୍ରଧାନ, ପ୍ରସନ୍ନ ପ୍ରଧାନ, ପ୍ରସନ୍ନ ଭଞ୍ଜ, ସୁବାଷ ଚନ୍ଦ୍ର ରାଏ, ପ୍ରଫୁଲ୍ଲ ପରିଡ଼ା, ମୁରଲୀ ଜେନା, ମୁନାଓ୍ୱର ଅଲ୍ଲୀ, ପ୍ରେମାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଖଣ୍ଡପଡ଼ାରେ ରଥଯାତ୍ରା ପ୍ରସ୍ତୁତି ବୈଠକ

ଖଣ୍ଡପଡ଼ା, ୨୪/୬ (ନି.ପ୍ର): ପବିତ୍ର ରଥଯାତ୍ରା ନିମନ୍ତେ ଆଜି ସନ୍ଧ୍ୟାରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଖଣ୍ଡପଡ଼ା ରାଜା ତଥା ପୂର୍ବତନ ବିଧାୟକ ସିଦ୍ଧାର୍ଥଶେଖର ସିଂହ ମର୍ଦ୍ଦରାଜ, ବିଡ଼ିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱ ବିଶ୍ୱତ ତ୍ରିପାଠୀ, ଏନଏସି ଅଧକ୍ଷା ଆରତୀ ପ୍ରଧାନ, ଏସଡିପିଓ ସରୋଜ କୁମାର ସାହୁ, ଏନଏସି ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ଜନସ୍ୱାସ୍ଥ୍ୟ ବିଭାଗ

ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ବେହେରା ପ୍ରମୁଖ ଯୋଗଦେଇ ନିଜ ନିଜ ବିଭାଗୀର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ରଥଯାତ୍ରାର ସୁପରିଚାଳନା ସହିତ ଶ୍ରଦ୍ଧାଳୁ ମାନଙ୍କ ସୁବିଧା ପାଇଁ ବଡ଼ଦାଣ୍ଡରେ ଉପଯୁକ୍ତ ଆଲୋକୀକରଣ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଏବଂ ସଫେଇ ବ୍ୟବସ୍ଥାକୁ ପ୍ରାଥମିକତା ଦିଆଯିବା ନିମନ୍ତେ ମତପ୍ରକାଶ ପାଇଥିଲା। ଚଳିତବର୍ଷ ରଥଯାତ୍ରା କିଭଳି ଭକ୍ତ ମାନଙ୍କ ପାଇଁ ସ୍ମରଣୀୟ ହେବ ସେନେଇ ସମସ୍ତେ ସହମତି ପ୍ରକାଶ କରିଥିଲେ।

ଡାଇରିଆର ନିରାକରଣ ଅଭିଯାନ ଆସନ୍ତା ୩୧ ପର୍ଯ୍ୟନ୍ତ ଚାଲିବ

କଟକ,୨୪।୬ (ନି.ପ୍ର): ବର୍ଷା ଋତୁରେ ଡାଇରିଆ ଆଦି ଜଳବାହିତ ରୋଗକୁ ଦୃଷ୍ଟିରେ ରଖି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ସ୍ୱାସ୍ଥ୍ୟ ଭବନସ୍ଥିତ ସମ୍ମିଳନୀ କକ୍ଷଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ପୁଷ୍ପିତା ମହାନ୍ତି ସୂଚନା ଦେଇଛନ୍ତି ଯେ ,ଡାଇରିଆର ସମ୍ଭାବ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର କୁ ସତର୍କ କରାଯାଇଛି । ଜିଲ୍ଲାର ସମସ୍ତ ଅଞ୍ଚଳରେ ଏହି ଅଭିଯାନ ଆସନ୍ତା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଆଶାକର୍ମୀମାନେ ଘରକୁ ଘର ବୁଲି ପ୍ରତ୍ୟେକ ଘରେ ୨ଟି ଓଆରଏସ ପାଉଡର ପ୍ରଦାନ କରିବେ ଓ ଯେଉଁ ଘରେ ୫ବର୍ଷ ବୟସର ପିଲା ଥିବେ ତାଙ୍କୁ ଆଉ ଗୋଟିଏ ଓଆରଏସ ପ୍ୟାକେଟ ଓ ୨ଟି ଜିଙ୍କ ବଟିକା ବଣ୍ଟନ କରିବେ । ଏଥି ସହ ବିଦ୍ୟାଳୟରେ ଓ ପରିବାର ସଦସ୍ୟ ମାନଙ୍କୁ ହାତ ଧୋଇବାର ଶୈଳୀ ଓ ଓଆରଏସର ପ୍ରସ୍ତୁତି ସହ ବୟସ ଅନୁସାରେ ସେବନ ଓ କେତେ ସମୟ ରହିବ ସେ ସମ୍ପର୍କରେ ବୁଝାଇବେ । ଜିଲ୍ଲାରେ ୫ବର୍ଷର ପିଲା ସଂଖ୍ୟା ୧,୫୩,୯୭୭ ଜଣଙ୍କୁ ଏହି ଡାଇରିଆ ନିରାକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର,ମେଡିକାଲ ମାନଙ୍କରେ ଓଆରଏସ କର୍ଣ୍ଣର କରାଯାଇ ଲୋକମାନଙ୍କୁ ସଚେତନ କରାଯାଉଛି । ଏହା ବ୍ୟତିତ ଜୁନ ୨୮ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଜନ୍ମରୁ ୫ବର୍ଷର ପିଲାମାନଙ୍କୁ ପଲସ୍ ପୋଲିଓ ବୁନ୍ଦା ଦିଆଯିବ । ପ୍ରଥମ ଦିନ ୧୧୫୬ଟି ବୁଥ୍ ଓ ପରଦିନ ଘର ଘର ବୁଲି କାର୍ଯ୍ୟକ୍ରମ କରାଯିବ । ଡାଇରିଆର କୌଣସି ଲକ୍ଷଣ ଦେଖାଦେଲେ ତୁରନ୍ତ ଓଆରଏସ୍ ସେବନ କରିବା ସହ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରିବାକୁ ପରାମର୍ଶ ଦିଆଯାଇଛି । ଏହି ଅବସରରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ଗଗନ ବିହାରୀ ପତି , ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ଚିନ୍ତାମଣି ମିଶ୍ର ,ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଲେପ୍ରୋସୀ ଡଃ ଦୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ନୂତନ ଆୟକର ଆଇନ ସଂପର୍କରେ ସଚେତନତା ବୈଠକ

ବଲାଙ୍ଗିର,୨୪।୬ (ନି.ପ୍ର): ନୂତନ ଆୟକର ଆଇନ-୨୦୨୫ର ବ୍ୟବସ୍ଥା ଓ ପ୍ରଭାବ ସଂପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବଲାଙ୍ଗୀର ଆୟକର କାର୍ଯ୍ୟାଳୟ ପରିସରରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ଆୟକର ପ୍ରମୁଖ କମିଶନରଙ୍କ ତତ୍ତ୍ୱାଧାନରେ ଆୟୋଜିତ

କାର୍ଯ୍ୟକ୍ରମରେ ନୂତନ ଅଇନର ଗୁରୁତ୍ୱପୂର୍ଣ୍ଣ ଦିଗ ଓ ପ୍ରଭାବ ତଥା ପରିବର୍ତ୍ତନ ସହ ବୃତ୍ତିଗତ ମାନଙ୍କୁ ପରିଚିତ କରାଇବା ଏହି ବୈଠକର ଲକ୍ଷ ବୋଲି କୁହାଯାଉଛି । ପରେ ଅନୁଷ୍ଠିତ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତି ମାନେ ତାଙ୍କର ବିଭିନ୍ନ ପ୍ରଶ୍ନ ଓ ଅନ୍ତର୍ଦୃଷ୍ଟି ସଂପର୍କରେ ପଚାରିବୁଝିଥିଲେ । ଏହି ଆଲୋଚନାଚକ୍ର ଓ ବୈଠକରେ ବଲାଙ୍ଗୀର ଓ୍ୱାର୍ଡ-୧ ଆୟକର ଅଧିକାରୀ ଟୁନ୍ନା କୁମାର, ଏବଂ ଆୟକର ଅଧିକାରୀ(ଭିୟୁ)ଅଜୟ କୁମାର ଯୋଗ ଦେଇ ନୂତନ ଆୟକର ଆଇନର ବିଭିନ୍ନ ଦିଗ ଓ ଏହାର ପ୍ରୟୋଗ ଉପରେ ବିସ୍ତୃତ ଭାବରେ ବୁଝାଇଥିଲେ। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଓକିଲ, ଚାଟାର୍ଡ ଆକାଉଣ୍ଟେଣ୍ଟ, ଶିଳ୍ପପତି ଏବଂ ସର୍ବଭାରତୀୟ ବ୍ୟବସାୟୀ ସଂଘର ସଭ୍ୟ ମାନେ ସାମିଲ ହୋଇଥିଲେ।

ରାସ୍ତାକଡରୁ ହଟିଲା ଦୁଇ ବିପଦଜ୍ଜନକ ଶୁଖିଲା ଗଛ

ବୁଗୁଡ଼ା, ୨୪।୬ (ନି.ପ୍ର) : ବୁଗୁଡ଼ା-ପୋଲସରା ମୁଖ୍ୟ ସଡକ ଅନ୍ତର୍ଗତ ଗୋଲିଆ ଗାଁ ନିକଟସ୍ଥ କଣିଆପଲ୍ଲୀ ଛକ ଏବଂ ବାଘୁଆ ସେତୁ ନିକଟରେ ଦୁଇଟି ବିରାଟ ଶୁଖିଲା ଥୁଣ୍ଟା ଆମ୍ବ ଓ କାକପୋଇ ଗଛ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା । ସେହି ଗଛ ଦୁଇଟି ପବନରେ କେତେବେଳେ ଯେ ଭାଙ୍ଗି ପଡି ବିପଦ ସୃଷ୍ଟି କରିଥାନ୍ତା ତାହା କହି ହେଉନଥିଲା । ସେହି ମୁଖ୍ୟ ସଡକ ଦେଇ ଶହ ଶହ ଯାନବାହାନ ଚଳାଚଳ ସାଙ୍ଗକୁ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ମାନେ ଯାତାୟାତ କରୁଥିଲା ବେଳେ ରାସ୍ତା କଡରେ ବିରାଟ ଶୁଖିଲା ଗଛଟି କୌଣସି କାରଣରୁ ଭାଙ୍ଗି ପଡିଲେ ଅଜାଣତରେ ଯିବା ଆସିବା କରୁଥିବା ଯାନବାହନ , ଛାତ୍ରଛାତ୍ରୀ ଓ ଜନସାଧାରଣ ବିପଦର ସମ୍ମୁଖୀନ ହେବାର ଯଥେଷ୍ଟ ସମ୍ଭାବନା ଦେଖା ଦେଇଥିଲା। ପ୍ରକାଶ ଥାଉ କି , ତଳ ଦିନେ ଶରଣକୁଳ ଅଞ୍ଚଳର ଏକ ଦମ୍ପତି ବାଇକରେ ପୋଲସରାରୁ ନିଜ ଗାଁକୁ ଫେରୁଥିବା ବେଳେ ଉକ୍ତ ଥୁଣ୍ଟା ଆମ୍ବ ଗଛରୁ ଶୁଖିଲା ଛୋଟ ଡାଳଟିଏ ଖସି ସେମାନଙ୍କ ଉପରେ ପଡିଯିବାରୁ

ଭାରସାମ୍ୟ ହରାଇ ରାସ୍ତାକଡକୁ ଚାଲିଯାଇ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ ହେଁ ସେ ଦୁହେଁ ସାମାନ୍ୟ ଆହତ ହୋଇଥିଲେ । ଅନ୍ୟପକ୍ଷରେ ଏଇ କିଛି ମାସ ତଳେ ବାଘୁଆ ସେତୁ ନିକଟସ୍ଥ ସେହି ବିପଦଜ୍ଜନକ ଶୁଖିଲା କାକପୋଇ ଗଛ ତଳେ ଜମାଥିବା ଆବର୍ଜନାରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ହୁତୁହୁତୁ ହୋଇ ଜଳି ଉଠିଥିଲା ଏବଂ ଏନେଇ ଖବର ପାଇ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେବେଠାରୁ ସେହି ବକଲ ପୋଡା ଶୁଖିଲା ଗଛ ନିକଟ ଦେଇ ଯାତାୟାତ ବେଳେ ଲୋକେ ଆଶଙ୍କା ମଣୁଥିଲେ। ବିଶେଷକରି କାଳବୈଶାଖୀ ତାଣ୍ଡବ କାଳରେ ସେହି ଗଛ ଦ୍ୱୟକୁ ଅତିକ୍ରମ ବେଳେ ଲୋକଙ୍କ ମନରେ ଜୀବନହାନୀର ଭୟ ଘାରୁଥିଲା । ଏ ନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ଶୁଖିଲା ଆମ୍ବ ଗଛଟିକୁ ଲୋକେ ଏବଂ କାକପୋଇ ଗଛଟିକୁ ପ୍ରଶାସନ ଉଚ୍ଛେଦ କରିଥିବା ବେଳେ ସେହି ରାସ୍ତା ଦେଇ ଯାତାୟତ କରୁଥିବା ଲୋକଙ୍କ ଶଙ୍କା ଦୂର ହୋଇଥିବା ଜଣାଯାଇଛି।

ଶ୍ରମ ବିଭାଗ ଓ ରୁଚିକା ସମାଜ ମଙ୍ଗଳ ସଂଗଠନ ତରଫରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା

ପିପିଲି,୨୪।୬ (ନି.ପ୍ର): ଶ୍ରମ ବିଭାଗ ଓ ରୁଚିକା ସମାଜ ମଙ୍ଗଳ ସଂଗଠନ ମିଳିତ ସହଯୋଗରେ ଆଜି ପିପିଲି ବଜାର ରେ ସମସ୍ତ ଦୋକାନ , ହୋଟେଲ ,ଗ୍ୟାରେଜ ଇତ୍ୟାଦି ରେ ଶିଶୁ ଶ୍ରମିକ ନିରାକରଣ ପାଇଁ ସଚେତନ କରାଇବା ସହିତ ସମସ୍ତ ଦୋକାନ ବଜାର କୁ ନିରିକ୍ଷଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରମ ବିଭାଗର ଅତିରିକ୍ତ ଶ୍ରମ ଅଧିକାରୀ ଶ୍ରୀ ଆଶିଷ କୁମାର ମାଝୀ ଓ ସୋନାଲି ଜେନା ସହ ପିପିଲି ପୋଲିସ ଓ ରୁଚିକା ସମାଜ ମଙ୍ଗଳ ସଂଗଠନ କର୍ମକର୍ତ୍ତା . ହେମନ୍ତ କୁମାର ଦାଶ, ହରପ୍ରିୟା ଖଟୋଇ , ତଟିନୀ ବିଶ୍ୱାଳ ଇତ୍ୟାଦି ଯୋଗ ଦେଇଥିଲେ । ଜିଲ୍ଲା ସଂଯୋଜକ ହେମନ୍ତ କୁମାର ଦାଶ କହିଛନ୍ତି ୨୦୩୦ ସୁଦ୍ଧା ପୁରୀ କୁ ସମ୍ପୂର୍ଣ୍ଣ ଭାବେ ଶିଶୁ ଶ୍ରମ ବନ୍ଦ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ।

ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ମୋଟ ଖର୍ଚ୍ଚ ୫ଟି ମନ୍ତ୍ରଣାଳୟର ବଜେଟ୍ ସହ ସମାନ

ନୟାଗଡ଼, ୨୪।୬ (ନି.ପ୍ର): ନୟାଗଡ଼ ଡିସିସି ସଭାପତି ଶ୍ରୀ ରଣଜିତ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ପର୍ଯ୍ୟବେକ୍ଷକ ଶ୍ରୀ ପ୍ରକାଶ ମିଶ୍ର ଏବଂ ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ସୁଦିପ ସାମଲ ପ୍ରମୁଖ ଗଣମାଧ୍ୟମ ବାର୍ତ୍ତାରେ ଜୁନ୍ ୧୭ ଦିନ ରାଜସ୍ଥାନର କୋଟାଠାରେ ହଜାର ହଜାର ଛାତ୍ରଛାତ୍ରୀଙ୍କ ସମାବେଶରେ ସାମିଲ ହୋଇ ନେତା ପ୍ରତିପକ୍ଷ ରାହୁଲ ଗାନ୍ଧିଙ୍କ ଉଦବୋଧନ ସମ୍ବୋଧିତ 'ଛାତ୍ରୋଁ କି ଗୁଞ୍ଜ' କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସମାବେଶରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର ଆଶାୟୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ଏକ ଘଣ୍ଟା ଧରି ଚାଲିଥିବା ଆଲୋଚନାରେ ରାହୁଲ ଗାନ୍ଧୀ ଭାରତର ଶିକ୍ଷା ବ୍ୟବସ୍ଥା କୁ ଶୋଷଣ କରୁଥିବା ମେସିନ ବୋଲି କହିଥିଲେ,ଏହି ତ୍ରୁଟି ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ରୋଜଗାରଭିତ୍ତିକ ନୁହେଁ କ୍ଷ ଭାରତରେ ବର୍ତ୍ତମାନ ମାତ୍ର ୧.୨ ପ୍ରତିଶତ ଲୋକ ହିଁ ଦରମା ପ୍ରାପ୍ତ ଚାକିରି ପାଇପାରିବେ। ଏବଂ ଏହା, ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପରିବାର ନିଜ ପାଠପଢ଼ା ପାଇଁ ବହୁତ ବଡ଼ ଅର୍ଥ ଖର୍ଚ୍ଚ

କରିବା ପରେ ଘଟୁଛି । ୨୨ ଲକ୍ଷ ଛାତ୍ରଛାତ୍ରୀ ନିଟ୍ ପରୀକ୍ଷା ଦିଅନ୍ତି ଏବଂ ସେମାନଙ୍କ ପରିବାର ଏଥିପାଇଁ ୧.୩୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରନ୍ତି। ଏହି ପରିମାଣ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ସମଗ୍ର ବଜେଟ୍ ସହ ସମାନ। ନିଟ୍, ଏସଏସସି, ଆରଆରବି, ୟୁପିଏସସି ଏବଂ ଜେଇଇ ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦିଆଯାଉଥିବା ସମୁଦାୟ ଫି' ପ୍ରାୟ ୩.୫ ଲକ୍ଷ କୋଟି ଟଙ୍କା, ଯାହା ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ମହିଳା ଓ ଶିଶୁ ବିକାଶ ସମେତ ୫ଟି ମନ୍ତ୍ରଣାଳୟର ମୋଟ ବଜେଟ ସହିତ ସମାନ ଅଟେ ଆକାଂକ୍ଷାଙ୍କ ଦୁଃଖଦ ଆତ୍ମହତ୍ୟା ପ୍ରସଙ୍ଗରେ ସେ ଜଣେ ନିଟ୍ ଆଶାୟୀ ଥିଲେ କିନ୍ତୁ ପ୍ରଶ୍ନପତ୍ର ଲିକ୍ ହେବା ପରେ ଆତ୍ମହତ୍ୟା କରିଥିଲେ। ଏହି ବ୍ୟବସ୍ଥା ଦ୍ୱାରା ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଥିବା ଆକାଂକ୍ଷାଙ୍କ ଭଳି ଆଉ କୌଣସି ଛାତ୍ରଛାତ୍ରୀ ରହିବା ଉଚିତ ନୁହେଁ। ଏହା ଆକାଂକ୍ଷାଙ୍କ ବିଫଳତା ନଥିଲା, ବରଂ ବ୍ୟବସ୍ଥା ତାଙ୍କୁ ବିଫଳ କରିଥିଲା। ଦେଶର ହଜାର ହଜାର ଉତ୍ସାହୀ ଛାତ୍ରଛାତ୍ରୀ ଏହି ସମାବେଶରେ ସାମିଲ ହୋଇ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ବିଷୟରେ ନିଜର ମତାମତ ପ୍ରକାଶ କରିବାକୁ ଆସିଥିଲେ। ଏହି କାର୍ଯ୍ୟକ୍ରମକୁ ଏଲଇଡି ମାଧ୍ୟମରେ ଗଣମାଧ୍ୟମ ପ୍ରତିନିଧି ଏବଂ ଛାତ୍ରନେତା ମାନଙ୍କ ପାଇଁ ପ୍ରଚାରପ୍ରସାର କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ଡିସିସି ଉପସଭାପତି ଶ୍ରୀ ଲକ୍ଷ୍ମୀଧର ତ୍ରିପାଠୀ, ବିଭୁ ପ୍ରସାଦ ମିଶ୍ର, ଯୁବ ନେତା କମଳ ଚରଣ ସାହୁ, ପ୍ରତୀକ ମହାପାତ୍ର, ଆଲୋକ ପ୍ରଧାନ, ଛାତ୍ର ନେତା ଦିଲ୍ଲୀପ କୁମାର ବିଶୋଇ, ଶିବରଞ୍ଜନ ସାହୁ, ଓମପ୍ରକାଶ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ।

ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର ୩୮ତମ ବାର୍ଷିକ ସମାରୋହ

କାକଟପୁର, ୨୪।୬ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱରଙ୍କ ସୌଜନ୍ୟତା କ୍ରମେ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି କାକଟପୁରଙ୍କ ଆନୁକୂଲ୍ୟରେ ଗତ ଫେବୃଆରୀ ୨୮ ତାରିଖ ଅପରାହ୍ନରେ କାକଟପୁର ବଜାରସ୍ଥିତ ରାମକୃଷ୍ଣ ଶିଶୁ ଶିକ୍ଷା ମନ୍ଦିର ସଭାଗୃହରେ ସମିତିର ୩୮ତମ ବାର୍ଷିକ ସମାରୋହ ପାଳନ ଅବସରରେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାରେ ପ୍ରବନ୍ଧର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଏକ ଆଲୋଚନାଚକ୍ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିକ୍ଷାବିତ୍ ସ୍ୱପ୍ନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଆଲୋଚନାଚକ୍ରରେ ସୁସାହିତ୍ୟିକ ଶିକ୍ଷାବିତ୍ ରବିନ୍ଦ୍ର କୁମାର ମହାନ୍ତି, ଶିକ୍ଷାବିତ୍ ବୈଦ୍ୟନାଥ ମହାନ୍ତି, ବିଶିଷ୍ଟ ବ୍ୟଙ୍ଗ କବି ସମ୍ପଦ କୁମାର ରଥ, ଆଇନଜୀବୀ ଚିତ୍ତ ରଞ୍ଜନ କର, ଶିକ୍ଷାବିତ୍ ହୃଶିକେଷ ରାଉତ, ବିଜୟ କୁମାର ବିଶ୍ୱାଳ, ବ୍ରଜବନ୍ଧୁ ସ୍ୱାଇଁ, ସଂସ୍କୃତିବିତ୍ କ୍ଷୀରୋଦ ଚନ୍ଦ୍ର ମହାନ୍ତି, ସମରେନ୍ଦ୍ର ଦୀକ୍ଷିତ, ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାରେ ପ୍ରବନ୍ଧର ଭୂମିକା ସମ୍ପର୍କରେ ବିଭିନ୍ନ ଦୃଷ୍ଟିଭଙ୍ଗୀରେ ଆଲୋକପାତ କରିଥିଲେ। ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ଆଜି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ତେଣୁ ଓଡ଼ିଆ ଜାତିର ସ୍ୱାଭିମାନକୁ ବଞ୍ଚାଇ ରଖିବା ପାଇଁ ପ୍ରତ୍ୟେକ ଓଡ଼ିଆ ଗର୍ବର ସହିତ ସେମାନଙ୍କର ଏହି ଦିଗରେ କର୍ତ୍ତବ୍ୟ କରିବା ଉଚିତ୍ ବୋଲି ବକ୍ତାମାନେ କହିଥିଲେ। ପରିଶେଷରେ ଶୋଭାକର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ରାଜଗାଙ୍ଗପୁର ଗ୍ରାମାଞ୍ଚଳରେ ଜମି ଦଲାଲ ସକ୍ରିୟ

ରାଜଗାଙ୍ଗପୁର ଥାନା ଅନ୍ତର୍ଗତ କାଂସବାହାଲ ଚୁଂଗିମାଟି ପଞ୍ଚାୟତ ଜୁନାପଡା ନିରିହ ଅଶିକ୍ଷିତ ଗ୍ରାମବାସୀ ନିଜର ଜମି ବିକ୍ରି କରି ଠକାମି ର ଶିକାର ହେଇ ଥିବା ଅଭିଯୋଗ ହେଉଛି । ଗ୍ରାମବାସୀ ଙ୍କ ସୁଚନା ଅନୁସାରେ ଜୁନାପଡା ଗ୍ରାମ ର ଲୁମ୍ବି ଧରାଇ ଭଗବତୀ ଧରାଇ ସୁଭଦ୍ରା ଭୟୀଷା ଙ୍କ ଦୁଇ ଏକର ଚାଲିଶ ଡେସିମିଲ ଜମି ଛତାମ ଗ୍ରାମ ର ଜେମ୍ସ ଡୁଂଗଡୁଂଗ ଙ୍କ ମଧ୍ୟସ୍ଥା ରେ ସଞ୍ଜୀବ ବେହେରା କୁ ପ୍ରାୟ ତିରିଶ ଲକ୍ଷ ଟଙ୍କା ରେ ମୂଳ ଚାଲ କରି ଚେକ୍ ଆକାରରେ ବ୍ୟାଙ୍କ୍ ରେ ଟଙ୍କା ଦିଆଯିବ କହି ଜମି ରେଜିଷ୍ଟ୍ରି କରିବା ପରେ ଉଭୟ ଆଉ ଧରାଛୁଆଁ ଦେଉନଥିଲେ କି ମୋବାଇଲ ମଧ୍ୟ ଅକାମୀ କରି ରଖିଥିବା ଗ୍ରାମବାସୀ ସୁଚନା ଦେଇଥିଲେ । ଜମି ହରାଇଥିବା ତିନିଜଣ ଗ୍ରାମବାସୀ ବ୍ୟାଙ୍କ ରେ ଚେକ୍ ଜମା କରିବା ପରେ ଏକାଉଣ୍ଟ୍ ଟଙ୍କା ନ ଥିବା ବ୍ୟାଙ୍କ କର୍ମଚାରୀ ସୁଚନା ଦେଇଥିଲେ । ଉକ୍ତ ଘଟଣା କୁ ନେଇ ତିନି ଜଣ ଗ୍ରାମବାସି ରାଜଗାଙ୍ଗପୁର ଥାନା ଓ ସୁନ୍ଦରଗଡ଼ ଜିଲ୍ଲାପାଳ ମହୋଦୟ ଡଃ ଶୁଭଙ୍କର ମହାପାତ୍ର ଙ୍କୁ ଚଳିତ ମାସ ୨୨ ତାରିଖ ଦିନ ବ୍ଲକ କାର୍ଯ୍ୟାଳୟ ସଭା ଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ରେ ଦେଖାକରି ଲିଖିତ ଅଭିଯୋଗ କରିଥିଲେ । ଉକ୍ତ ଜମି ଜମା ସମ୍ବନ୍ଧ ଓ ଚେକ୍ ମାମଲା ନିମନ୍ତେ କୋର୍ଟରେ ଆଶ୍ରୟ ନେବାକୁ ଥାନା ଓ ଜିଲାପାଳ ମହୋଦୟ ପରାମର୍ଶ ଦେଇଥିଲେ । ଜମି ଦଲାଲ କେବଳ ନିରିହ ଅଶିକ୍ଷିତ ଗ୍ରାମବାସୀ ଙ୍କୁ ଠକିବା ସହ କୋର୍ଟ ପେପର୍ ରେ ମିଛ ଓ ଏକାଉଣ୍ଟ୍ ରେ ଟଙ୍କା ନ ଥିବା ସତ୍ତ୍ୱେ ଚେକ୍ ଦେଇ ଆଇନ କାନୁନ କୁ ମଧ୍ୟ ଚେଲେଞ୍ଜ କରିଥିବା ସାଧାରଣ ରେ ମତ ପ୍ରକାଶ ପାଇଛି ।

ବରଗଡ଼ରେ ପୁଣି 'ଇଚ୍ଛାମୃତ୍ୟୁ' ଦାବି

ବରଗଡ଼: ଧାନ ବିକ୍ରି ସମସ୍ୟାକୁ ନେଇ ପୁଣି ଚର୍ଚ୍ଚାରେ ଭାତହାଣ୍ଡି ଭାବେ ପରିଚିତ ବରଗଡ଼ ଜିଲ୍ଲା । ଧାନ ମଣ୍ଡିରେ ବିକ୍ରି ପାଇଁ ଟୋକନ ନମିଳିବା ଓ ପ୍ରଶାସନିକ ଅବହେଳା ଅଭିଯୋଗ କରି ଜଣେ ଯୁବଚାଷୀ ଏବେ 'ଇଚ୍ଛାମୃତ୍ୟୁ' ପାଇଁ ଆବେଦନ କରିଥିବା ଘଟଣା ସାମ୍ନାକୁ ଆସିଛି । ଏଭଳି ଏକ ସମ୍ବେଦନଶୀଳ ଘଟଣା ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ମେଲଛାମୁଣ୍ଡା ଗ୍ରାମରେ ଘଟିଛି । ଗ୍ରାମର ଯୁବଚାଷୀ ଗୋପାଳ ସାହୁ ଚଳିତ ରବି ଋତୁରେ ଧାର-କରଜ କରି ଧାନ ଚାଷ କରିଥିଲେ ।ଫସଲ ଅମଳ ପରେ ଧାନ ବିକ୍ରି କରି ଋଣ ଶୁଝିବା ସହ ଘରର ଆବଶ୍ୟକତା ପୂରଣ କରିବା ଆଶା ରଖିଥିଲେ । ହେଲେ ମଣ୍ଡିରେ ଧାନ ବିକ୍ରି ପାଇଁ ଆବଶ୍ୟକ ଟୋକନ ଏପର୍ଯ୍ୟନ୍ତ ମିଳିନଥିବାରୁ ସେ ଚିନ୍ତାରେ ପଡ଼ିଛନ୍ତି । ଘରେ ଅସୁସ୍ଥ ମାଆଙ୍କ ଚିକିତ୍ସା ଓ ଜରୁରୀ ଖର୍ଚ୍ଚ ପାଇଁ ବାଧ୍ୟ ହୋଇ କିଛି ଧାନ କମ୍ ଦାମରେ ଖୋଲା ବଜାରରେ ବିକ୍ରି କରିଥିବା ବେଳେ ବାକି ଧାନକୁ ସରକାରୀ ମଣ୍ଡିରେ ବିକ୍ରି କରିବା ଆଶାରେ ଅପେକ୍ଷା କରି ରହିଛନ୍ତି ।

ରାଜଗାଙ୍ଗପୁର ସହରରେ ଫ୍ଲାଗ ମାର୍ଚ୍ଚ

ରାଜଗାଙ୍ଗପୁର,୨୪।୬(ନି.ପ୍ର.): ରାଜଗାଙ୍ଗପୁର ସହର ରେ ମହରମ୍ ପର୍ବ ଓ ଶୋଭାଯାତ୍ରା ଶାନ୍ତି ଶୃଙ୍ଖଳା ସହ ପାଳନ ନିମନ୍ତେ ବଡ଼ଗାଁ ଏଡିପିଓ ବିଭୁତି ଭୁଷଣ ଭୋଇ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କିଶୋର ଦାଶଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଡିବିଏଫ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ଥାନା ରେ କାର୍ଯ୍ୟରତ ସମସ୍ତ ଏ ଏସ ଆଇ ଏସ ଆଇ ସୁରକ୍ଷା ବଳ ଥାନା ରୁ ଫ୍ଲାଗ ମାର୍ଚ୍ଚ କରି ମୁଖ୍ୟ ରାସ୍ତା ହୋଇ ସୁବାଷ ଛକ ତ୍ରୀବେଣୀ ଛକ ଇନ୍ଦିରା ଛକ ଦେଇ ବଡ଼ ମସଜିଦ ତାଲକିପଡା ରୁ ଶେଷରେ ଥାନା ଠାରେ ଫ୍ଲାଗ ମାର୍ଚ୍ଚ ସମାପନ ହୋଇଥିଲା ସହର ରେ ଶାନ୍ତି ଶୃଙ୍ଖଳା ଭାଇଚାରା ବଜାଇ ରଖିବା ସହ ସରକାରୀ ନୀୟମ ଅନୁସାରେ ସମସ୍ତ କାର୍ଯ୍ୟକ୍ରମ ଏବଂ ଅସାମାଜିକ ଯୁବକଙ୍କ ଗତିବିଧି ସମ୍ପର୍କରେ ଅନୁଧ୍ୟାନ କରିବାକୁ ଜନସଚେତନତା ସୃଷ୍ଟି କରିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ବିଶେଷ ସୁତ୍ରରୁ ଜଣାପଡିଛି ।

ଆର୍ନ୍ତଜାତିକ ଅଲିମ୍ପିକ୍ କମିଟିର ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ହେଲେ ସୋଆ ଡାକ୍ତର

ଭୁବନେଶ୍ୱର,୨୪।୬୪: ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲର ମାନସିକ ରୋଗ ବିଭାଗର ଆସୋସିଏଟ୍ ପ୍ରଫେସର (ଡାକ୍ତର) ଲଗ୍ନଜିତ ଦାଶ ଲୁଜାନ ସ୍ଥିତ ଆର୍ନ୍ତଜାତିକ ଅଲିମ୍ପିକ୍ କମିଟି ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଭାବେ ମନୋନୀତ ହୋଇଛନ୍ତି ।

ଡାକ୍ତର ଦାଶ ଦୁଇଟି ପର୍ଯ୍ୟାୟରେ ବିଭିନ୍ନ ମାନଦଣ୍ଡକୁ ଭିତି କରି କ୍ରୀଡାବିତ୍ ମାନଙ୍କର ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଭାବେ ଯୋଗ୍ୟତା ହାସଲ କରିଛନ୍ତି । ଆର୍ନ୍ତଜାତିକ ଅଲିମ୍ପିକ୍ କମିଟିର ଅଧ୍ୟକ୍ଷ କିର୍ଷ୍ଟି କୋଭେନ୍ଟ୍ରି ଏବଂ ଏହାର ସ୍ୱାସ୍ଥ୍ୟ, ଭେଷଜ ଓ ବିଜ୍ଞାନ କମିଶନ ଚେୟାର ଡାକ୍ତର ରବିନ୍ ଇ. ମିଚେଲଙ୍କ ସ୍ୱାକ୍ଷର ଥିବା ଏହି ପ୍ରମାଣପତ୍ର ଡାକ୍ତର ଦାଶଙ୍କୁ ମିଳିଛି ।

ତାଙ୍କର ଏହି ସଫଳତା ପାଇଁ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଂଜନ ନାୟକ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ପ୍ରଫେସର ନାୟକଙ୍କୁ ଡାକ୍ତର ଦାଶ ସାକ୍ଷାତ୍ କରି ତାଙ୍କର ଆର୍ଶୀବାଦ ଗ୍ରହଣ କରିଛନ୍ତି । ଏହି ଅବସରରେ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ, କ୍ୟାମ୍ପସ୍ -୨ ଫୁଲନଖରାର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ଉପସ୍ଥିତ ଥିଲେ ।

ଟାଇମ୍ସ ହାୟର ଏଜୁକେସନ ସଷ୍ଟେନେବିଲିଟି ଇମ୍ପାକ୍ଟ ର୍ୟାଙ୍କିଂ

ଚତୁର୍ଥ ସ୍ଥାନକୁ ଉଠିଲା କିଟ୍

ଭୁବନେଶ୍ୱର, ୨୪।୬: ଟାଇମ୍ସ ହାୟର ଏଜୁକେସନ୍ ସଷ୍ଟେନେବିଲିଟି ଇଂପାକ୍ଟ ର୍ୟାଙ୍କିଙ୍ଗ୍ ୨୦୨୬ରେ ଭାରତର ସମସ୍ତ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରେ କିଟ୍ ୪ର୍ଥ ସ୍ଥାନ ହାସଲ କରିଛି । ଗତ ବର୍ଷ କିଟ୍ ଏହି ର୍ୟାଙ୍କିଙ୍ଗର ୫ମ ସ୍ଥାନରେ ଥିଲା । ଏହା ସହିତ ବିଶ୍ୱ ସ୍ତରରେ କିଟ୍ ୧୦୧-୨୦୧ କୋହୋର୍ଟରେ ରହିଛି ।

ଏଥିରେ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ର ସମସ୍ତ ୧୭ ଟି ଲକ୍ଷ୍ୟ ପୂରଣ କରିଛି । କିଟ୍ ୪ଟି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପାଇଁ ଭାରତରେ ଶୀର୍ଷ ସ୍ଥାନ ହାସଲ କରିଛି । ସେଗୁଡ଼ିକ ହେଲା- ଅସମାନତା ହ୍ରାସ (ଏସ୍‌ଡିଜି ୧୦) ଜଳ ତଳେ ଜୀବନ (ଏସ୍‌ଡିଜି ୧୪), ଭୂମି ଉପରେ ଜୀବନ (ଏସ୍‌ଡିଜି ୧୫) ଓ ଶାନ୍ତି, ନ୍ୟାୟ ଓ ଦୃଢ଼ ପ୍ରତିଷ୍ଠାନ (ଏସ୍‌ଡିଜି ୧୬) । ଏହା ସହିତ, କିଟ୍ ଶିଳ୍ପ, ନବସର୍ଜନା ଓ ଭିତ୍ତିଭୂମି (ଏସ୍‌ଡିଜି ୯) ପାଇଁ ସମଗ୍ର ଭାରତରେ ଦ୍ୱିତୀୟ ସ୍ଥାନ ହାସଲ କରିବା ସହ ଅନ୍ୟ ସମସ୍ତ ଏସ୍‌ଡିଜିରେ ଦେଶର ଶ୍ରେଷ୍ଠ ୧୦ ର୍ୟାଙ୍କ ବଜାୟ ରଖିଛି । ସେହିପରି ଅନେକ ପ୍ରମୁଖ ମାନଦଣ୍ଡରେ କିଟ୍ ଶତ ପ୍ରତିଶତ ସ୍କୋର ହାସଲ କରିଛି । ଏଥିରେ ସ୍ୱାସ୍ଥ୍ୟସେବା ସହଯୋଗ (ଏସ୍‌ଡିଜି ୩), ଗୁଣାତ୍ମକ ଶିକ୍ଷା ପାଇଁ ଗୁଣାତ୍ମକ ଶିକ୍ଷା ପଦକ୍ଷେପ (ଏସ୍‌ଡିଜି ୪), ଶକ୍ତି ସଂରକ୍ଷଣ ପାଇଁ ପ୍ରୟାସ (ଏସ୍‌ଡିଜି ୭), ଅସମାନତା ହ୍ରାସ କରିବା ପାଇଁ ପଦକ୍ଷେପ (ଏସ୍‌ଡିଜି ୧୦) ଓ ସରକାରଙ୍କ ସହ ସକ୍ରିୟ ସହଯୋଗ (ଏସ୍‌ଡିଜି ୧୬) ଆଦି ଅନ୍ତର୍ଭୁକ୍ତ ।

ସୂଚନାଯୋଗ୍ୟ, ଟାଇମ୍ସ ହାଇୟର ଏଜୁକେସନ୍ ବିଶ୍ୱବିଦ୍ୟାଳୟଗୁଡ଼ିକର ଗ୍ଲୋବାଲ୍ ର୍ୟାଙ୍କିଂ କରିବା ବ୍ୟତୀତ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ ଆଧାରରେ କେଉଁ ସବୁ ବିଶ୍ୱବିଦ୍ୟାଳୟ କେତେ ପରିମାଣରେ ସାମାଜିକ ପ୍ରଭାବ ସୃଷ୍ଟି କରିଛନ୍ତି ତା ଉପରେ ମଧ୍ୟ ର୍ୟାଙ୍କିଂ କରିଥାଏ । ସେହି ଆଧାରରେ କିଟ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ କିଟ୍ ଭଲ ର୍ୟାଙ୍କ ପ୍ରଦର୍ଶନ କରିଆସୁଛି । ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି ଗତବର୍ଷଠାରୁ ଚଳିତବର୍ଷ ଉଭୟ କିଟ୍ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଇମ୍ପାକ୍ଟ ର୍ୟାଙ୍କିଙ୍ଗରେ ଚମତ୍କାର ପ୍ରଦର୍ଶନ କରିଛି । ଗତ କିଛିବର୍ଷ ଧରି ଏଥିରେ କିଟ୍ ଅଂଶଗ୍ରହଣ କରିବା ସହ ଉନ୍ନତ ପ୍ରଦର୍ଶନ କରିଆସୁଛି ବୋଲି ଶ୍ରୀ ସାମନ୍ତ ପ୍ରକାଶ କରିଛନ୍ତି ।

ଶିଳ୍ପ ପ୍ରୋତ୍ସାହନ ଅଭାବରୁ କଳଙ୍କି ଖାଉଛି ପାଇରୋଲାଇଜର ପ୍ଲାଣ୍ଟ

ନବରଙ୍ଗପୁର,୨୪।୬(ନି.ପ୍ର.): ଅବହେଳାରେ ଅଚଳ ପାଇରୋଲାଇଜର ପ୍ଲାଣ୍ଟ, ପରିଦର୍ଶନରେ ଆସି ସାଂସଦ ଅସନ୍ତୋଷ- ଶିଳ୍ପ ପ୍ରୋତ୍ସାହନ ଅଭାବରୁ କଳଙ୍କି ଖାଉଛି ପାଇରୋଲାଇଜର ପ୍ଲାଣ୍ଟ,ପରିଦର୍ଶନରେ ଆସି ପ୍ଲାଣ୍ଟ ର ଅବସ୍ଥା ଦେଖି ବିରକ୍ତି ପ୍ରକାଶ କରିଛନ୍ତି ନବରଙ୍ଗପୁର ସାଂସଦ । ଶିଳ୍ପବିହୀନ ଅଞ୍ଚଳରେ କ୍ଷୁଦ୍ର ଶିଳ୍ପର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁଁ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ । ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଉମରକୋଟ ଠାରେ ଥିବା ପାଇରୋଲାଇଜର ପ୍ଲାଣ୍ଟ, ଯାହାକି ୨୦୨୧-୨୨ ମସିହାରୁ ୫୦ ଲକ୍ଷ ଟଙ୍କା ବିନିମୟରେ ଭାରତ ବର୍ଷର

ପ୍ରଥମ ଭ୍ରମ୍ୟମାଣ ପାଇରୋଲାଇଜର ପ୍ଲାଣ୍ଟ ନିର୍ମାଣ କରାଯାଇଥିଲା,ଏହା ଦ୍ୱାରା ଏଣେ ତେଣେ ପଡି ରହୁଥିବା କାଠି କୁଟା ପାଳ ଏବଂ ମକା ନାଡ଼ରୁ ରନ୍ଧନ ଗ୍ୟାସ, ଜୈବିକ ସାର, ପିଚୁ ଭଳି ବହୁ ସାମଗ୍ରୀ ବାହାରି ପାରିଥାନ୍ତା ଏବଂ ଏହି କ୍ଷୁଦ୍ର ଶିଳ୍ପରୁ କିଛି ଲୋକଙ୍କୁ ରୋଜଗାର ମଧ୍ୟ ମିଳିପାରନ୍ତା ହେଲେ ପ୍ରଶାସନର ଅବହେଳା ଯୋଗୁଁ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଏବେ କଳଙ୍କି ଖାଇଗଲାଣି ।ଆଜି ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ପ୍ଲାଣ୍ଟ ପରିଦର୍ଶନ କରି ସ୍ଥିତି ଦେଖି ବିରକ୍ତି ପ୍ରକାଶ କରିଥିଲେ । ଶୀଘ୍ର ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରିବା ସହ ସ୍ଥାନୀୟ ଯୁବକ-ଯୁବତୀଙ୍କ ପାଇଁ ରୋଜଗାର ସୁଯୋଗ ସୃଷ୍ଟି କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଦେଖିବାକୁ ମିଳିଛି ।

ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

ଭୁବନେଶ୍ୱର,୨୪।୬(ନି.ପ୍ର.); ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ମାଳତୀପାଟପୁର ଏବଂ ପୁରୀ ଷ୍ଟେସନ ମଧ୍ୟରେ ଚାଲିଥିବା ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ହେତୁ କିଛି ଟ୍ରେନ୍ ଚଳାଚଳକୁ ସାମୟିକ ଭାବେ ନିୟନ୍ତ୍ରଣ କରାଯାଇଛି । ଭିତ୍ତିଭୂମିର ଉନ୍ନତି ଏବଂ ଭବିଷ୍ୟତରେ ଅଧିକ ନିରାପଦ ଓ ସୁବିଧାଜନକ ରେଳ ପରିଚାଳନା ପାଇଁ ଏହି ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଟ୍ରେନଗୁଡ଼ିକର ଆଂଶିକ ବାତିଲ/ ସଂକ୍ଷିପ୍ତ-ଉତ୍ପତ୍ତି-ଏହା ସହିତ, ନିମ୍ନଲିଖିତ ଟ୍ରେନ୍ ଗୁଡ଼ିକ ୨୫ ଓ ୨୬ ଜୁନ୍ ୨୦୨୬ ରେ ଆଂଶିକ ବାତିଲ/ ସଂକ୍ଷିପ୍ତ-ଉତ୍ପତ୍ତି ହେବ ।ଞ୍ଚ ଟ୍ରେନ୍ ନଂ. ୨୨୨୦୧ ଶିଆଲଦା-ପୁରୀ ଦୁରନ୍ତ ଏକ୍ସପ୍ରେସ୍ ୨୫ ଜୁନ୍ ୨୦୨୬ରେ ପୁରୀ ପରିବର୍ତ୍ତ ? ମାଳତୀପାଟପୁର ପର୍ଯ୍ୟନ୍ତ ଚାଲିବ ଏବଂ ଟ୍ରେନ୍ ନଂ. ୨୨୨୦୨ ପୁରୀ-ଶିଆଲଦା ଦୁରନ୍ତ ଏକ୍ସପ୍ରେସ୍ ୨୬ ଜୁନ୍ ୨୦୨୬ରେ ପୁରୀ ପରିବର୍ତ୍ତ ? ମାଳତୀପାଟପୁରରୁ ଛାଡ଼ିବ ।ସେହିପରି, ଟ୍ରେନ୍ ନଂ. ୧୮୧୨୫ ରାଉରକେଲା-ପୁରୀ ଏକ୍ସପ୍ରେସ୍ ୨୫ ଜୁନ୍ ୨୦୨୬ରେ ପୁରୀ ପରିବର୍ତ୍ତ ? ଖୋର୍ଦ୍ଧା ରୋଡ୍ ପର୍ଯ୍ୟନ୍ତ ଚାଲିବ ଏବଂ ଟ୍ରେନ୍ ନଂ. ୧୮୧୨୬ ପୁରୀ-ରାଉରକେଲା ଏକ୍ସପ୍ରେସ୍ ୨୬ ଜୁନ୍ ୨୦୨୬ରେ ପୁରୀ ପରିବର୍ତ୍ତ ? ଖୋର୍ଦ୍ଧା ରୋଡରୁ ଛାଡ଼ିବ । ୨୬ ଜୁନ୍ ୨୦୨୬ରେ ଟ୍ରେନ୍ ନଂ. ୬୮୪୨୧ ଅନୁଗୁଳ-ପୁରୀ ପାସେଞ୍ଜର ପୁରୀ ପରିବର୍ତ୍ତ ? ଖୋର୍ଦ୍ଧା ରୋଡ୍ ପର୍ଯ୍ୟନ୍ତ ଚାଲିବ ଏବଂ ଟ୍ରେନ୍ ନଂ. ୬୮୪୨୨ ପୁରୀ-ଅନୁଗୁଳ ପାସେଞ୍ଜର ମଧ୍ୟ ଖୋର୍ଦ୍ଧା ରୋଡରୁ ଛାଡ଼ିବ ।ଆହୁରିମଧ୍ୟ, ୨୬ ଜୁନ୍ ୨୦୨୬ରେ ଟ୍ରେନ୍ ନଂ. ୬୮୪୪୧ ଜଳେଶ୍ୱର-ପୁରୀ ପାସେଞ୍ଜର ପୁରୀ ପରିବର୍ତ୍ତ ? ଖୋର୍ଦ୍ଧା ରୋଡ୍ ପର୍ଯ୍ୟନ୍ତ ଚାଲିବ ଏବଂ ଟ୍ରେନ୍ ନଂ. ୬୮୪୪୨ ପୁରୀ-ଜଳେଶ୍ୱର ପାସେଞ୍ଜର ମଧ୍ୟ ଖୋର୍ଦ୍ଧା ରୋଡରୁ ଛାଡ଼ିବ ।୨୬ ଜୁନ୍ ୨୦୨୬ରେ ଟ୍ରେନ୍ ନଂ. ୬୮୪୫୦ ଦଶପଲ୍ଲା-ପୁରୀ ପାସେଞ୍ଜର ପୁରୀ ପରିବର୍ତ୍ତ ? ଖୋର୍ଦ୍ଧା ରୋଡ୍ ପର୍ଯ୍ୟନ୍ତ ଚାଲିବ ଏବଂ ଟ୍ରେନ୍ ନଂ. ୬୮୪୪୯ ପୁରୀ-ଦଶପଲ୍ଲା ପାସେଞ୍ଜର ମଧ୍ୟ ଖୋର୍ଦ୍ଧା ରୋଡରୁ ଛାଡ଼ିବ ।

ଟ୍ରେନଗୁଡ଼ିକର ସମୟ ପରିବର୍ତ୍ତନ -୨୬ ଜୁନ୍ ?ରେ ଯାତ୍ରା ଆରମ୍ଭ କରୁଥିବା ଟ୍ରେନ୍ ନଂ. ୨୦୮୩୬ ପୁରୀ-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍ ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟା ୩୦ ମିନିଟ୍ ବିଳମ୍ବରେ ଛାଡ଼ିବ ।୨୫ ଜୁନ୍ ?ରେ ଯାତ୍ରା ଆରମ୍ଭ କରୁଥିବା ଟ୍ରେନ୍ ନଂ. ୧୮୪୦୯ ଶାଲିମାର-ପୁରୀ ଏକ୍ସପ୍ରେସ୍ ନିର୍ଦ୍ଧାରିତ ସମୟଠାରୁ ୩ ଘଣ୍ଟା ବିଳମ୍ବରେ ଛାଡ଼ିବ ।୨୫ ଜୁନ୍ ?ରେ ଯାତ୍ରା ଆରମ୍ଭ କରୁଥିବା ଟ୍ରେନ୍ ନଂ. ୧୨୮୮୧ ଶାଲିମାର-ପୁରୀ ଏକ୍ସପ୍ରେସ୍ ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟା ୩୦ ମିନିଟ୍ ବିଳମ୍ବରେ ଛାଡ଼ିବ ।୨୪ ଜୁନ୍ ?ରେ ଯାତ୍ରା ଆରମ୍ଭ କରୁଥିବା ଟ୍ରେନ୍ ନଂ. ୧୨୮୦୨ ଆନନ୍ଦ ବିହାର ଟର୍ମିନାଲ-ପୁରୀ ଏକ୍ସପ୍ରେସ୍ ନିର୍ଦ୍ଧାରିତ ସମୟଠାରୁ ୨ ଘଣ୍ଟା ୩୦ ମିନିଟ୍ ବିଳମ୍ବରେ ଛାଡ଼ିବ ।୨୫ ଜୁନ୍ ?ରେ ଯାତ୍ରା ଆରମ୍ଭ କରୁଥିବା ଟ୍ରେନ୍ ନଂ. ୧୮୪୫୦ ପାଟନା-ପୁରୀ ଏକ୍ସପ୍ରେସ୍ ନିର୍ଦ୍ଧାରିତ ସମୟଠାରୁ ୫ ଘଣ୍ଟା ବିଳମ୍ବରେ ଛାଡ଼ିବ ।ଯାତ୍ରୀମାନଙ୍କୁ ଟ୍ରେନ୍ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍' (ଘଞ୍ଚରଞ୍ଚ) କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ୍ ଯାଞ୍ଚ କରିପାରିବେ ।

ଇଭିଏମ ଓ ଭିଭିପାଟ୍‌ର ଯାଞ୍ଚ

ନବରଙ୍ଗପୁର,୨୪।୬(ନି.ପ୍ର): ଜିଲ୍ଲାର ଇଭିଏମ ଓ ଭିଭିପାଟ୍ ଗୋଦାମର ତ୍ରୈମାସିକ ମିଳିତ ଯାଞ୍ଚ ଅନୁଷ୍ଠିତ ହୋଇଛି । ଏହି ଯାଞ୍ଚରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ଏସ୍. ଗୋପାଳନ ଉପସ୍ଥିତ ରହି ସମସ୍ତ ପ୍ରକ୍ରିୟାର ତଦାରଖ କରିଥିଲେ ।ଯାଞ୍ଚ ସମୟରେ ଗୋଦାମର ସିଲ, ସୁରକ୍ଷା ବ୍ୟବସ୍ଥା, ଓ ସି ସି ଟି ଭି କାର୍ଯ୍ୟକ୍ଷମତା ଯାଞ୍ଚ କରାଯାଇଥିଲା । ମାନ୍ୟତାପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ ଏବଂ ସମଗ୍ର ପ୍ରକ୍ରିୟାର ଭିଡିଓ ରେକର୍ଡିଂ କରାଯାଇଛି ।ମୁଖ୍ୟ

ନିର୍ବାଚନ ଅଧିକାରୀ ଜିଲ୍ଲାର ସ୍ୱତନ୍ତ୍ର ସଂଘନ ସଂଶୋଧନ ପ୍ରକ୍ରିୟାର ସମୀକ୍ଷା କରିଥିଲେ । ଜିଲାରେ ବର୍ତ୍ତମାନ ସୁଦ୍ଧା ଶତକଡା ୯୨ ଭାଗ ଡିଜିଲାଇଜେଶନ କାର୍ଯ୍ୟ ସମ୍ପନ୍ନ ହୋଇଛି ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜୁ ଜନତା ଦଳର ପ୍ରତିନିଧି ପ୍ରମୋଦ ରଥ, ବିଜେପି ଦଳର ପ୍ରତିନିଧି ଭାବେ ସରୋଜ କୁମାର ବେହେରା, ଜିଲ୍ଲା କଂଗ୍ରେସ ଦଳର ପ୍ରତିନିଧି ଭାବେ ଡ଼. ଲିପିକା ମାଝୀ ଏବଂ ପ୍ରଦୀପ କୁମାର ସାହୁ,ପୂର୍ବତନ ଜିଲ୍ଲା ସଭାପତି ମୁନା ତ୍ରିପାଠୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଡ ମହେଶ୍ୱର ସ୍ୱାଇଁ,ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ଡ. ପ୍ରମୋଦ କୁମାର ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ,ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର,ଡେପୁଟି କଲେକଟର ଚିନ୍ମୟ କୁମାର ସାହୁ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି



ନବରଙ୍ଗପୁର,୨୪।୬(ନି.ପ୍ର.): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରବି ସିଂ ମାଝୀ ଙ୍କ ପୁଣ୍ୟ ତିଥି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ନବରଙ୍ଗପୁର ଜିଲ୍ଲା ର ରାଇଘର ବ୍ଲକ ର ଚିତ୍ର କୋଟ ଠାରେ ସ୍ୱର୍ଗତ ରବି ସିଂ ଫୋଟ ଚିତ୍ର ରେ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିବା ଅମର ଆତ୍ମା ର ସଦଗତି କାମନା କରିଥିଲେ । ଏହା ସହ ଉମରକୋଟ ରେ ଥିବା ରବିସିଂ ମାଝୀ ଙ୍କ ଝରୀଗାଁ ରୋଡ଼ ସ୍ଥିତ ପ୍ରତିମୂର୍ତ୍ତି କୁ ସାଂସଦ ବଳଭଦ୍ର ମାଝୀ ମାଲ୍ୟାର୍ପଣ ଦେବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ବରିଷ୍ଠ ବିଜେପି ନେତ୍ରୀ ପ୍ରୀତିସ୍ନିଗ୍ଧା ମହାପାତ୍ରଏବଂ ଅନ୍ୟ ମାନେ ଉପସ୍ଥିତ ଥିଲେ ।

ପ୍ରଦେଶ କଂଗ୍ରେସ ସେବାଦଳ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର: ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସେବାଦଳ ଅଧ୍ୟକ୍ଷ ଶ୍ରୀ ଶୁଭେନ୍ଦୁ ମହାନ୍ତି ଅଧ୍ୟକ୍ଷତା କରି କହିଲେ ଯେ ସେବାଦଳ କଂଗ୍ରେସ ଦଳର ଏକ ଆଗୁଆ ବାହିନୀ । ଦଳୀୟ ସଂଗଠନର ପ୍ରତ୍ୟେକ କାର୍ଯ୍ୟକ୍ରମରେ ସେବାଦଳ ଅଂଶଗ୍ରହଣ କରି ତାର ପରାକାଷ୍ଠା ଦେଖାଇଛି । ଆଗାମୀ ଦିନରେ ସେବାଦଳକୁ କିଭଳି ଆହୁରି ସୁଦୃଢ଼ କରାଯାଇପାରିବ ସେ ସମ୍ପର୍କରେ ସେ ଉପସ୍ଥିତ ପଦାଧିକାରୀଙ୍କ ମତାମତ ଆହ୍ୱାନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ନିଜର ମତ ରଖି ପୂର୍ବତନ ମନ୍ତ୍ରୀ ଶ୍ରୀ ପଞ୍ଚାନନ କାନୁନଗୋ ଓ ଶ୍ରୀ ସୁରେଶ କୁମାର ରାଉତରାୟ ଏବଂ ପୂର୍ବତନ ବିଧାୟକ ଶ୍ରୀ ଚିନ୍ମୟ ପ୍ରସାଦ ବେହୁରା କହିଲେ ଯେ ସ୍ୱାଧୀନତା ପୂର୍ବରୁ କଂଗ୍ରେସ ଦଳର ଏକ ଅଙ୍ଗ ଭାବରେ ସେବାଦଳ କାର୍ଯ୍ୟକରି ଆସୁଛି । ବର୍ତ୍ତମାନ ପ୍ରତ୍ୟେକ ପଞ୍ଚାୟତ ଓ ଗ୍ରାମରେ ସେବାଦଳର କର୍ମୀମାନେ ସକ୍ରୀୟ ଭାବରେ କାର୍ଯ୍ୟକରୁଛନ୍ତି । ଏହାକୁ ଅଧିକ ସଂଗଠିତ କରିବାକୁ ନୂତନ କର୍ମୀମାନଙ୍କୁ ଚୟନ କରି ପ୍ରଶିକ୍ଷଣ ଶିବିର ଆୟୋଜନ ହେବା ନିହାତି ଦରକାର । ସେବାଦଳ ଦୃଢ଼ିଭୁତ ହୋଇପାରିଲେ କଂଗ୍ରେସ ସୁଦୃଢ଼ ହେବବୋଲି ମତ ଦେଇଥିଲେ । ସେବାଦଳ ପ୍ରଭାରୀ ଶ୍ରୀ ନରେନ୍ଦ୍ର ଭଞ୍ଜ କହିଲେ ଯେ ଅତିତରେ ସେବାଦଳ ଅନେକ ପରାକାଷ୍ଠା ଦେଖାଇଛି । ବର୍ତ୍ତମାନ ନୂତନ ଯୁବକ ଯୁବତୀ ମାନଙ୍କୁ ପ୍ରଶିକ୍ଷିତ କରାଯାଇ ସେମାନଙ୍କୁ ସେବାଦଳର ନୀତି, ନିୟମ ଓ ଶୃଙ୍ଖଳା ସମ୍ପର୍କରେ ଅବଗତ କରାଯିବା ଦରକାର । ସେଥିପାଇଁ ପ୍ରଥମେ ରାଜ୍ୟସ୍ତରରେ ପ୍ରତ୍ୟେକ ଜିଲ୍ଲାରୁ ୧୦ ରୁ ୧୫ ଜଣ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ଦିଆଯିବ ଓ ପରେ ପ୍ରତ୍ୟେକ ଜିଲ୍ଲାୱାରି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସଦାଶିବ ମହାପାତ୍ର, ମୁନୁ ସରାଫ, ବିଜୟଲକ୍ଷ୍ମୀ ମହାପାତ୍ର, ମନୋଜ ସାହୁ, ପ୍ରୀତିଷ ପଟ୍ଟନାୟକ, ଅବିନାଶ ମିଶ୍ର ପ୍ରମୁଖ ଗଠନମୂଳକ ପରାମର୍ଶ ପ୍ରଦାନ କରିଥିଲେ ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ କଂଗ୍ରେସ ଭବନ ପରିସରରେ ଦଳୀୟ ପତାକା ଉତ୍ତୋଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶ୍ରୀ ଜ୍ୟୋତିଷ କୁମାର ସାହୁ ପରିଚାଳନା କରିଥିଲେ ଏବଂ ଏମଡି ସାହାଦୁଲ୍ଲା, ଉଷାରାଣୀ ବେହେରା ଓ କୁଳମଣି ସାହୁ ସହଯୋଗ କରିଥିଲେ । ବୈଠକରେ ପରଲୋକ ଗମନ କରିଥିବା ସେବାଦଳର ପଦାଧିକାରୀ ଓ କର୍ମକର୍ତ୍ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ନଳିନୀ ବେହେରା ଶୋକ ପ୍ରସ୍ତାବ ଆଗତ କରିଥିଲେ । ପରଲୋକଗତ ଆତ୍ମାର ସଦଗତି ନିମନ୍ତେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ଜାତୀୟ ସଂଗୀତ ଗାନ କରାଯାଇ ସଭା ସାଂଗ କରାଯାଇଥିଲା । ପରେ ସେବାଦଳର ଏକ ଶୋଭାଯାତ୍ରା କଂଗ୍ରେସ ଭବନରୁ ବାହାରି ସହର ପରିକ୍ରମା କରିଥିଲେ । ଏହି କାର୍ଯ୍ୟକ୍ରମକୁ କଂଗ୍ରେସ ନେତା ଶ୍ରୀ ଦୀପକ କୁମାର ସାହୁ ଓ ମିହିର ରଞ୍ଜନ ଆଚାର୍ଯ୍ୟ ସହଯୋଗ କରିଥିଲେ ।

ହୋଟେଲ ଲିଜ ଧାରୀଙ୍କୁ ହତ୍ୟା, ଅଭିଯୁକ୍ତକୁ ଏନକାଉଣ୍ଟର

ପୁରୀ ସ୍ନାନଯାତ୍ରା ପୂର୍ବରୁ ପୁରୀରେ ଗଡ଼ିଛି ମୁଣ୍ଡ । ହୋଟେଲ ଲିଜ ଧାରୀଙ୍କୁ ଜୀବନରେ ମାରିଦେଲା ମ୍ୟାନେଜର ।ଗ୍ରାହକଙ୍କୁ ରୁମ୍ ସର୍ଭିସ ନଦେବାକୁ ନେଇ ହୋଇଥିବା ଝିମିଟି ଖେଳରୁ ହୋଇଥିଲା ମହାଭାରତ ।ଅଭିଯୁକ୍ତ ଚନ୍ଦନ ପଲ୍ଲାଇ କୁ ଏନକାଉଣ୍ଟର କଲା ପୁରୀ ପୋଲିସ୍ ।ଏବେ ଚିନ୍ମୟ ପଲ୍ଲାଇ କୁ ଖୋଜୁଛି ପୋଲିସ୍ ।ଘଣ୍ଟାକ ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟ ପାଲଟିଥିଲା ଉତ୍ତ ?ଜନା ସ୍ଥଳ ।ଅଭିଯୁକ୍ତ କୁ ନିଜେ ସଜା ଦେବାପାଇଁ ଅଡିବସିଥିଲେ କୋହ ଜର୍ଜରିତ ମୃତ ପରିବାର । ରକ୍ତ ଜୁଡୁବୁଡୁ ମୋବାଇଲ କଲ୍ ଡିଟେଲ୍ସ ରୁ ମିଳିଲା ଆହୁରି ଅଧିକ ତଥ୍ୟ । ବିଶ୍ୱପ୍ରସିଦ୍ଧ ସ୍ନାନ ଯାତ୍ରାକୁ ଆଉ ମାତ୍ର ୯୬ ଘଣ୍ଟା ବାକି ରହିଛି ।ହେଲେ ସେ ସ୍ନାନଯାତ୍ରା ପୂର୍ବରୁ ପୁରୀରେ ମୁଣ୍ଡ ଗଡ଼ିଛି ।ଜଣେ ହୋଟେଲ ଲିଜ ଧାରୀଙ୍କୁ ଓୟୋ ମ୍ୟାନେଜର ଜୀବନରେ ମାରିଦେବାପରେ , ପୋଲିସ୍ ର ମୁଣ୍ଡବିନ୍ଧା ବଢ଼ିଛି ।ଜଣଙ୍କୁ ପୋଲିସ ଏନକାଉଣ୍ଟର କରିଥିବା ବେଳେ ଆଉ ଦୁଇ ଜଣ ଙ୍କୁ ଏବେ ବି ଖୋଜୁଛି ପୋଲିସ୍ । ମୃତକ ହେଉଛନ୍ତି ୩୨ ବର୍ଷୀୟ ପବିତ୍ରନାୟକ ଓରଫ ପବନା ।ପ୍ରାଥମିକ ସୂଚନା ଅନୁଯାୟୀ,ପୁରୀ ବଳିଆପଣ୍ଡା ଧବଳେଶ୍ୱର ରୋଡ ରେ ଥିବା ମନୋରମା ହୋଟେଲ କୁ ଲିଜ ରେ ନେଇଥିଲେ ।ଏବଂ ତାକୁ ଓୟୋ ହୋଟେଲ କୁ ଦେଇଥିଲେ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, 8895722489, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ